


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୩୨୪ ● ୨୨ ଡିସେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-324 ● 22nd December 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ-୨୦୨୫ର ଚତୁର୍ଥ ସନ୍ଧ୍ୟା

# ବିଭିନ୍ନ ପ୍ରକଳ୍ପ ପାଇଁ ୫୪୫ କୋଟି ଟଙ୍କାର ଭେଟି ଦେଲେ ମୁଖ୍ୟମନ୍ତ୍ରୀ

**କୋରାପୁଟ, ୨୧।୧୨**

**ନ୍ୟୁଜ୍**



୧୯୯୬ ମସିହାରୁ କୋରାପୁଟର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରି ରଖିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ପରବ ତା'ର ସଫଳ ପ୍ରୟାସ ଜାରି ରଖିଛି । ସାମାଜିକ ଓ ସାଂସ୍କୃତିକ ଚେତନାକୁ ଜାଗ୍ରତ କରିବା ସହିତ ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ଏହି ମହୋତ୍ସବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ-୨୦୨୫ ର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ପାଇଁ ୫୪୫ କୋଟି ଟଙ୍କା ମୂଲ୍ୟର ୮୬ ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏଥିରେ ୨୪ କୋଟି ଟଙ୍କା ମୂଲ୍ୟର ୧୬ ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୫୨୧ କୋଟି ଟଙ୍କା ମୂଲ୍ୟର ୭୦ ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ସବୁ ପ୍ରକଳ୍ପ ମଧ୍ୟରେ ଜଳସେଚନ, ସ୍ୱାସ୍ଥ୍ୟସେବା କେନ୍ଦ୍ର, କ୍ଷୁଦ୍ର ଶିଳ୍ପ, ଅର୍ବାନ ହଷ୍ଟେଲ, ବ୍ରିଜ, ରୋଡ୍‌, ମିଶନ ଶକ୍ତି ଭବନ, ବନ ସୁରକ୍ଷା ସମିତି ବିଲ୍ଡିଂ, ଅତିରିକ୍ତ ଶ୍ରେଣୀ ଗୃହ ଆଦି ଅନେକ ପ୍ରକଳ୍ପ ରହିଛି । ଏହି ସବୁ ପ୍ରକଳ୍ପ ଗୁଡିକ କୋରାପୁଟର ବିକାଶକୁ ଆଗେଇ ନେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମଞ୍ଚରେ ଆୟୋଜିତ ଏହି ୫ ଦିନିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି *(ପୃଷ୍ଠା ୭ରେ)*

# 'ଭିବି-ଜି ରାମ ଜି' ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୧୨**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ବିକଶିତ ଭାରତ-ନିଯୁକ୍ତି ଏବଂ ଆଜୀବିକା ମିଶନ (ଗ୍ରାମୀଣ) ଗ୍ୟାରେଣ୍ଟି ବିଲ୍ ଭିବି-ଜି ରାମ-ଜି ୨୦୨୫କୁ ଅନୁମୋଦନ କରିଛନ୍ତି । ରାଷ୍ଟ୍ରପତିଙ୍କ ସମ୍ମତି କ୍ରମେ ବିଲ୍ ଆଇନରେ ପରିଣତ ହୋଇଛି । ପୂର୍ବରୁ ଏହା ସଂସଦର ଉଭୟ ଗୃହ ଦ୍ୱାରା ଗୃହୀତ ହୋଇଥିଲା । ନୂତନ ଆଇନ ବର୍ତ୍ତମାନ ଗ୍ରାମୀଣ ପରିବାରଗୁଡ଼ିକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ବୈଧାନିକ ମଜୁରୀ ନିଯୁକ୍ତିର ଗ୍ୟାରେଣ୍ଟି ଦେବ, ଯାହା ପୂର୍ବ ୧୦୦ ଦିନ ଥିଲା ।

ସରକାର ଆସନ୍ତା ବର୍ଷ ୧ ଏପ୍ରିଲ (୨୦୨୬) ଠାରୁ ଏହି ବିଲ୍ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିବା ଜଣାପଡିଛି । ଏହି ପ୍ରସ୍ତାବିତ ଆଇନ ୨୦ ବର୍ଷ ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନକୁ ବଦଳାଇବ । ଏହି ବିଲ୍ ଅନୁଯାୟୀ, ନିଯୁକ୍ତିର ବୈଧାନିକ ଗ୍ୟାରେଣ୍ଟି ବର୍ତ୍ତମାନ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅନୁଯାୟୀ, ଏହି ବିଲ୍ ମନରେଗାକୁ ବଦଳାଇଥାଏ ଏବଂ ଏକ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ଡିଜାଇନ୍ କରାଯାଇଛି । ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳରେ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ।

ଆଇନର ବ୍ୟବସ୍ଥା ଅନୁଯାୟୀ, ଇଚ୍ଛୁକ ଗ୍ରାମୀଣ ପରିବାରଗୁଡ଼ିକୁ ସର୍ବନିମ୍ନ ୧୨୫ ଦିନର ନିଯୁକ୍ତି ପ୍ରଦାନ କରିବା ପାଇଁ ସରକାର ସାମ୍ବିଧାନିକ ଭାବରେ ଦାୟୀ ରହିବେ । ମଜୁରୀ ପ୍ରଦାନ ସପ୍ତାହିକ କିମ୍ବା ସର୍ବାଧିକ ୧୫ ଦିନ ମଧ୍ୟରେ ବାଧ୍ୟତାମୂଳକ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ପ୍ରଦାନ ନ ହେଲେ ମଜୁରୀ ପ୍ରଦାନରେ ବିଳମ୍ବ ପାଇଁ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ଅଛି ।

# ନଦୀରେ ଛାତ୍ରଛାତ୍ରୀଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' ଆଲୋଚନା କଲେ ମୋଦୀ

**ନୂଆଦିଲ୍ଲୀ, ୨୧।୧୨**





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଆସାମ ଗସ୍ତ ସମୟରେ ବ୍ରହ୍ମପୁତ୍ର ନଦୀରେ ତିନି ଡେକ୍ ବିଶିଷ୍ଟ କ୍ରୁଜ୍ ଜାହାଜରେ ୨୫ ଜଣ ଛାତ୍ରଛାତ୍ରୀଙ୍କ ସହିତ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆସାମ ଗସ୍ତର ଦ୍ୱିତୀୟ ଦିନରେ ରବିବାର ସକାଳେ ଏକ କ୍ରୁଜ୍ ଜାହାଜରେ ବ୍ରହ୍ମପୁତ୍ର ନଦୀରେ ଯାତ୍ରା କରିଥିଲେ । ଏହି ଯାତ୍ରାରେ ସେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଆସାମର ବିଭିନ୍ନ ବିଦ୍ୟାଳୟର ମୋଟ ୨୫ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । 'ଏମ୍ ଭି ଚରାଇଦେଓ୍ୱ ୨' ନାମକ କ୍ରୁଜ୍ ଜାହାଜରେ ପ୍ରାୟ ୪୫ ମିନିଟ୍ ଏହି ଆଲୋଚନା କରିଛନ୍ତି ଶ୍ରୀ ମୋଦୀ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା *(ପୃଷ୍ଠା ୭ରେ)*

# ବିଏସ୍‌ଏଫ କନଷ୍ଟେବଲ ନିଯୁକ୍ତିରେ ଅଗ୍ନିବୀରଙ୍କୁ ମିଳିବ ୫୦% ସଂରକ୍ଷଣ

**ନୂଆଦିଲ୍ଲୀ, ୨୧।୧୨**

କେନ୍ଦ୍ର ସରକାର ସୀମା ସୁରକ୍ଷା ବାହିନୀର ନିଯୁକ୍ତି ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣି ସାଧାରଣ ଡ୍ୟୁଟି କ୍ୟାଡର ସହିତ ଜଡିତ ନିୟମଗୁଡ଼ିକୁ ସଂଶୋଧନ କରିଛନ୍ତି । ସୀମା ସୁରକ୍ଷା ବାହିନୀ ଆଇନ, ୧୯୬୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏହି ନିଷ୍ପତ୍ତି ନିଆଯାଇଛି । ସୀମା ସୁରକ୍ଷା ବାହିନୀ, ସାଧାରଣ ଡ୍ୟୁଟି କ୍ୟାଡର (ଅଣ-ଗେଜେଟେଡ) ନିଯୁକ୍ତି (ସଂଶୋଧନ) ନିୟମ, ୨୦୨୫ ନାମରେ ନୂତନ ନିୟମ, ଡିସେମ୍ବର ୧୮, ୨୦୨୫ରେ କାର୍ଯ୍ୟକାରୀ ହୋଇଥିଲା ।

ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଲାଭ ଅଗ୍ନିବୀର ଯୋଜନା ଅଧୀନରେ ସେବା କରିଥିବା ଯୁବକମାନଙ୍କୁ ମିଳିବ । ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ବିଏସ୍‌ଏଫରେ ବାର୍ଷିକ ନିଯୁକ୍ତି ପ୍ରକ୍ରିୟାରେ ଖାଲି ପଦବୀର ଅଧା ପଦବୀ ଏବେ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ସଂରକ୍ଷିତ ରହିବ । ସରକାର ବିଶ୍ୱାସ କରନ୍ତି ଯେ ଏହା ପୂର୍ବରୁ ତାଲିମପ୍ରାପ୍ତ ଏବଂ ଶୃଙ୍ଖଳିତ ଯୁବକମାନଙ୍କୁ ସୁରକ୍ଷା ବାହିନୀରେ ସ୍ଥାୟୀ କ୍ୟାରିଅର କରିବାର *(ପୃଷ୍ଠା ୭ରେ)*


KIIT Nanhipari

Little Miss India 2025

Silver Jubilee Celebration

22nd -23rd Dec. 2025 | KIIT University, Bhubaneswar

Presented by

KIIT School of Mass Communication

KIIT School of Fashion Technology | KIIT School of Film and Media Sciences

Reigning Beauty Queens to Grace the Occasion



Ms. Nikita Porwal
Femina Miss India World 2024



Ms. Rekha Pandey
1st Runner-up, Femina Miss India 2024



Ms. Nandini Gupta
Femina Miss India World 2023

25 SILVER JUBILEE CELEBRATION

KIIT NANHIPARI LITTLE MISS INDIA 25th Edition

Scholarships Worth ₹56 Lakhs await the WINNERS

Scholarship for the WINNERS

01 Winner ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT

02 1st Runner Up ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

03 2nd Runner Up ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS | 26 STATES | 5000+ PARTICIPANTS | 10+ COMPETITIONS

• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

**About KIIT Nanhipari :** Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

TEN CATEGORIES with Prize money Rs. 20,000/- Each Category

- Miss Rapunzel – Girl with most beautiful hair
- Miss Photogenic – Girl with best pose in Photoshoot round
- Miss Selfie – Maximum likes on facebook page
- Miss Fashion – Girl with best costume in both rounds
- Miss Whizkid – Girl with highest marks in quiz round
- Miss Cinderella – A graceful walk & pose and a positive attitude
- Miss Personality – Sharp intelligence, confidence & communication skills
- Miss Monalisa – Most beautiful girl with most beautiful smile
- Miss Active – Most active girl in Sports round
- Miss Urvasi – Girl with Best Talent

Gold Sponsors: SNM S.N. Mohanty | Swastik Assets Private Limited | evos Spreading Love | MGM Minerals Ltd.

Grooming by: indulge The Salon

Event Partner: Xpose | Radio Partner: 90.0FM Kalinga Bharati

Media Partner: Kalinga TV | Digital Partner: KWIK Odisha

KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in





# ପିଲାମାନଙ୍କ ମଧ୍ୟରେ ଅଫୁରନ୍ତ ଆଶା ଓ ଆନନ୍ଦ ଆଣିଦିଏ ସରଗି ଫୁଲ : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପିଲାମାନଙ୍କ ମଧ୍ୟରେ ଅଫୁରନ୍ତ ଆଶା ଓ ଆନନ୍ଦ ଆଣି ଦେବାରେ ସହାୟକ ହୁଏ ସରଗି ଫୁଲ ମହୋତ୍ସବ। ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି କ୍ଷମତା ବହନ କରୁଛନ୍ତି। ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କ ଦକ୍ଷତାକୁ ଅଧିକ ବିକଶିତ କରିବା ନିମନ୍ତେ ଏହି ମହୋତ୍ସବ ଏକ ଅଭିନବ ମାଧ୍ୟମ ହେବ ବୋଲି ସରଗି ଫୁଲ ଉଦ୍‌ଘାଟନୀ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।





ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଆନୁକୂଲ୍ୟର ଏହି ଉତ୍ସବ ଆୟୋଜିତ ହେଉଛି। ଅନ୍ୟ ଅତିଥି ଭାବେ ବିଭାଗର ଶାସନ ସଚିବ ବି.ପରମେଶ୍ୱରନ କହିଥିଲେ ଯେ, ଏହି ଉତ୍ସବ ଛାତ୍ରଛାତ୍ରୀମାନଙ୍କ ପାଇଁ ଯେତେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ମଧ୍ୟ ସେତେ ଉପଯୋଗୀ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ୨୦୨୫ ଦଶମ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୧୦ ଜଣ ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ ସହ ସ୍ମାରକୀ ଓ ପୁସ୍ତକ ପ୍ରଦାନ କରିଛନ୍ତି। ୩ ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଆୟୋଜନ କରାଯାଇଛି।

ଏଥିରେ ବିଭାଗର ଶାସନ ସଚିବ ବି.ପରମେଶ୍ୱରନ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର ମୀଣା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ପଛୁଆବର୍ଗ ନିର୍ଦ୍ଦେଶକ ଯଗଲେଶ୍ୱରୀ ଦାଶ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ସୁଧାକର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# 'ବରଗଡ଼ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ହେଉ'

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଏକ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରି ସହିତ ଜିଲ୍ଲା ହସ୍ପିଟାଲ ପରିସରରେ ୧୦୦ ଏମବିବିଏସ ସିଟ୍ କ୍ଷମତା ବିଶିଷ୍ଟ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ କୁମାର ପୁରୋହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡାଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।



ସେ ଚିଠିରେ ଲେଖିଛନ୍ତି, ବରଗଡ଼ ଜିଲ୍ଲା ତଥା ଜିଲାର ପଦମପୁର ଉପଖଣ୍ଡ ପଶ୍ଚିମ ଓଡ଼ିଶାର ସବୁଠାରୁ ପଛୁଆ ଏବଂ ଅନୁନ୍ନତ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏହି ଜିଲ୍ଲା କୃଷି ପ୍ରଧାନ ଅଟେ। ତେବେ ବିଭିନ୍ନ ସମୟରେ ଜିଲାର ରୋଗୀମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ହଟହଟାର ସମ୍ମୁଖୀନ ହୁଅନ୍ତି। ଗୁରୁତର ରୋଗୀମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର, ରାୟପୁର କିମ୍ବା ବିଶାଖାପାଟଣାକୁ ନେବାକୁ ପଡ଼ିଥାଏ। ଫଳରେ ରୋଗୀଙ୍କୁ ଆର୍ଥିକ ବୋଝ ହେବାକୁ ପଡ଼ିଥାଏ।

ସେହିପରି ଚିକିତ୍ସା ବିଳମ୍ବ ଯୋଗୁ ଜୀବନହାନି ଘଟିଥାଏ। ଅନ୍ୟପକ୍ଷରେ ବର୍ତ୍ତମାନ ଜିଲା ମୁଖ୍ୟ ହସ୍ପିଟାଲରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି। ପଦମପୁର, ଝାରବନ୍ଧ, ପାଇକମାଲ, ବିଜେପୁର, ଭଟଲି ଏବଂ ଅନେକ ସଂଲଗ୍ନ ବ୍ଲକର ଲୋକମାନେ ଏହି ହସ୍ପିଟାଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ଏହି ଦୃଷ୍ଟିରୁ ବରଗଡ଼ ଜିଲା ହସ୍ପିଟାଲକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବାକୁ ଏମ୍‌ପି ପୁରୋହିତ ଦାବି କରିଛନ୍ତି। ଏହା ସହିତ ଜିଲ୍ଲା ମୁଖ୍ୟ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ୧୦୦ ଏମବିବିଏସ ସିଟ୍ ସହିତ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ ସେ ଅନୁରୋଧ କରିଛନ୍ତି। ମେଡ଼ିକାଲ କଲେଜ ହେଲେ ଆଗାମୀ ଦଶନ୍ଧି ପାଇଁ ବିଶେଷଜ୍ଞ ଡାକ୍ତର ବାହାରିବେ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ ହେବ ବୋଲି ପୁରୋହିତ କହିଛନ୍ତି।

# ମୁଣ୍ଡ ଉପରେ ଅମୃତଭଣ୍ଡା ପଡ଼ି ମହିଳାଙ୍କର ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଜଣେ ମହିଳା ଅମୃତଭଣ୍ଡା ତୋଳିବା ସମୟରେ ତାଙ୍କର ଅମୂଲ୍ୟ ଜୀବନ ଚାଲିଯାଇଛି। ଗୋଛାପଡ଼ା ଗ୍ରାମର ଚନ୍ଦ୍ରକଳା ଦିଗାଳ ମଧ୍ୟାହ୍ନ ଭୋଜନ ପାଇଁ ଅମୃତଭଣ୍ଡା ତରକାରୀ କରିବାକୁ ଭାବିଥିଲେ। ଏଥିପାଇଁ ସେ ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳିବାକୁ ଯାଇଥିଲେ। ତେବେ ଅମୃତଭଣ୍ଡା ତାଙ୍କର ଜୀବନ ନେବ ବୋଲି ଚିନ୍ତା କରି ନଥିଲେ। ଗଛରୁ ତୋଳିବା ସମୟରେ ତାଙ୍କର ମୁଣ୍ଡ ଓ ଛାତିରେ କିଛି ଅମୃତଭଣ୍ଡା ଖସି ପଡ଼ିଥିଲା। ଘଟଣାସ୍ଥଳରେ ଚନ୍ଦ୍ରକଳା ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ଚନ୍ଦରାଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# କବିତା ସଂକଳନ 'ଲତାଗିରି ବନଗିରି' ପୁସ୍ତକ ଉନ୍ମୋଚିତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

କବି ଦୀନବନ୍ଧୁ ବେଜଙ୍କ କବିତା ସଂକଳନ ଲତାଗିରି ବନଗିରି ୭ମ ପୁସ୍ତକ ମେଳା, ଭୁବନେଶ୍ୱର ଠାରେ ପାଠକାର୍ପଣ ହୋଇଯାଇଛି। ଏହା କବିଙ୍କର ଦ୍ୱିତୀୟ ସଂକଳନ ଏହା ପୂର୍ବରୁ ତମସା ତୀରେ କବିତା ସଂକଳନ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ କରକମଳରେ ଉନ୍ମୋଚିତ ହୋଇ ପାଠକଙ୍କ ଭଲ ପାଇବା ସାଉଁଟି ପାରିଛି। ଲତାଗିରି ବନଗିରି କବିଙ୍କର ଏକ ନିଆରା ସଂକଳନ ଯେଉଁଥିରେ କବିଙ୍କର ଦକ୍ଷିଣ ପ୍ରବାସ ଭିତରେ ପ୍ରକୃତିର ନୈସର୍ଗିକ ଶୋଭାର ଅନୁଭବ ଓ ଆହରଣ ଫୁଟି ଉଠିଛି, ଓଡ଼ିଶାର ପାଣି ପବନର ମାଦକତାକୁ ପୁସ୍ତକ ଭିତରେ ବାନ୍ଧି ରଖିବା ସହିତ ସାହିତ୍ୟ ରେ ପାଠକଙ୍କୁ ଭାବ ପ୍ରବଣ କରିବାକୁ ଆପ୍ରାଣ ଚେଷ୍ଟା କରିଛନ୍ତି। ସପ୍ତମ ରାଜଧାନୀ ପୁସ୍ତକ ମେଳା -୨୦୨୫ ସାଧନା ଲେଖାଲେଖି ପ୍ରକାଶନୀ ସଂସ୍ଥାରର ପ୍ରଦର୍ଶନୀ ଷ୍ଟଲରେ ପ୍ରକାଶକ ଗୋବିନ୍ଦଙ୍କ ସଂଯୋଜନାରେ ପୁସ୍ତକ ଉନ୍ମୋଚନ ଉତ୍ସବ ବେଶ୍ ଉତ୍ସାହର ସହ ଅନୁଷ୍ଠିତ ହୋଇଥିଲା। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନରସିଂହ ମାଡ଼କାମୀ ବିଧାୟକ ମାଲକାନଗିରି, ବିଧାୟକ ନବରଙ୍ଗ ପୁର, ବିଧାୟକ ଡାବୁଗାଁ, ବିଧାୟକ ପାପଡ଼ାହାଣ୍ଡିଙ୍କ ଉପସ୍ଥିତିରେ ସପ୍ତମ ରାଜଧାନୀ ପୁସ୍ତକମେଳା-୨୦୨୫ ସାଧନା ଲେଖାଲେଖିର ଷ୍ଟଲଠାରେ ଶୁଭ ଉନ୍ମୋଚନ ହୋଇ ଯାଇଛି। ଏହି କବିତା ପୁସ୍ତକ ଲତାଗିରି ବନଗିରିର କବି ଶ୍ରୀ ବେଜଙ୍କ ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରି ଶ୍ରୀ ଗଣ୍ଡ କହିଥିଲେ କବିଙ୍କୁ ମୁଁ କୋରାପୁଟ ଲକ୍ଷ୍ମୀପୁର ସାହିତ୍ୟ ସଂସଦରେ ପୂର୍ବରୁ ସମ୍ବର୍ଦ୍ଧିତ କରିସାରିଛି ତାଙ୍କର ପ୍ରତିଭା ନିଶ୍ଚିତ ଭାବରେ ଅନନ୍ୟ, ସିଏ ଆହୁରି ଆଗକୁ ଯାଆନ୍ତୁ ଆଶୀର୍ବାଦ ରହିଛି, ପ୍ରକାଶ ଯୋଗ୍ୟ ଲକ୍ଷ୍ମୀପୁର ସାହିତ୍ୟ ସଂସଦ କୋରାପୁଟ ତରଫରୁ ୨୦୨୪ରେ ଶ୍ରୀ ବେଜଙ୍କୁ ଶ୍ରୀ ଗଣ୍ଡଙ୍କ କର କମଳରେ ସାହିତ୍ୟ ବିନ୍ଧାଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବାଲିମାଫିଆଙ୍କୁ ତାଗିଦପାଇଁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କଲା ଯୁବ କଂଗ୍ରେସ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରାଇ ବ୍ଲକ୍ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣୀ ଶିବିରରେ କୋରାଇ ଯୁବକଂଗ୍ରେସ ପକ୍ଷରୁ ବିଜୟ କୁମାର ବୋଇତାଇ, ଅମିତ୍ କୁମାର ଜେନା, ନିରଞ୍ଜନ ନାୟକ, ରବିପ୍ରକାଶ ନାୟକ, ସତ୍ୟପ୍ରକାଶ କୁଅଁର, ସଞ୍ଜୟ ନାୟକ ପ୍ରମୁଖ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇ ଥିଲା, ଯାହାକି କୋରାଇ ବ୍ଲକ୍ ଅଧୀନରେ ଥବା ବୈତରଣୀ ନଦୀ କୂଳରୁ ବେଆଇନ ଭାବେ ମେସିନ୍ ଦ୍ୱାରା ବାଲି ଉଠାଣ କରି ଶହ ଶହ ଭାରିଯାନ ବୋଝେଇ ଟ୍ରକ୍ ବୈତରଣୀ ରୋଡ ଠାରୁ ଭାୟା ତାରାକୋଟ ଦେଇ ମେଡିକାଲ ସମ୍ମୁଖ ମିନାବାଜାର ରାସ୍ତାରେ ଭାରିଜାନ ଗୁଡ଼ିକ ଯିବାଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଡାକ୍ତରଖାନାକୁ ଆସୁଥିବା ଆମ୍ବୁଲାନ୍ସ, ସ୍କୁଲ, କଲେଜ୍‌କୁ ଯାଉଥିବା ଛାତ୍ରଛାତ୍ରୀ





ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଏଠାରେ ସୂଚନା ଯୋଗ୍ୟ ଏହି ନଦୀ ବାଲିଘାଟ ଗୁଡିକରୁ ଯଥା– ରଣପୁର, ମୁକୁନ୍ଦପୁର, ଗମ୍ଭାରିଆ ଓ ନିସଂଗପୁର ଘାଟ ଗୁଡିକରେ ସରକାରଙ୍କର କୌଣସି ଅନୁମତି ନଥାଇ କିମ୍ବା ସିୟା, ଟିପି ଓ ପଲୁସନ୍‌ର ଅନୁମତି ନଥାଇ ବାଲିମାଫିଆମାନେ ବେଧଡ଼କରେ ଏହି ବାଲି ପଶ୍ଚିମବଙ୍ଗ ରପ୍ତାନି କରି ମାଲାମାଲ୍ ହେଉଛନ୍ତି ବୋଲି ଅଭିଯୋଗକାରୀମାନେ ଏଠାରେ ଉଲ୍ଲେଖ କରିଛନ୍ତି। ଏପରିକି ଜିଲ୍ଲାପାଳଙ୍କ ଏସ୍.ଓ.ପି ଜାରୀ ଏକ ପ୍ରହସନ ସହିତ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରିବା ଘଟଣା ବାଲିମାଫିଆ ମାନଙ୍କୁ ଅଧିକ ସକ୍ରୀୟ କରିଛି, ଜିଲ୍ଲାପାଳଙ୍କ ସମ୍ମୁଖରେ ଆଉ ଏକ ଅଭିଯୋଗରେ ମଧ ମୁକୁନ୍ଦପୁର ଗ୍ରାମପଞ୍ଚାୟତ ଅଧିନସ୍ଥ କଡମୀୟା ଗାଁର ଜନୈକ ବିଧବାବୃଦ୍ଧା ଡାଳିମ୍ବ ମହାପାତ୍ରଙ୍କୁ ୯୦ ବର୍ଷ ହୋଇଥିଲେ ମଧ୍ୟ ଭତ୍ତା ବୃଦ୍ଧି ଟ.୩୫୦୦.୦୦ ନ ମିଳିବା ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ବିରୋଧକରି ଏକ ଅଭିଯୋଗପତ୍ର କୋରେଇ ଯୁବକଂଗ୍ରେସ ପକ୍ଷରୁ ଦାଖଲ କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗ ପତ୍ର ଉପରେ ଦୃଢ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।

# କାଠ ଆଣିବାକୁ ଜଙ୍ଗଲକୁ ଯାଇ ଶବ ହୋଇ ଫେରିଲେ ଯୁବକ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଘର ପାଇଁ ଜାଳେଣି କାଠ ଆଣିବାକୁ ଜଙ୍ଗଲକୁ ଯାଇ ଶବ ହୋଇ ଫେରିଲେ ଯୁବକ। ଏଭଳି ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥ ପୁର ପଞ୍ଚାୟତ ଖାରିଗୁଡ଼ା ଗାଁରେ ଘଟିଛି। ସୂଚନାଯୋଗ୍ୟ ଯେ, ଖାରିଗୁଡ଼ା ଗାଁର ଦିନେଶ ଲମତା(୨୮) ନାମକ ଯୁବକ ଦିନ୧୨ଟା ବେଳେ ଘର ଚାରିପଟେ ବାଡ଼ କରିବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଉଛି ବୋଲି ଘର ଲୋକଙ୍କୁ କହି ଘରୁ ଯାଇଥିଲେ। ତେବେ ଯୁବକ ଜଣଙ୍କ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ତେଣୁ ଗ୍ରାମବାସୀ ଏବଂ ଘରଲୋକ ତାଙ୍କ ଆଖପାଖ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ହେଲେ ନିଖୋଜ ଯୁବକଙ୍କର କୌଣସି ଖୋଜଖବର ମିଳିନଥିଲା। ଖାରିଗୁଡ଼ା ଗାଁର ଜଣେ ମହିଳାଙ୍କ କହିବାନୁଯାୟୀ ନଦୀ ପାଖରେ ଥିବା ଏକ ଗଛରେ ହଠାତ୍ ନିଆଁ ଜଳିଲା ଏବଂ କିଛି ସମୟ ପରେ ନିଆଁ ଲିଭି ଯାଇଥିଲା। ନଦୀ କୂଳରେ ଥିବା ଏକ ଗଛକୁ ଲାଗି ବିଦ୍ୟୁତ ତାର ଯାଇଥିବା ବେଳେ ଯୁବକ ଜଣଙ୍କ ଗଛରେ କାଠ ଟାଣୁଥିଲେ। ଗଛ ମୂଳରେ ଯୁବକଙ୍କ ଚପଲ ରହିଥିବା ବେଳେ ଟାଙ୍ଗିଆଟି କିଛି ଦୂରରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଏଣୁ ଗଛ ସହ ବିଦ୍ୟୁତ ତାରର ସର୍ଟ ସର୍କିଟ ଯୋଗୁଁ ଯୁବକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ଦିନ ୨ଟା ସମୟରେ ନିଜ ଘର ପଛପଟେ ଥିବା ଏକ ନଦୀରେ ଯୁବକଙ୍କ ଶବ ଭାସୁଥିବା ଜଣେ ଗ୍ରାମବାସୀ ଦେଖି ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମବାସୀମାନେ ସଙ୍ଗେ ସଙ୍ଗେ କୁଡୁମୁଲୁଗୁମ୍ମା ଦମକଳ ବାହିନୀ ଏବଂ ଓର୍କେଲ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଓର୍କେଲ ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ଯୁବକଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ଯୁବକଙ୍କ ଶବ ମିଳିବା ପରେ ଖାରିଗୁଡ଼ା ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ମୃତକ ଦିନେଶର ୨ଟି ପୁଅ ରହିଥିବା ବେଳେ ବଡ଼ ପୁଅକୁ ୪ ବର୍ଷ, ସାନ ପୁଅକୁ ୨ ବର୍ଷ ବୋଲି ଜଣାପଡିଛି। ଦୁଇ ନାବାଳକ ସହ ତାଙ୍କ ସ୍ତ୍ରୀ ସୁମିତ୍ରା ଲମତା ଏବେ ସର୍ବହରା ହୋଇଯାଇଛନ୍ତି।

# ହଡ଼ପ ସରକାରୀ ଜମିକୁ ଚିହ୍ନଟ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ରାସ୍ତା ଉନ୍ନତିକରଣ ଓ ହଡ଼ପ୍ ହୋଇଥିବା ସରକାରୀ ଜମିକୁ ଚିହ୍ନଟ କରିବା ସମ୍ବନ୍ଧରେ ଦାବି ହୋଇଛି। ଏନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ କାଉନସିଲର ଓ ସ୍ଥାନୀୟ ଜନସାଧାରଣ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଓାର୍ଡ ନଂ ୨୬, ଭୁଗୁଡାକଟା ଅଞ୍ଚଳର ଲୋକେ ଦାବି ଜଣାଇଛନ୍ତି। ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲୋକେ ବସବାସ କରୁଛନ୍ତି। ସାହିରେ ଏକ ରାସ୍ତା ଖରାପ ଅବସ୍ଥାରେ ଥିବା ବେଳେ ପୌରପାଳିକା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଏକ ଅସାମାଜିକ ବ୍ୟକ୍ତି ଉକ୍ତ ଉନ୍ନତିକରଣ କାର୍ଯ୍ୟକୁ ବାଧା ଦେବା ସହିତ ବିଭିନ୍ନ ସମସ୍ୟା ଉପୁଜାଉଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ମଧ୍ୟ ବନ୍ଦ କରିବା ପ୍ରଚେଷ୍ଟା କରୁଛନ୍ତି। କିନ୍ତୁ ଏହା ପାଇଁ ରାସ୍ତା ଉନ୍ନତି କାର୍ଯ୍ୟ ହୋଇ ପାରୁନାହିଁ। ଏକର ଏକର ସରକାରୀ ଜମି ହଡ଼ପ୍ କରି ନିଜ ଓ ନିଜ ସ୍ତ୍ରୀ ନାମରେ କରି ଦେଇ ବିଭିନ୍ନ ସମସ୍ୟା ଉପୁଜାଉଛନ୍ତି। ଯାହା ଫଳରେ ଲୋକେ ହଇରାଣ ହେବା ସହ ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁକରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ନଚେତ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।

# ସିଟିଜେନ୍ ଫୋରମ୍ ପକ୍ଷରୁ ସ୍ୱତନ୍ତ୍ର ମୟୂରଭଞ୍ଜ ଗଠନ ପାଇଁ ଦାବି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ମିଶ୍ରଣ ସମୟରେ ମୟୂରଭଞ୍ଜ ରାଜ୍ୟରୁ ତତ୍କାଳୀନ ବିହାର ଓ ପଶ୍ଚିମବଙ୍ଗରେ ମିଶିଥିବା ଅଂଶକୁ ଫେରାଇ ଆଣି ପୁନର୍ବାର ମୟୂରଭଞ୍ଜରେ ମିଶାଯାଉ ଦାବି କରିଛନ୍ତି ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ। ଜିଲ୍ଲା ବିଭାଜନ ପ୍ରସଙ୍ଗରେ ତାଙ୍କ ମତାମତ ଲୋଡ଼ା ଯିବାରୁ ସେ ଏହା କହିଛନ୍ତି। ପ୍ରଶାସନିକ ସୁବିଧା ଓ ଉନ୍ନୟନ ର ବାହାନା କରି ଜିଲ୍ଲା ବିଭାଜନକୁ ସେ ତୀବ୍ର ବିରୋଧ କରିଛନ୍ତି। ଯଦି ବିଭାଜନ କଲେ ହିଁ ବିକାଶ ହେବ ତା'ହେଲେ ଦୁଇ କାହିଁକି ବରଂ ମୟୂରଭଞ୍ଜର ଚାରିଗୋଟି ସବ୍‌ଡିଭିଜନକୁ ଗୋଟିଏ ଲେଖା ଜିଲ୍ଲା କରାଯାଉ ବୋଲି ଶ୍ରୀ ଭଞ୍ଜଦେଓ କହିଛନ୍ତି। ପାଞ୍ଚପୀଡ଼, ବାମନ ଘାଟି, କପ୍ତିପଦା ଓ ସଦର ସବ୍‌ଡିଭିଜନର ଲୋକ ସଂଖ୍ୟା ଏବଂ ଆୟତନ ଗୋଟିଏ ଗୋଟିଏ ଜିଲ୍ଲା ହେବା ପାଇଁ





ଯଥେଷ୍ଟ ବୋଲି ସେ କହିଛନ୍ତି। ତେବେ ଯେଉଁ ମୟୂରଭଞ୍ଜ ଦିନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଆଜି ସେହି ପ୍ରଦେଶର ସରକାର ଲୋକଙ୍କ ଆବେଗକୁ ଭ୍ରୁକ୍ଷେପ ନ କରି ମୟୂରଭଞ୍ଜକୁ ଭାଙ୍ଗିବାକୁ ବସିଚି ବୋଲି ଶ୍ରୀ ଭଞ୍ଜଦେଓ କ୍ଷୋଭ ପ୍ରକାଶ କରି କହିଛନ୍ତି।

ସ୍ଥାନୀୟ ବାରିପଦା ବେଲଗଡ଼ିଆ ସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୁଲ୍ୟରେ ୧୫୫ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଭଞ୍ଜଦେଓ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଫୋରମର ସଭାପତି ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ ପୌରୋହିତ୍ୟ କରିଥିଲେ। ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ପ୍ରାରମ୍ଭରେ ଜିଲ୍ଲା ବିଭାଜନକୁ ନେଇ ରାଜନୈତିକ ଅଭିସନ୍ଧିକୁ ତୀବ୍ର ବରୋଧ କରିଥିଲେ। ଓଡ଼ିଶାକୁ ମୟୂରଭଞ୍ଜ ରାଜ୍ୟ ଯାହା ଦେଇଛି ତାହା ପ୍ରତିବଦଳରେ କ'ଣ ପାଇଛି ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଅମ୍ବିକା ପ୍ରସନ୍ନ ଦାସ ଯୋଗ ଦେଇ କହିଛନ୍ତି ଯେ ମହାରାଜାଙ୍କ ଅବଦାନରେ ଓଡ଼ିଶା ହସିଛି, ଓଡ଼ିଆ ଭାଷା ନୂଆ ପରିଚୟ ଛୁଇଁଛି। କିନ୍ତୁ ପ୍ରତିବଦଳରେ ମୟୂରଭଞ୍ଜ ବହୁ ଜିନିଷ ପାଇବାକୁ ରହିଥିବାବେଳେ ସେପରି କିଛି ହୋଇନି। ମୟୂରଭଞ୍ଜରେ ୪ ପିଢୀର ଭଞ୍ଜ ଶାସନ ପ୍ରଣାଳୀକୁ ସମଗ୍ର ଦେଶରେ ବିରଳ ବୋଲି ସେ ବର୍ଣ୍ଣନା କରିବା ସାଙ୍ଗକୁ ତାହା ତତ୍କାଳୀନ ବ୍ରିଟିଶ ରାଜକୁ ମଧ୍ୟ ଚକିତ କରି ଆସିଥିଲା ବୋଲି ପ୍ରଫେସର ଦାସ କହିଛନ୍ତି। ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ବ୍ୟକ୍ତିତ୍ୱ ସେତେବେଳେ ସମସ୍ତଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ସେ ତଥ୍ୟ ଭିତ୍ତିକ ମତବ୍ୟକ୍ତ କରିଥିଲେ। ଏଥିରେ ଡ. ବିଜୟ କୁମାର ଅଗ୍ରୱାଲା, ରଞ୍ଜନ ବାନାର୍ଜି, ସନ୍ଦୀପ ଚାନ୍ଦ, ଜୈମୁନି କୁମାର ମହାନ୍ତ, ଭାଗବତ ପଣ୍ଡା, ବିଭୁ ପ୍ରସାଦ ଦାସ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ଫୋରମ୍ ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଅବସରରେ ପାଳନ କରାଯିବ ଓ ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇଥିଲେ। ଫୋରମ୍‌ର ବରିଷ୍ଠ ସଦସ୍ୟ ରାଜକିଶୋର ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଏସଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ତରଫରୁ ପ୍ରାୟୋଜିତ ତଥା ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ନିର୍ଦ୍ଦେଶିତ ଆତ୍ମନିର୍ଭର ଭାରତ, ସ୍ୱଦେଶୀ ପ୍ରଚାର ଓ ମେଳା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷା ଡ. ସୁଜାତା ଓତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆର୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ କାର୍ଯ୍ୟସୂଚୀ ଅନୁଯାୟୀ 'ସ୍ୱଦେଶୀ ସଂକଳ୍ପ ପତ୍ର' ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ, ଅନ୍ୱେଷା ସାଂସ୍କୃତିକ ପରିଷଦର ସଦସ୍ୟ ଡ. ଶରତ ଚନ୍ଦ୍ର ମହାରଣା, ଡ. ମନୋଜ କୁମାର ମିଶ୍ର, ଡ. ଅଭିରାମ ଶତପଥି, ଅଧ୍ୟାପିକା ବିଦ୍ୟୁତ ପ୍ରଭା ଦାଶ, ଅଧ୍ୟାପିକା ଲିପ୍‌ସିତା ମହାନ୍ତି, ଅଧ୍ୟାପକ ରାଜେଶ କୁମାର ନାୟକ, ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ସଂଚାଳନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବାୟକ ମାର୍ତ୍ତଣ୍ଡ ତରୁଣ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ବାଦ୍ୟ ପ୍ରଶିକ୍ଷଣ କ୍ରମରେ ମୃଦଙ୍ଗ ବାଦ୍ୟ କୌଶଳ ସମ୍ପର୍କରେ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମର ତୃତୀୟ ଦିବସରେ ଐତିହାସିକ ସ୍ଥଳୀ ପରିଦର୍ଶନ କ୍ରମରେ ସ୍ୱଦେଶୀ ଆନ୍ଦୋଳନର ଅନନ୍ୟ ଅନୁଷ୍ଠାନ 'ଅଳକା ଆଶ୍ରମ' ପରିଦର୍ଶନ ଓ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ପିଲାମାନଙ୍କ ତରଫରୁ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ସୁଗ୍ରୀବଙ୍କ ରଙ୍ଗ ତୂଳୀରେ ଝଲସୁଛି ଆଦିମ ଜନଜାତି ଜୁଆଙ୍ଗଙ୍କ ଚିତ୍ରକଳା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲାର ଆଦିମ ଜନଜାତି ଜୁଆଙ୍ଗମାନେ ଏବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ବିଭିନ୍ନ କଳା କୌଶଳରେ ନିଜର ପରିଦର୍ଶିତା ଦେଖାଇ ପାରିଛନ୍ତି। ଆଧୁନିକ ଚାକଚକ୍ୟ ମଧ୍ୟରେ ଏହି ଜୁଆଙ୍ଗମାନଙ୍କ ପାରମ୍ପରିକ କଳା, ସଂସ୍କୃତି ଓ ପରମ୍ପରା ହଜିଯିବାକୁ ବସିଥିବା ବେଳେ ବାଂଶପାଳ ବ୍ଲକ ଗୋନାଶିକା ପଞ୍ଚାୟତର ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୁପ୍ତଗଙ୍ଗାର ସୁଗ୍ରୀବ ଜୁଆଙ୍ଗ ନିଜର ପାରମ୍ପରିକ କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ଆରମ୍ଭ କରିଛନ୍ତି ନିଆରା ଉଦ୍ୟମ।

ଆର୍ଥିକ ସଙ୍କଟ ଓ ପରିସ୍ଥିତି ଯୋଗୁଁ ୨୦୦୮ ମସିହାରେ ଦଶମ ଶ୍ରେଣୀରୁ ପାଠ ଛାଡ଼ିଥିବା ୩୫ ବର୍ଷ ବୟସ୍କ ସୁଗ୍ରୀବ ଚିତ୍ର କଳା ପ୍ରତି ଥିବା ଆଗ୍ରହକୁ ଧରି ଏବେ ରୋଜଗାରର ମାଧ୍ୟମ ସୃଷ୍ଟି କରିଛନ୍ତି। ସେ ଛୋଟ ବେଳେ ଶିଖିଥିବା ଚିତ୍ର କଳା ନିଜେ ଘରେ କରୁଥିବା ବେଳେ ଓଡ଼ିଶା ସରକାରଙ୍କ ଜଣେ ଅଧିକାରୀ ଗୋନାଶିକା ପରିଦର୍ଶନରେ ଆସିଥିବା ବେଳେ ସୁଗ୍ରୀବଙ୍କ ଉପରେ ନଜର ପଡ଼ିଥିଲା। ସେ ତାଙ୍କୁ ଭୁବନେଶ୍ୱର ଥରେ ଚିତ୍ରକଳା ଶିକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। ସେବେଠାରୁ ସୁଗ୍ରୀବ ଆଉ ପଛକୁ ଚାହିଁନାହାନ୍ତି। ଲୋକକଳା ଚିତ୍ର କରି ନିଜ ପରିବାରର ଭରଣ ପୋଷଣ ଠିକ୍ ଭାବେ କରି ପାରୁଛନ୍ତି। ସରକାରୀ ଓ ଘରୋଇ ଚାହିଦା ଅନୁସାରେ ସେ ଆଉ ଏକ ଜନଜାତି ସଉରା ଲୋକକଳା ବେଶ୍ ଆଦୃତ ହୋଇଛି। ଏହି ଚିତ୍ରକଳା କରି ବେଶ୍ ନାମ କମାଇ ଥିବା ବେଳେ ନିଜ ପାରମ୍ପରିକ ଚିତ୍ରକଳାକୁ ଉଜ୍ଜୀବିତ କରିବାକୁ ମନ ବଳାଇଛନ୍ତି ସୁଗ୍ରୀବ। ସୁଗ୍ରୀବ ଏଥିପାଇଁ ବହୁ କଷ୍ଟ ସହିବାକୁ ପଡ଼ିଛି।

ନିଜ ପାରମ୍ପରିକ ଚିତ୍ରକଳା ଏକ ପ୍ରକାର ଲୋପପାଇ ଯାଇଥିବା ବେଳେ ଏହାକୁ ପୁନଃରୁଧାର କରି ଆଉ ଥରେ ନିଜ ରଙ୍ଗ ତୂଳୀରେ ସ୍ମୃତି ସାଉଣ୍ଟୁଛନ୍ତି। ଏଥି ସହ ଏହି ଚିତ୍ରକଳା କରିବା ପାଇଁ ସେ କୌଣସି କପଡ଼ା ପଟି ବ୍ୟବହାର କରୁ ନଥିବା ବେଳେ ରେଶମ କପଡ଼ା ବ୍ୟବହାର କରିଥାନ୍ତି। ଏହା ଫଳରେ



ତାଙ୍କ ଦ୍ୱାରା ଅଙ୍କିତ ଚିତ୍ର ବେଶ ଆଦୃତ ହେଉଛି। ଏହାକୁ ବିଶେଷ କରି ସରକାରୀ ମ୍ୟୁଜିମରେ ଚାହିଦା ରହୁଛି। ଏହି ଜୁଆଙ୍ଗ ଚିତ୍ରକଳାକୁ ନେବା ପାଇଁ କଳା ପ୍ରେମୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହେଉଛି। ସୁଗ୍ରୀବଙ୍କ ଚିତ୍ରକଳା ଧୀରେ ଧୀରେ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନୀ, ସରକାରୀ ଉତ୍ସବ ଆଦିରେ ପ୍ରଦର୍ଶିତ ହେଉଛି। ଏଥିପାଇଁ ତାଙ୍କୁ ବିଭିନ୍ନ ସ୍ତରରେ ପୁରସ୍କୃତ ହୋଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ଗୋନାଶିକା ଗ୍ରାମରେ ୧୬୫ ଘର ଥିବା ବେଳେ ୮୬୮ ଜଣ ବସବାସ କରୁଛନ୍ତି। ଆଜିର ଦିନରେ ସେ ମାସକୁ ପନ୍ଦର ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଏହି ଆଦିବାସୀ ଚିତ୍ରକଳା ଆଙ୍କି ପାରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ତିନି ପରିବାରରେ ତିନିଜଣ ଥିବା ବେଳେ ସ୍ତ୍ରୀ ଘର କାମ ସହ ଚିତ୍ର ଅଙ୍କାରେ ସହଯୋଗ ମଧ୍ୟ କରନ୍ତି। ପୁଅ ପାଞ୍ଚ ବର୍ଷ ହୋଇଥିବା ବେଳେ ସେ ଅଙ୍ଗନୱାଡି ପଢୁଛି। ସୁଗ୍ରୀବ ଜୁଆଙ୍ଗଙ୍କୁ ତାଙ୍କର ଏହି କଳା କ୍ଷେତ୍ରରେ ଦୁଇ ତିନି ଜଣ ଯୁବକ ସହଯୋଗ କରନ୍ତି। ସେମାନେ ମଧ ଏହି କଳା କରି ନିଜ ପରିବାରର ଭରଣ ପୋଷଣ କରିପାରୁଛନ୍ତି। କିନ୍ତୁ ଜୁଆଙ୍ଗ ଲୋକକଳାର ପାଇଁ ଅଧିକ ବଜାର ସୃଷ୍ଟି ହେବା ସହ ନୂତନ ଯୁବକଙ୍କୁ ଏହି କଳା ବିଷୟରେ ଟ୍ରେନିଙ୍ଗ ଦେଲେ ଏହି ଲୋକକଳା ଅଧିକ ଲୋକଦୃତ ହେଇ ପାରନ୍ତା ବୋଲି କହିଛନ୍ତି ସୁଗ୍ରୀବ ଜୁଆଙ୍ଗ।

ଅଧିକ ପ୍ରୋତ୍ସାହନ ମିଳିଲେ ଏବଂ ସେମାନଙ୍କ ପ୍ରସ୍ତୁତ କଳା କୃତିକୁ ସରକାରୀ ସ୍ତରରେ କିଣି ଜିଲ୍ଲା ଓ ରାଜ୍ୟ ମୁଖ୍ୟାଳୟରେ ବିକ୍ରି ବ୍ୟବସ୍ଥା କରିବା ସହ ବିଭିନ୍ନ ସମୟରେ ଅନୁଷ୍ଠିତ ମେଳା, ଉତ୍ସବରେ ସାମିଲ କରି ପ୍ରୋତ୍ସାହନ ଦିଆଗଲେ ସୁଗ୍ରୀବଙ୍କ ଭଳି ବହୁ ପରିବାରଙ୍କ ପାଇଁ ଏହି ଜନଜାତି ଲୋକକଳା ବେଶ୍ ସହାୟକ ହୋଇ ପାରିବ ବୋଲି ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରମାକାନ୍ତ ସ୍ୱାଇଁ କହିଛନ୍ତି।

ସରକାରଙ୍କ ପକ୍ଷରୁ ସୁଗ୍ରୀବଙ୍କ ପାଇଁ ବିଭିନ୍ନ ମହୋତ୍ସବ ଓ ପ୍ରଦର୍ଶନୀ ଗୁଡ଼ିକରେ ଷ୍ଟଲ୍ ବ୍ୟବସ୍ଥା କରାଯାଉଛି। ଜୁଆଙ୍ଗ ଲୋକକଳା ଯେହେତୁ ଏକ ପ୍ରକାର ଲୋପ ପାଇବାକୁ ବସିଲାଣି ସେଥିପାଇଁ ସରକାରଙ୍କ ପକ୍ଷରୁ ନୂତନ ଯୁବକଙ୍କୁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଜୁଆଙ୍ଗ ଉନ୍ନୟନ ଅଧିକାରୀ ମନୋରଞ୍ଜନ ବେହେରା କହିଛନ୍ତି।

# ଖଡ଼ିଆଳ ଅଞ୍ଚଳରେ ହାତୀ ପଲ ଆତଙ୍କ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଯାହାଫଳରେ ଭୟଭୀତ ହୋଇ ପଡିଛନ୍ତି ଖଡ଼ିଆଳ ବ୍ଲକର ଭୋଜପୁର ଗ୍ରାମବାସୀ। ଝାରଖଣ୍ଡ ଅଞ୍ଚଳରୁ ୩୦ ଟିକିଆ ହାତୀ ପଲ ପଶି ଆସିଛନ୍ତି। ଖଡ଼ିଆଳ ବ୍ଲକ୍ ଭୋଜପୁର୍ ଗ୍ରାମପଞ୍ଚାୟତ ସହ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ପଲର ଉପଦ୍ରବ ଲାଗି ରହିଅଛି। ଗ୍ରାମକୁ ଆସି ଘର ଭିତରେ ଥିବା ଧାନ, ମାଣ୍ଡିଆ ଓ ଚାଷୀ ଅମଳ କରି ରଖିଥିବା କୃଷିଜାତ ଦ୍ରବ୍ୟକୁ ଖାଇ ନଷ୍ଟ କରୁଛନ୍ତି। ଯୁବାମାଲ ଗ୍ରାମରେ କୃଷ୍ଣରାମ ଆଡଯୁଏଡଙ୍କ ଘର ଭାଙ୍ଗି ଥିବା ବେଳେ ନିକଟରେ ଥିବା ଅନ୍ୟ ଏକ ଘରର ଝରକା ଭାଙ୍ଗି ଯାଇଛି। ହାତୀ ପଲ ପଶି ବ୍ୟାପକ ଆତଙ୍କ ସୃଷ୍ଟି କରିଥିବା ବେଳେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଗୋଟିଏ ପଲରେ ୧୦ ଗୋଟି ହାତୀ ଥିବାବେଳେ ଅନ୍ୟ ଏକ ପଲରେ ୨୦ ଗୋଟି ହାତୀ ଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କୁ ଯୋଗାଯୋଗ କରିବାରୁ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଘଟଣାସ୍ଥଳରେ ନଜର ରଖିଥିବା ବେଳେ ଏହି ହାତୀକୁ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।



# ୨.୯୯୦ କେ.ଜି ଗଞ୍ଜେଇ ଜବତ : ୨ ଗିରଫ



ଜଗତସିଂହପୁର,ନ୍ୟୁଜ ବ୍ୟୁରୋ : ବିରିଡି ଥାନା ଅନ୍ତର୍ଗତ ଉତ୍ତରସାହି ସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୀର୍ଘ ଦିନ ହେବ ଗଞ୍ଜେଇ କାରବାର ଲୁଚାଛପାରେ ଚାଲୁଥିବା ବେଳେ ଏକ ବିଶେଷ ସୂତ୍ରକୁ ଆଧାର କରି ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ନିଜ ଟିମ ସହ ଚଢାଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୧ କେଜି ୪୫୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ଟ ୧୫,୪୦୦ଙ୍କା। ଗିରଫ ଅଭିଯୁକ୍ତ ଜଣକ ହେଲେ ବିରିଡି ଥାନା ଅଲାଣ୍ଡୋ ଗ୍ରାମର ନୃସିଂହ ଚରଣ ପରିଜାଙ୍କ ପୁଅ ରଞ୍ଜନ ପରିଜା(୪୫)। ସେହିପରି ଅନ୍ୟ ଏକ ଘଟଣା ରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଚଢାଉ କରି ୧କେଜି ୫୪୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ଗୋପାଳପୁର ଗ୍ରାମର ଶରତ ଚନ୍ଦ୍ର ବାରିକଙ୍କ ପୁଅ ତ୍ରିଲୋଚନ ତିଲ ପ୍ରସାଦ ବାରିକଙ୍କୁ(୩୬)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଟ ୧୫,୫୪୦ ଙ୍କା ହେବ। ଆଜିର ଏହି ଚଢାଉ ରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଲ ଲକ୍ଷ୍ମୀନାରାୟଣ ମଲ୍ଲିକ, କଲ୍ୟାଣୀ ସେଠୀ ଏବଂ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳେଇ, ଏ ଏସ୍ ଆଇ ସନ୍ତୋଷ ନାୟକ, ପିନାକୀ ରଞ୍ଜନ ରାଉତ, କନଷ୍ଟେବଲ ସବିତା ନାୟକ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଐତିହାସିକ ବାରବାଟୀ ଦୁର୍ଗ ଓ ଗଡ଼ଖାଇର ହେବ ସୌନ୍ଦର୍ଯ୍ୟକରଣ

କଟକ, ନ୍ୟୁଜ ବ୍ୟୁରୋ : ଐତିହାସିକ ବାରବାଟୀ ଦୁର୍ଗ ଓ ଗଡ଼ଖାଇର ବିକାଶ, ସୌନ୍ଦର୍ଯ୍ୟକରଣ ପାଇଁ ବିଗତ ୧୫ ବର୍ଷ ଭିତରେ ଏକାଧିକ ଯୋଜନା ହୋଇଥିଲେ ବି ଏହାର ସଫଳ ରୂପାୟନ ହୋଇପାରୁନାହିଁ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଆପତ୍ତି କାରଣରୁ ପ୍ରକଳ୍ପ କାମ କେବଳ କାଗଜପତ୍ରରେ ଅଟକି ରହି ଯାଉଛି । କିନ୍ତୁ ରାଜ୍ୟରେ ନୂଆ ସରକାର ଆସିବା ପରେ ପୁଣି ଥରେ ବାରବାଟୀ ଦୁର୍ଗର ରୂପ ବଦଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଯେହେତୁ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଚାଲିଛି ସେହେତୁ ବାରବାଟୀ ଦୁର୍ଗର ବିକାଶ ପାଇଁ ଏଥର କରାଯାଉଥିବା ଯୋଜନା ବିଫଳ ହେବ ନାହିଁ ବୋଲି ଆଶା କରାଯାଉଛି । ଏହି ଆଶାରେ ବାରବାଟୀ ଦୁର୍ଗ ଚାରିପାର୍ଶ୍ୱରେ 'ପରିକ୍ରମା ମାର୍ଗ' କରାଯିବାକୁ ଏକ ନୂଆ ଯୋଜନା ହୋଇଛି। ଯାହା ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭବ ଦେବ । କେବଳ ପରିକ୍ରମା ମାର୍ଗ ନୁହେଁ, ନିର୍ମାଣ ପରେ କାମରେ ନଲାଗି ଦୀର୍ଘ ବର୍ଷ ଧରି ପଡିରହିଥିବା ଟୁରିଷ୍ଟ ଇଣ୍ଟରପ୍ରିଟେସନ୍ ସେଣ୍ଟର ବା ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ଖୁବ୍ ଶୀଘ୍ର ପର୍ଯ୍ୟଟକଙ୍କ ବ୍ୟବହାର ଉପଯୋଗୀ କରାଯିବ । ଗଡ଼ଖାଇ ଖନନରୁ ବାହାରିଥିବା ଐତିହାସିକ ସାମଗ୍ରୀକୁ ଏଠାରେ ସ୍ଥାନିତ କରାଯିବ । ତା' ସହିତ କାଫେଟେରିଆ, ପାର୍କ, ପିଲାଙ୍କ ପାଇଁ ମନୋରଞ୍ଜନ ଆଦି ବ୍ୟବସ୍ଥା ରହିବ । ଆସନ୍ତା ଦୁଇ ମାସ ଭିତରେ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରାଯାଇ କାମ ଶୀଘ୍ର ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଆସନ୍ତା ବର୍ଷ ଡିସେମ୍ବର ବେଳକୁ ଐତିହାସିକ ବାରବାଟୀ ଦୁର୍ଗ ସୌନ୍ଦର୍ଯ୍ୟକରଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏ ପ୍ରକଳ୍ପ ବାସ୍ତବ ରୂପ ନେବା ପରେ ପର୍ଯ୍ୟଟକଙ୍କୁ ବାରବାଟୀ ଦୁର୍ଗ ଅଧିକ ଆକର୍ଷିତ କରିବ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ଆଶା ବ୍ୟକ୍ତ କରିଛନ୍ତି । ପ୍ରାୟ ୫ କୋଟି ଟଙ୍କାରେ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ରକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏଏସ୍ଆଇକୁ ହସ୍ତାନ୍ତର କରିଛି । କିନ୍ତୁ ପ୍ରାୟ ଦେଢ଼ ବର୍ଷ ହେଲାଣି ଏଏସ୍ଆଇ ଏହାକୁ ନିଜ ହେପାଜତକୁ ନେଇଥିଲେ ମଧ୍ୟ ଏବେ ଯାଏ କାମରେ ଲଗାଇ ପାରୁନି । ଯାହାଫଳରେ ଏହି କେନ୍ଦ୍ର ଏବେ ନଷ୍ଟ ହେବାକୁ ବସିଲାଣି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ତରଫରୁ ନିର୍ମିତ ଏହି କେନ୍ଦ୍ରରେ କ୍ଲୋଜ୍ ଆଇ ଲାଟେରାଇଟ୍ ପଥର ବ୍ୟବହାର କରାଯାଇଛି, ଯାହାର ଦାମ୍ ସାଧାରଣ ମାଙ୍କଡ଼ା ପଥରଠୁ ତିନିଗୁଣା ଅଧିକ । ବାରବାଟୀ ଦୁର୍ଗ ଖନନ ସମୟରେ ବାହାରିଥିବା ବିଭିନ୍ନ ଐତିହ୍ୟ ସାମଗ୍ରୀକୁ ଏଠାରେ ସ୍ଥାନ ଦିଆଯିବା ନେଇ ଯୋଜନା ହୋଇଥିଲା । ସାମଗ୍ରୀ ଗୁଡ଼ିକର ଐତିହାସିକ ମୂଲ୍ୟ ଓ ତଥ୍ୟ ଜଣିବାକୁ ଅଡିଓ ବ୍ୟବସ୍ଥା ମଧ୍ୟ କରାଯାଇଥାନ୍ତା । କିନ୍ତୁ ଏବେ ଯାଏ ଏହି ବ୍ୟାଖ୍ୟାନ କେନ୍ଦ୍ର ବ୍ୟବହାର ନହୋଇ ନଷ୍ଟ ହେବାକୁ ବସିଲାଣି । କେନ୍ଦ୍ର ଉପରେ ପାଣି ଜମିବା ସହିତ ଗଛଲତା ମାଡ଼ିଗଲାଣି। ମୂଲ୍ୟବାନ୍ କାଠର କବାଟ, ଝରକା ମଧ୍ୟ ନଷ୍ଟ ହେଲାଣି । ଅନ୍ୟପକ୍ଷରେ ଦୁର୍ଗ ଚାରିପାଶ୍ୱର୍ରେ ପରିକ୍ରମା ପ୍ରକଳ୍ପ ବାବଦରେ ଆଲୋଚନା ଚୂଡାନ୍ତ ହୋଇଛି । ଚାରିପଟରେ ପାଥ୍ ୱେ' ରହିବ, ଯାହାଫଳରେ ଲୋକେ ଚାଲିଚାଲି ଦୁର୍ଗର ପରିକ୍ରମା କରିପାରିବେ । ଖୁବ୍ ଶୀଘ୍ର ଏ ବାବଦରେ ଡିପିଆର୍ ପ୍ରସ୍ତୁତ କରିବାକୁ ଯୋଜନା କରାଯାଇଛି । ଦୁର୍ଗର ଚାରିପାଶ୍ୱର୍ରେ ଅନେକ ଜମି ଜବରଦଖଲରେ ଥିବା ବେଳେ ଉଚ୍ଛେଦ ପରେ ଏ ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି ।

# ହାଟଡିହିରେ ଜିଲ୍ଲାସ୍ତରୀୟ ବନ୍ୟା ଜଳ ଉଦ୍ଧାର ମକ୍ ଡ୍ରିଲ୍



କେନ୍ଦୁଝର, ନ୍ୟୁଜ ବ୍ୟୁରୋ : କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଦିନ ହାଟଡିହି ବ୍ଲକର ଆମ୍ବୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରଗୋଳା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବନ୍ୟା ଏବଂ ଜଳ ଉଦ୍ଧାର ଉପରେ ଏକ ଜିଲ୍ଲାସ୍ତରୀୟ ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ କଟକର ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀର ବାଟାଲିୟନ ସହାୟତାରେ ଏହି ଅଭ୍ୟାସ କରାଯାଇଥିଲା। କ୍ଷେତ୍ର ଅଭ୍ୟାସ ପୂର୍ବରୁ ହାଟଡିହି ବ୍ଲକ ସମ୍ମିଳନୀ ହଲରେ ଏକ ଟେବୁଲ ଟପ୍ ଅଭ୍ୟାସ ଆୟୋଜନ କରାଯାଇଥିଲା, ଯେଉଁଠାରେ ସମସ୍ତ ବ୍ଲକ-ସ୍ତରୀୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ମକ୍ ଡ୍ରିଲ୍ ବନ୍ୟା ଏବଂ ଜଳ ଉଦ୍ଧାର ଦଳଗୁଡ଼ିକୁ ଗତିଶୀଳ କରିବା ଏବଂ ନିୟୋଜିତ କରିବା, ଡଙ୍ଗା ଚାଳନା ଏବଂ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପରିଚାଳନା, ଫସି ରହିଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ପ୍ରାଥମିକ ଚିକିତ୍ସା, ଏବଂ ଦୁର୍ଘଟଣା ପରିଚାଳନା, ଏବଂ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ ଏବଂ ସୂଚନା ପ୍ରବାହ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ୦୩ ବିଏନ ଏନଡିଆରଏଫର କମାଣ୍ଡାଣ୍ଟ ନବୀନ କୁମାରଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏନଡିଆରଏଫର ଇନ୍ସପେକ୍ଟର ଚିତ୍ତ ରଞ୍ଜନ ମାଝୀ, ସବ-ଇନ୍ସପେକ୍ଟର ବି.କେ. ମୀନା ଏବଂ ସବ-ଇନ୍ସପେକ୍ଟର ମୋହିତ କୁମାର ଉଦ୍ଧାର କୌଶଳ ଏବଂ କାର୍ଯ୍ୟକ୍ଷମ ସମନ୍ୱୟ ପ୍ରଦର୍ଶନ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏସକେ ଇଜାଜ ଇକବାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡା, ସିଡିପିଓ ଉମାମଣି ମୋହନପାତ୍ର, ଜିପିଡିଓ ଦେବଜ୍ୟୋତି ପରଂବ୍ରହ୍ମ ଦାସ ଏବଂ ଅଗ୍ନିଶମ ଅଧିକାରୀ ଅମରେନ୍ଦ୍ର ବର୍ଦ୍ଧନ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନଙ୍କ ସହିତ ଉପସ୍ଥିତ ଥିଲେ ଏବଂ ଅଭ୍ୟାସରେ ସକ୍ରିୟ ଭାବରେ ସାମିଲ ହୋଇଥିଲେ। ଜିଲ୍ଲାରେ ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରସ୍ତୁତି ବୃଦ୍ଧି କରିବା ଏବଂ ବନ୍ୟା ଏବଂ ଜଳ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ଏହି ମକ୍ ଡ୍ରିଲର ଲକ୍ଷ୍ୟ ଥିଲା।

# ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ, ଋଣ ଆଦାୟ ଓ ପ୍ରଦାନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା । ଏଲଡିଏମ ରମାକା' ମାଝିଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଲାଇନ ଡିପାଟମେଣ୍ଟମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ ଉଦ୍ୟାନ କୃଷି ଯୋଜନା ଋଣ ସଂପର୍କରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ସମୁହ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ୍ୟ ପୁରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ଜାତୀୟ କରଣ ବ୍ୟାଙ୍କ ଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୁରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଆରବିଆଇର ଏଲଡିଓ ଅବିନାଶ ରାଉତ, ଡିଡିଏମ ନାର୍ବାଡ ସ୍ମିତା ବଡଜେନା, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକମେଳା ଉଦଘାଟିତ

# 'ପୁସ୍ତକ ପଢିଲେ ମଣିଷ ଜୀବନରେ ଅନେକ ପରିବର୍ତ୍ତନ ଆସେ'



ବ୍ୟାସନଗର,ନ୍ୟୁଜ ବ୍ୟୁରୋ : ଗୁରୁବାର ବ୍ୟାସନଗର ପୌରପରିଷଦର ଚୋରଦା କାଳୀ ମେଲଣ ପଡିଆ ଠାରେ ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାକୁ ଯାଜପୁର ଜିଲାପାଳ ଅମ୍ବର କୁମାର କର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆଜିର ଡିଜିଟାଲ ଯୁଗରେ ମୋବାଇଲ, ଇଣ୍ଟରନେଟ ପ୍ରତି ଯୁବ ପିଢ଼ି ବିଶେଷ ଭାବରେ ଆକୃଷ୍ଟ ହେଉଛନ୍ତି । କିନ୍ତୁ ଇଣ୍ଟରନେଟ ପୁସ୍ତକର ବିକଳ୍ପ ହୋଇପାରିବନାହିଁ । ପୁସ୍ତକଟିଏ ପଢିଲେ ମଣିଷର ଜୀବନର ଗତିପଥରେ ଅନେକ ପରିବର୍ତ୍ତନ ଆସିଥାଏ । ଯାଜପୁର ମାଟି ଜ୍ଞାନ, ଗାରିମା ଓ ଗୌରବର ମାଟି ବୋଲି ଜିଲ୍ଲାପାଳ ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତା ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ଡ଼କ୍ଟର ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ବେଦ ଉପନିଷଦ, ଶିଳାଲିପି,ତାଳପତ୍ର ପୋଥି,ପୁସ୍ତକରୁ ଆରମ୍ଭ ହୋଇ ଗୁଗୁଲ ଯୁଗରେ ଆମେ ପହଞ୍ଚିଥିଲେ ମଧ୍ୟ ପୁସ୍ତକର ସ୍ଥାନ କେହି ନେଇପାରିବେ ନାହିଁ । ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ପୁସ୍ତକ ମେଳା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗ ଦେଇ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ପୁସ୍ତକ ମେଳା କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ କୁଶଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ଅତିଥି ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ଉପଦେଷ୍ଟା ଅଭିମନ୍ୟୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ସବିତା ରାଉତ,କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି,ଉପସଭାପତି ହୃଷିକେଶ ସାହୁ, ଉପଦେଷ୍ଟା ଚନ୍ଦ୍ରମଣି ସାମଲ, ମଧୁସୂଦନ ମହାପାତ୍ର, ଡ଼ ଅକ୍ଷୟ କୁମାର ପଣ୍ଡା, ଅଜୟ କୁମାର ପଣ୍ଡା, ଅକ୍ଷୟ କୁମାର ଦେଓ, ପ୍ରମୋଦ ବୋଇତାଇ, ସୁନୀଲ ଗୁପ୍ତା, ପ୍ରଦ୍ୟୁମ୍ନ ବୋଇତାଇ, ପ୍ରଶାନ୍ତ କୁମାର ପାତ୍ରଙ୍କ ସହ ବୋହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଥିଲେ । ସରସ୍ୱତୀ ମବିଦ୍ୟାମନ୍ଦିର, ମଧୁସୂଦନ ନଗରର ଛାତ୍ରୀ ଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରିବା ସହ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ନୂତନ ଥାନା ଅଧିକାରୀଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା



ବାରଙ୍ଗ,ନ୍ୟୁଜ ବ୍ୟୁରୋ : ନନ୍ଦନକାନନ ଥାନରେ ଯୋଗଦେଇଥିବା ନୂତନ ଥାନାଧିକାରୀଙ୍କୁ ବାରଙ୍ଗ ପ୍ରେସ କ୍ଲବ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନନ୍ଦନକାନନ ଥାନାର ନୂତନ ଥାନା ଅଧିକାରୀ ଭାବେ ବିଭୂତି ଭୂଷଣ ମୁଦୁଲି ବୁଧବାର ଦିନ ଯୋଗଦେଇଛନ୍ତି। ସେ ଗତ ଅକ୍ଟୋବର ମାସରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପାଇବା ପୂର୍ବରୁ ସେ ପାହାଳ ଥାନାରେ ସବ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ବୁଧବାର ଦିନ ନୂଆ ଥାନାଧିକାରୀ ଥାନାରେ ପହଞ୍ଚିବା ପରେ ଥାନା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଠାରେ ଥିବା ଆଇଆଇସି ଦୟାନିଧି ନାୟକଙ୍କୁ ମଞ୍ଚେଶ୍ୱର ଥାନାକୁ ବଦଳି ହୋଇଛି। ତେବେ ଥାନାଧିକାରୀ ଭାବେ ମୁଦୁଲି ଯୋଗ ଦେବା ପରେ ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରିବା ତଥା ଅପରାଧିକ କାର୍ଯ୍ୟକଳାପରୁ ମୁକ୍ତ କରିବା ପାଇଁ ଧ୍ୟାନ ଦେବେ ବୋଲି କହିଛନ୍ତି। ଅଞ୍ଚଳର ଜନସାଧାରଣଙ୍କୁ ଉଚିତ୍ ଆଇନ ଓ ନ୍ୟାୟର ସେବା ଯୋଗାଇବା ପାଇଁ ଜନସାଧାରଣମାନେ ଆଶାବାଦୀ ଅଛନ୍ତି। ବାରଙ୍ଗ ପ୍ରେସ କ୍ଲବ ପକ୍ଷରୁ ଦିଆଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନାରେ ପ୍ରେସ କ୍ଲବର ସଭାପତି ଲିଙ୍ଗରାଜ ରାଉତ, କମଳାକାନ୍ତ ନାୟକ, ଗୌତମ ରାଉତ, ଦେବେନ୍ଦ୍ରନାଥ ସାହୁ, ସଂଗ୍ରାମ କେଶରୀ ଦାସ, ତାପସ ଜେନା, ଅଜୟ ରାଉତ, ସେଖ ଅବଦୁଲ ମୁନାବ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିକାଶ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ :ଜିଲ୍ଲାପାଳ ରଘୁରାମ ଆର ଆୟର ଆଜି ମୁଖ୍ୟାଳୟର ସମ୍ମିଳନୀ କକ୍ଷଠାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗ୍ରାମୀଣ ଗୃହ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା,ଗ୍ରାମ ପଞ୍ଚାୟତ ଭ୍ବନ, ଅଙ୍ଗନବାଡି ସେଣ୍ଟର, ବ୍ୟାକିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଓଡିଶା ଜୀବିକା ମିଶନ, ମିଶନ ଶକ୍ତି, ଶିଳ୍ପ ପାର୍କ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ବାତ୍ୟା ଆଶ୍ରୟସ୍ଥଳ, ସମଗ୍ର ଶିକ୍ଷା, ବିଦ୍ୟୁତ୍ ସଂକ୍ରାନ୍ତିୟ ଅନ୍ୟନ୍ୟା ପ୍ରମୁଖ ବିଷୟବିସ୍ତୁ ଉପରେ ବୈଠକରେ ସମୀକ୍ଷା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ସମସ୍ତ କାର୍ଯ୍ୟର ସମୀକ୍ଷା ଗୋଟି ଗୋଟି କରି ତାର ସମସ୍ୟା ଉପରେ ବିସ୍ତୃତ ଭାବେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟ କିପରି ସମୟସୀମା ମଧ୍ୟରେ ସମାପ୍ତ ହେବା ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ, ସମସ୍ତ ଲାଇନ ବିଭାଗୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।େ

# ୫ ବର୍ଷରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ୨୪୩ଟି ନୂଆ ପୋଖରୀ ସୃଷ୍ଟି




ଯାଜପୁର, ନ୍ୟୁଜ ବ୍ୟୁରୋ : ଜଳ ଆମର ଏକ ମୌଳିକ ଉତ୍ସ । ଅନେକ କାର୍ଯ୍ୟ ଏହା ଦ୍ୱାରା ପରିଚାଳିତ ହୁଏ ଓ ଏହାର ଅଭାବରେ ଅନେକ କାର୍ଯ୍ୟକଳାପ ବନ୍ଦ ହୋଇଯାଏ । ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାରେ ଯେପରି ଜଳ ପାଇଁ କିଛି ସମସ୍ୟାର ସମ୍ମୁଖିନ ନହେବେ ସେଥିପାଇଁ କଳିଙ୍ଗନଗରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିରନ୍ତର ପ୍ରୟାସ ଜାରି ରଖିଛି । ସ୍ଥାୟୀ ଜଳ ସମ୍ପଦ ସୃଷ୍ଟିକୁ ଗୁରୁତ୍ୱ ଦେଇ ଟିଏସ୍ଏଫ୍ ଗତ ୫ ବର୍ଷରେ ୨୮ ଟି ଗ୍ରାମପଞ୍ଚାୟତ (ଦଗଗଦି-୧୦ ଏବଂ ସୁକିନ୍ଦା-୧୮)ରେ ୨୪୩ଟି ନୂଆ ପୋଖରୀ ସୃଷ୍ଟି କରିଛି । ଟିଏସ୍ଏଫ୍ ଏକ ବ୍ୟାପକ ଏବଂ ନିରନ୍ତର ପ୍ରୟାସ ମାଧ୍ୟମରେ ଦୀର୍ଘସ୍ଥାୟୀ ଜଳ ସମ୍ପଦ ସୃଷ୍ଟି ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅଟେ । ଯାହା ହଜାର ହଜାର ପରିବାର ପାଇଁ ଦୀର୍ଘମିଆଦି ଜଳ ସୁରକ୍ଷା ସୁନିଶ୍ଚିତ କରିବା ସହ କୃଷି କ୍ଷେତ୍ରରେ ଜଳସେଚନ ପାଇଁ ସହାୟକ, ଭୂତଳ ଜଳ ସ୍ତର ବୃଦ୍ଧି ଏବଂ ବର୍ଷା ଜଳ ଅମଳରେ ସହାୟକ ହେଉଛି । ଟିଏସ୍ଏଫ୍ ସଫଳତାର ସହ ଦାନଗଦି ବ୍ଲକ୍‌ରେ ୧୩୯ଟି ଏବଂ ସୁକିନ୍ଦା ବ୍ଲକ୍ ?ରେ ୧୦୪ଟି ପୋଖରୀ ନିର୍ମାଣ କରିଛି । ବର୍ଷାଜଳକୁ ଅଧିକରୁ ଅଧିକ ସଂଗ୍ରହ ଓ ସଂରକ୍ଷଣ କରିବା ପାଇଁ ଏହି ନୂତନ ପୋଖରୀଗୁଡ଼ିକୁ ଡିଜାଇନ୍ କରାଯାଇଛି । ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଜଳାଶୟ ଭାବେ କାର୍ଯ୍ୟ କରୁଛି, ଯାହା ସିଧାସଳଖ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେଉଛି ଏବଂ ବିଶେଷକରି ବର୍ଷା ଦିନ ପରେ ମଧ୍ୟ ଫସଲ ବଞ୍ଚାଇବା ପାଇଁ ନିର୍ଭରଯୋଗ୍ୟ ଜଳସେଚନ ସୁବିଧା ଯୋଗାଇ ଦେଉଛି । କେବଳ ଚଳିତ ଆର୍ଥିକ ବର୍ଷରେ, ଟିଏସ୍ଏଫ୍ ୫୯ଟି ନୂତନ ପୋଖରୀର ନିର୍ମାଣ କାର୍ଯ୍ୟ ଶେଷ କରିସାରିଛି, ସେଥି ମଧ୍ୟରୁ ଦାନଗଦିରେ ୨୭ଟି ଏବଂ ସୁକିନ୍ଦାରେ ୩୨ଟି ପୋଖରୀ ରହିଛି । ଏହା ଦ୍ୱାରା ଭୂପୃଷ୍ଠ ଜଳ ସ୍ତର ବୃଦ୍ଧି ପାଇବା ସହିତ ସ୍ଥାନୀୟ ଅଞ୍ଚଳର ଏକର ଏକର ଜମି କୁ ଜଳ ସେଚନ ସୁବିଧା ମଧ୍ୟ ହୋଇ ପାରୁଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୨୨।୧୨।୨୦୨୫, ମାର୍ଗଶିର ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୭।୨୪ ଚନ୍ଦ୍ରୋଦୟ-ଦିଘ୮।୦୪।୫୩**


**ଦ୍ୱିତୀୟା-** ଦିଘ୧୦।୫୨ପର୍ଯ୍ୟନ୍ତ । **ଉତ୍ତରାଷାଢାନକ୍ଷତ୍ର-** ନିଘ ୫।୩୩ ପର୍ଯ୍ୟନ୍ତ **ଧନୁଚନ୍ଦ୍ର-** ଦିଘ୧୮।୦୬ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ,ସିଂହ,ବିଛା,ଧନୁ, ମୀନ ରାଶିର ଦିଘ୧୦।୦୭ଗତେ ମେଷ,ବୃଷ, କର୍କଟ,କନ୍ୟା,ବିଛା,ଧନୁ,ମକର ଓ ମୀନ ରାଶୀର ।**ଘାତ ଚନ୍ଦ୍ର-**ତୁଳା ଓକୁମ୍ଭ ରାଶୀର ଦିଘ୧୦।୦୬ପରେ ସିଂହ ରାଶୀର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ୧୦।୫୬ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୧ ଗତେ ଘ ୭।୪୨ ମଧ୍ୟେ । ଦିଘ ୯।୧୪ ଗତେ ଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-**ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ,ଶାରଦାଦେବୀଙ୍କ ଜନ୍ମଦିବସ,ବିଶ୍ୱ ଗଣିତ ଦିବସ ।




**ମେଷ:** ନିଜର କାର୍ଯ୍ୟ ସାର୍ଥକ ହେବା ସହିତ ସମସ୍ୟା ଦୂର ହେବ । ଅଟକି ରହିଥିବା କାର୍ଯ୍ୟ ସମାପ୍ତ ହେବ । ପାରିବାରିକ ଶାନ୍ତି ଭଙ୍ଗ ହେବ । ଆୟର ପରିମାଣ ବଢିବ । ଅଳସୁଆମି ଦେଖାଦେବ ।




**ବୃଷ:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଲୋଚନା କରିବେ । ପ୍ରଶଂସିତ ହେବେ । ଆୟ ଓ ବ୍ୟୟ ସମାନ ହେବ । ପାରିବାରିକ ଶାନ୍ତି ବଜାୟ ରହିବା ସେବା ପୂଜାରେ ଯୋଗ ଦେବେ ।



**ମିଥୁନ:**ଶ୍ରମ ଜନିତ କ୍ଳାନ୍ତି ଅନୁଭବ କରିବେ । ମାନସିକ ଦୁଶ୍ଚିନ୍ତା ଦୂର ହେବ । ରୋଜଗାରରେ ଉନ୍ନତି । ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ । ପାରିବାରିକ ସମସ୍ୟାର ସମାଧାନ ହେବ । ଭ୍ରମଣ ଯୋଗ ରହିଛି ।



**କର୍କଟ:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ଅଳସୁଆମି ଦୂର ହେବ । ବ୍ୟବସାୟରେ ଲାଭବାନ ହେବୋ ବନ୍ଧୁଙ୍କ ସହଯୋଗ ଲାଭ କରିବେ । ରୋଜଗାର ମଧ୍ୟମ ହେବ । ପାରିବାରିକ ଶ୍ରଦ୍ଧା ଲାଭ ହେବ ।




**ସିଂହ:** ଅଳ୍ପ ପରିଶ୍ରମ କରି ଅଧିକ ଫଳ ଲାଭ କରିବେ । ତୀର୍ଥ ଭ୍ରମଣର ଯୋଗ ରହିଛି । ଦୂରଯାତ୍ରାରେ କାର୍ଯ୍ୟ ସଫଳ ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଦ୍ୱନ୍ଦ ଦେଖାଦେବ ।




**କନ୍ୟା:** କର୍ମକ୍ଷେତ୍ରରେ ବେଶି କାର୍ଯ୍ୟ କରି କ୍ଳାନ୍ତି ଅନୁଭବ କରିବେ । ରହିଯାଇଥିବା କାମକୁ ହଠାତ୍ ଆରମ୍ଭ କରିବେ । ଶୁଭ ଖବର ପ୍ରାପ୍ତ ହେବ । ସମସ୍ତ କାର୍ଯ୍ୟରେ ।ାଗେଇବେ । ଆୟ ସ୍ଥିର ରହିବ । ଗୃହେ କଳହ ଦେଖାଦେବୀ



**ତୁଳା:** ଆପଣଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କର୍ମକ୍ଷେତ୍ରରେ ସଫଳତା । ଉଚ୍ଚ ସମ୍ମାନ ଲାଭ ହେବା ପରି କାର୍ଯ୍ୟ କରିବେ । ପରିବାରରେ ଅଶାନ୍ତି ଦେଖାଦେବ । ମନ ଭଲ ରହିବ ନାହିଁ ।




**ବିଛା:** ସହକର୍ମୀଙ୍କ କାର୍ଯ୍ୟକଳାପ ସନ୍ଦେହ ଜନକ ହେବ । ପାରିବାରିକ ସମସ୍ୟା ପାଇଁ ସାହାଯ୍ୟ ଲୋଡିବେ । ଆୟ ମଧ୍ୟମ ହେବ । ପରିବାରରେ ଅଶାନ୍ତି ଦେଖାଦେବ । ପରିଶ୍ରମର ପରିମାଣ ବଢିବାର ସୂଚନା ।




**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଏଣୁ ଆପଣଙ୍କ ସମସ୍ତ ଅଭିଳାଷ ପୂର୍ଣ୍ଣ ହେବ । ରୋଜଗାରରେ ଉନ୍ନତି । ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ । ପାରିବାରିକ ସମସ୍ୟାର ସମାଧାନ ହେବ ।



**ମକର:** ଆୟ ମଧ୍ୟମ ଧରଣର ହେବ । ଧର୍ମକାର୍ଯ୍ୟ ପ୍ରତି ମନ ବଢିବ । ନୂତନ ବନ୍ଧୁଙ୍କ ମିଳନ ଘଟିବ । ଦୂରଯାତ୍ରା କରିବେ । ମନ ଭଲ ରହିବ । ଗୃହେ ଆନନ୍ଦ ।



**କୁମ୍ଭ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ଘରେ ଅଶାନ୍ତି ଦେଖାଦେବ । ଶତ୍ରୁ ପରାଜିତ ହେବେ । କର୍ମକ୍ଳାନ୍ତି ଅନୁଭବ କରିବେ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**ମୀନ:** ଅଭିନ୍ନ ସ୍ତରରେ ବିଜୟୀ ହେବେ । କର୍ମକ୍ଷେତ୍ରରେ ଦରମା ବଢିବ । ପାରିବାରିକ ସମସ୍ୟା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର କ୍ଷେତ୍ରରେ ବେଶ୍ ଲାଭବାନ ହେବେ ।

# ଆଗାମୀ କାଲିର ପଞ୍ଜିକା

୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ-ଅ୬୯ଙ୍କ

**ତା୨୩।୧୨।୨୦୨୫, ପୌଷ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୭।୫୪ ଚନ୍ଦ୍ରୋଦୟ- ରାଘ୮।୪୮।୨୦**

**ତୃତୀୟା-** ରାଘ୧୭।୧୩ପର୍ଯ୍ୟନ୍ତ । **ଶ୍ରବଣାନକ୍ଷତ୍ର-** ଦିଘ ୨।୧୦ ପର୍ଯ୍ୟନ୍ତ **ତୁଳାଚନ୍ଦ୍ର-** । **ଚନ୍ଦ୍ରଶୁଦ୍ଧି-** ମେଷ,ବୃଷ, କର୍କଟ, କନ୍ୟା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-**ସିଂହ ରାଶୀର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ୧୭।୧୩ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୭।୦୫ ମଧ୍ୟେ । ଦିଘ ୯।୧୪ ଗତେ ଘ ୧୧।୨୪ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆତ୍ମ-ନିରୀକ୍ଷଣରେ ଭରିରହିଛି କପଟତା

ରାଜଧାନୀ ଦିଲ୍ଲୀରେ ସଂପ୍ରତି 'ଜୀବନ-ମରଣ' ସମସ୍ୟାର ରୂପ ନେଇ ଯାହା ପ୍ରତିଭାତ ହୋଇଛି, ତାହା ହେଉଛି ଅତ୍ୟନ୍ତ ଉତ୍କଟ ବାୟୁ ପ୍ରଦୂଷଣ। ବାୟୁ ପ୍ରଦୂଷଣର କରାଳ ରୂପ କେବଳ ଭୟଭୀତ କରୁନାହିଁ, ବରଂ ମଣିଷ ଜୀବନ ପ୍ରତି ଭୟଙ୍କର ଅଭିଶାପ ରୂପେ ଉଭା ହୋଇଛି। ବାୟୁ ମଣ୍ଡଳର ନିର୍ମଳୀକରଣ ପ୍ରକ୍ରିୟାରେ ପ୍ରତିଷେଧକ ପଦକ୍ଷେପ ଆବଶ୍ୟକ, ଯହିଁରେ ପ୍ରଦୂଷଣକୁ ଉତ୍ସରୁ ହିଁ ନିରୋଧ କରିବାକୁ ହୋଇଥାଏ। କିନ୍ତୁ ଭାରତ ଭଳି ଏକ ଗଣତନ୍ତ୍ରରେ ନାଗରିକଙ୍କୁ ଅଧିକ ହଇରାଣ ହରକତ ନ କରିବା ସକାଶେ ପ୍ରଦୂଷଣର ମୁକାବିଲା କେବଳ ପ୍ରତିକାରମୂଳକ ହୋଇ ରହିଛି। ପ୍ରତିଷେଧମୂଳକ ପଦକ୍ଷେପ ନେବାର ସାହସ ସରକାର ଦେଖାଇ ପାରୁ ନାହାନ୍ତି। କାରଣ ତଦ୍ୱାରା ସାଧାରଣ ନାଗରିକଙ୍କ ସକାଶେ ଉତ୍ପନ୍ନ ହେବାକୁ ଥିବା ଦୁର୍ଦ୍ଦଶାର ମୁକାବିଲା ଲାଗି ସରକାରଙ୍କୁ ଯଥେଷ୍ଟ ବିକଳ୍ପର ଆୟୋଜନ କରିବାକୁ ହେବ।

'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ବା 'ହୁ' ଦ୍ୱାରା ଜାରି ସତର୍କତାମୂଳକ ପରାମର୍ଶ ଅନୁସାରେ 'ଏୟାର କ୍ୱାଲିଟି ଇନ୍‌ଡେକ୍ସ' ବା 'ଏ.କ୍ୟୁ.ଆଇ.' ସ୍ତର ୬୦ ତଳକୁ ରହିବା ହେଉଛି ମନୁଷ୍ୟ ସ୍ୱାସ୍ଥ୍ୟର ଅନୁକୂଳ, ଯାହା ଦିଲ୍ଲୀରେ ହାରାହାରି ୩୦୦ରୁ ୪୦୦ ମଧ୍ୟରେ ରହୁଛି ଏବଂ ବେଳେବେଳେ କେତେକ ସ୍ଥାନରେ ଏ.କ୍ୟୁ.ଆଇ. ଏକ ଅଚିନ୍ତନୀୟ ୧୪୦୦ରେ ମଧ୍ୟ ପହଞ୍ଚି ଯାଉଛି। କହିବା ଅନାବଶ୍ୟକ ଯେ ଏଭଳି ସ୍ଥିତିରେ ଅତିଷ୍ଠ ଦିଲ୍ଲୀ ନାଗରିକଗଣ 'ନିର୍ମଳ ବାୟୁ ସେବନ କରିବାର ଅଧିକାର' ସକାଶେ ଦାବି କରି ସଡ଼କରେ ରୁଣ୍ଡ ହେଲେଣି, ଯହିଁରେ ଏଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନରେ ସରକାରଙ୍କ ବିଫଳତା ଓ ପ୍ରସଙ୍ଗର ଅନାବଶ୍ୟକ ରାଜନୀତୀକରଣକୁ ତୀବ୍ର ସମାଲୋଚନା କରାଯାଉଛି, ଯଦିଓ ନିକଟରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଏଭଳି ସ୍ଥିତି ସକାଶେ ସାଧାରଣରେ କ୍ଷମା ଯାଚନା କରିସାରିଲେଣି। କେବଳ ସେତିକି ନୁହେଁ, ମାନ୍ୟବର ସର୍ବୋଚ୍ଚ ଅଦାଲତ ମଧ୍ୟ ପରିସ୍ଥିତିକୁ ଗାମ୍ଭୀର୍ଯ୍ୟର ସହିତ ବିଚାର କରି ସରକାର ଓ ପୌରପାଳିକାକୁ ତିରସ୍କାର ମଧ୍ୟ କରିଛନ୍ତି। କିନ୍ତୁ ବାସ୍ତବତାଟି ହେଲା, ଶୀତ ଋତୁର ସମାପ୍ତି ନ ଘଟିବା ପର୍ଯ୍ୟନ୍ତ ବିଷାକ୍ତ ବାୟୁ ଦ୍ୱାରା ରୁଦ୍ଧି ହେବାର ଜ୍ୱାଳାରୁ ଦିଲ୍ଲୀ ମୁକ୍ତି ପାଇବ ନାହିଁ। ଚଳିତ ସଂସଦୀୟ ଅଧିବେଶନରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବାୟୁ ପ୍ରଦୂଷଣ କାରଣରୁ ଆମ ଦେଶରେ ମୃତ୍ୟୁ ସଂଖ୍ୟା ହେଉଛି ଶୂନ; 'ହୁ' ଦ୍ୱାରା ସ୍ଥିରୀକୃତ ଏ.କ୍ୟୁ.ଆଇ. ସୀମା କେବଳ ସାଧାରଣ ଉପଦେଶମୂଳକ, ଅର୍ଥାତ୍ ଆକ୍ଷରିକ ଭାବେ ଏହା ସବୁଠି ସ୍ୱୀକୃତ ହୋଇ ନ ପାରେ; ଏବଂ ଆମ ଦେଶର ସ୍ଥିତିକୁ ଅନୁଧ୍ୟାନ କରି ସ୍ୱତନ୍ତ୍ର 'ଏ.କ୍ୟୁ.ଆଇ.' ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ତେବେ, ଏହି ପରିପ୍ରେକ୍ଷୀରେ ପୃଥିବୀ ପ୍ରସିଦ୍ଧ ଉଚ୍ଚାଙ୍ଗ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ବିଜ୍ଞାନ ପତ୍ରିକା 'ଦ ଲାନ୍‌ସେଟ'ରେ ପ୍ରକାଶିତ ବାୟୁ ପ୍ରଦୂଷଣ ସମ୍ବନ୍ଧିତ ନିଷ୍କର୍ଷ ପ୍ରଣିଧାନଯୋଗ୍ୟ, ଯାହା କହିଥାଏ ଯେ ଏହି କାରଣରୁ ଭାରତରେ ପ୍ରତି ବର୍ଷ ହାରାହାରି ୧.୫ ନିୟୁତରୁ ୧.୭ ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ସୁତରାଂ, ଏହି ପୃଷ୍ଠଭୂମିରେ ଭାରତ ସରକାରଙ୍କ ବିବୃତ୍ତି ପ୍ରସଙ୍ଗରେ 'ଦ ଲାନ୍‌ସେଟ'ର ନିର୍ଦ୍ଦେଶିକା ଡକ୍ଟର ମେରିନା ବେଲେନ ରୋମାନେଲୋ କହିଥାନ୍ତି ଯେ ଏ ଯାବତ୍ ପୃଥିବୀରେ ଜଣେ ମାତ୍ର ବ୍ୟକ୍ତିଙ୍କ(ଲଣ୍ଡନ ବାସିନ୍ଦା) ମୃତ୍ୟୁ ସାର୍ଟିଫିକେଟରେ ମରଣର କାରଣ ବାୟୁ ପ୍ରଦୂଷଣ ବୋଲି ଉଲ୍ଲିଖିତ ରହିଛି; କିନ୍ତୁ ସମଗ୍ର ପୃଥିବୀରେ ଲକ୍ଷ ଲକ୍ଷ ଲୋକ ସୁନିର୍ଦ୍ଦିଷ୍ଟ ଭାବେ ବାୟୁ ପ୍ରଦୂଷଣରୁ ସୃଷ୍ଟ କ୍ୟାନସର, ଫୁସ୍‌ଫୁସ୍ ସଂକ୍ରମଣ ଏବଂ ହୃଦ୍‌ଘାତରୁ ମୃତ୍ୟୁ ବରଣ କରୁଛନ୍ତି। କହିବାର ତାତ୍ପର୍ଯ୍ୟ ହେଲା ପୃଥିବୀର ବିଶିଷ୍ଟ ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ନିଷ୍କର୍ଷକୁ ଅମାନ୍ୟ କରିବା ହେଉଛି ଆତ୍ମ-ନିରୀକ୍ଷଣରେ ଅନ୍ଧତ୍ୱର ଦୃଷ୍ଟାନ୍ତ।

# ବନ୍ଦେ ଉତ୍କଳଜନନୀରେ ଓଡ଼ିଆ ଅସ୍ମିତା ଓ କାନ୍ତକବି

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଏତଦ୍‌ଭିନ୍ନ କାନ୍ତକବିଙ୍କ ବିଭିନ୍ନ ଜାତୀୟ ସଙ୍ଗୀତ, ସେଗୁଡ଼ିକର ଆତ୍ମା ଦେଶପ୍ରୀତି, ଜାତୀୟତାବାଦ। ତାଙ୍କ ଉଦ୍‌ବୋଧନୀ ଗୀତିକା ବେଶ୍ ମନଛୁଆଁ, ଜନତାର ମର୍ମଭେଦ କଲା। ସ୍ୱତଃ ପ୍ରବୃତ୍ତ ହୋଇ ସେମାନେ ଜାତିର ମହାସ୍ରୋତରେ ଝାସଦେଲେ। ଭାଷା ସୁରକ୍ଷା ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅବା ଜାତୀୟ ମୁକ୍ତିସଂଗ୍ରାମ। ପ୍ରତିଟି କ୍ଷେତ୍ରରେ ସଂଗୀତଗୁଡ଼ିକ ଯୋଗାଇଲା ପ୍ରେରଣା, "କୋଟି କୋଟି କଣ୍ଠେ ଆଜି / ଉଠୁରେ ଗମ୍ଭୀରେ ବାଜି, ଉତ୍କଳର ଜୟଗୀତି ଉନ୍ମାଦନା ଭରା / କମ୍ପି ଉଠୁ ଶୈଳରାଜି ସସାଗରା ଧରା / କମ୍ପିଉଠୁ ଶୂନ୍ୟେ ଶୂନ୍ୟେ ଆକାଶ ଅବନୀ / ପୁଣ୍ୟମୟୀ ମା' ମୋର ଉତ୍କଳ ଜନନୀ / ମୋର ଉତ୍କଳ ଜନନୀ, ମୋର ଉତ୍କଳ ଜନନୀ।"

କବି ଆଶାବାଦୀ। ମାଟି ମା' କୋଳ ତାଙ୍କର ଶେଷ ଆଶ୍ରୟ। ତା'ର ଧୂଳି, ଅଙ୍ଗରେ ବୋଳି, ଅନ୍ତିମ କାଳରେ ମଥା ଲୋଟାଇବେ। ସେଇ ହେବ ତାଙ୍କର ଶ୍ରେୟ ଆଉ ଧ୍ୟେୟ। ଅତି ଶ୍ରଦ୍ଧାରେ ନିଜ ମନକଥା ବଖାଣନ୍ତି, "ତୋର ଶ୍ରୀଚରଣ ଧୂଳି / ଅଙ୍ଗେଅଙ୍ଗେ ହେବି ବୋଳି / ଅନ୍ତିମେ ତୋ ପଦପ୍ରାନ୍ତେ ଲୋଟାଇବି ମଥା / ଜୀବ ଯିବ କହୁଁ କହୁଁ ତୋର ଗୁଣ ଗାଥା / ତୋର ସେବା ହେବ ମୋର ସ୍ୱର୍ଗର ସରଣୀ/ ତୀର୍ଥମୟ ମା' ମୋର ଉତ୍କଳ ଜନନୀ।" କାନ୍ତକବିଙ୍କର ଏଇଟି ଜନ୍ମଭୂମି ପ୍ରୀତିର ଆଉ ଏକ ନିଦର୍ଶନ।

ଉତ୍କଳ ଜନନୀର ଗାଥା-ଗୌରବ ଗାନ, ଏଇଠି କବି ଲକ୍ଷ୍ମୀକାନ୍ତଙ୍କ ଓଡ଼ିଆ ଅସ୍ମିତା ସୀମିତ ନୁହେଁ। ମହାଭାରତୀୟ ଚେତନା ବୋଧରେ ସେ ଆର୍ଦ୍ର। ପରାଧୀନ ଭାରତ। ବିଦେଶୀମାନଙ୍କର ଅପଶାସନ, ଶୋଷଣ, ଲୁଣ୍ଠନ। ସର୍ବତ୍ର ବିକଳ ସ୍ଥିତି। ଭାରତମାତା ଆଜି ଆଲୁଳାୟିତ କେଶା, ସାଶ୍ରୁବାନା। ଭାରତବାସୀ ଜାଗିବାକୁ ହେବ। ଚାଲିବ ଲଢ଼େଇ, ଫିରିଙ୍ଗି ହଟିବେ। ଭାରତ ମାତା ଫେରି ପାଇବ ତା'ର ମାନ, ସମ୍ମାନ। ଲକ୍ଷ୍ମୀକାନ୍ତଙ୍କ ବଜ୍ରଗମ୍ଭୀର ଆହ୍ୱାନ, "ଜାଗରେ ଜାଗରେ ଭାରତବାସୀ ମଙ୍ଗଳ କ୍ଷଣେ ଆଜି / ମୁକ୍ତ ଗଗନ ତଳେ ହୁଅ ଉଭା ଉଷାର ଆଲୋକ ସାଜି / ସୁପ୍ତ ଶକତି, ଲୁପ୍ତ ବିଭବ ଭାରତେ ଫେରାଇ ଆଣି / ଆସିଛିରେ ଆଜି ଭାରତବର୍ଷେ ଗୁପତ ଭାରତବାଣୀ।"

ଦୀନ, ହୀନା ଭାରତମାତା। ନୟନୁ ଝରାଏ ଅଶ୍ରୁ। ମଳିନ ବେଶା, ଧୂସର କେଶା, ଶିରରେ ପାଷାଣ ଭାରା। ଆଜି ନାହାନ୍ତି ଶୁକ, ସନକ, ଶଙ୍କର, ବୁଦ୍ଧ, ଅଶୋକ, ଚଇତନ୍ୟ, ଧ୍ରୁବ, ପ୍ରହ୍ଲାଦ, ଗୁରୁ ନାନକ। କାହାନ୍ତି ରାମ, ଲକ୍ଷ୍ମଣ, ଭୀଷ୍ମ, ଅର୍ଜୁନ ସେଦିନ ଆଜି ଅତୀତ। ଯଶସ୍ୱୀ ପୁରୁଷ, ମୁନିଋଷି ଆଜି ଦୁଷ୍ପ୍ରାପ୍ୟ। କବି ଖେଦରେ ଗାଇଛନ୍ତି, "କାହାନ୍ତି ସେ କପିଳ, ବ୍ୟାସ, ଭବଭୂତି, କାଳିଦାସ / କାହିଁ ସେହି ଦର୍ଶନ ତତ୍ତ୍ୱ, କାବ୍ୟ ଉଚ୍ଛ୍ୱାସ / କାହିଁ ସେହି ବୀଣା ଝଙ୍କାର, ସାମ ଓଁକାର / ହୁଙ୍କାରେ ଯାର କମ୍ପଇଁ ମହୀ।" ଜାତିସ୍ମର ଲକ୍ଷ୍ମୀକାନ୍ତ। ଅତୀତକୁ ସ୍ମରଣ କରିଛନ୍ତି। ସେଇ ସବୁ କୀର୍ତ୍ତିମାନ, ଯଶସ୍ୱଙ୍କ ନାମ ଉତ୍ତର ପୀଢ଼ି ଆଗରେ ବାଢ଼ିଛନ୍ତି। ସେମାନଙ୍କୁ ବାଟ ବଢ଼ାଇ ନେବାରେ ସହାୟକ ହେବ ଏଇ ଉଦ୍‌ବୋଧନୀ ଗୀତିକା।

ପରାଧୀନ ଦେଶ, ସ୍ୱାଧୀନତା ପାଇଁ ମହାସଂଗ୍ରାମ, ନେତୃତ୍ୱ ନେଲେ ଗାନ୍ଧିଜୀ। ଦେଶ ସ୍ୱାଧୀନ ହେଲା। ଗାନ୍ଧିବାଦୀ ଆଦର୍ଶ ଆର୍ଦ୍ର ଜନଜୀବନ। ବହୁ ଭାବରେ, ବହୁ ରୂପରେ ପ୍ରେରିତ ହେବାର ଆହ୍ୱାନ। ଗାନ୍ଧିଜୀଙ୍କ ଜୟଗାନ, କୁଟୀରଶିଳ୍ପ, ଖଦୀ କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ, ମନ ମୋହିଲା। କବିଙ୍କ ଭାଷାରେ, "ଭାଇ ହେ, ଏବେ ଅରଟ କାଟ / ଆଉ କିଛି ଭରସା ନାହିଁ, ଅରଟ ଏକା ମୁକତି ବାଟ / ଦେଖ ତୁମ ଘର ଭିତରେ ବିଦେଶିନୀର ବସିଛି ହାଟ / ଶେଯ ପାରି ଜଳଜଳ କରି ଦେଖୁଛ ନାଟ / ++++ ଦଶିଆ, ଅଖା ହାତେ ଦେଇ ଯାଉଛି ନେଇ ମଠାପାଟ / ଭକୁଆ ହୋଇ ରହିଛ ଚାହିଁ, ଛି, ଛି, ତୁମେ ଏ ଭଳି ଛିଟ।" ବିଦେଶୀ ବସ୍ତୁ ବର୍ଜନ, ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର, ଏହାରି ଉପରେ ଲକ୍ଷ୍ମୀକାନ୍ତ ଗୁରୁତ୍ୱଆରୋପ କରିଛନ୍ତି।

ବିଦେଶୀଙ୍କ ଅପଶାସନ। ସର୍ବତ୍ର ହାହାକାର। ଆକୁମାରୀ ହିମାଳୟ ଭାରତମାତାର କୀର୍ତ୍ତି ବିକଶିତ। କେବଳ ସେତିକି ନୁହେଁ, ବୀର ପ୍ରସବିନୀ ଭାରତ ମଧ୍ୟ। ଏତେ ବଡ଼ ଦେଶ ଆଜି ନିର୍ବେଦ, ସ୍ଥାଣୁ। ଆଶାବାଦୀ ଲକ୍ଷ୍ମୀକାନ୍ତ। ଅତୀତର ଗତ ଗୌରବ, ମୃତ ଗୌରବ ନିଶ୍ଚୟ ଫେରିବ। ଏଥିପାଇଁ ଲୋଡ଼ା ତ୍ୟାଗ, ପ୍ରଚଣ୍ଡ ଲଢୁଆପଣ। ସେ ଆହ୍ୱାନ ଦେଇଛନ୍ତି, "ଜାତିର ଡାକେ ହୋଇ ପ୍ରବୃଦ୍ଧ / ଉଠରେ ସର୍ବ ବାଳକ ବୃଦ୍ଧ / ଜାତୀୟ ପତାକା ଉଡ଼ାଇ ଗର୍ବେ ସମର କ୍ଷେତ୍ରେ ରାଜରେ / ଧରଧର ଆସି ଧର କୃପାଣ / ଧରୁ କାର୍ମୁକ, ଶାଣିତ ବାଣ / ଅଭୟ ଚିତ୍ତରେ ଖଡ଼ଗ ଶତ୍ରୁ - ଶୋଣିତେ ମାଜରେ।" ଦେଶମାତୃକା ପାଇଁ ଆତ୍ମ ବଳିଦାନ। ତାହାହିଁ ହେବ ମାତୃଭୂମି ପାଇଁ ସର୍ବଶ୍ରେଷ୍ଠ ଅବଦାନ। ଜାତୀୟତାବାଦର ମନ୍ଦାକିନୀ ଧାରା, ପ୍ରବାହିତ ସଙ୍ଗୀତର ପ୍ରତିଟି ପଂକ୍ତିରେ।

ଜାତୀୟ ମୁକ୍ତି ସଂଗ୍ରାମ ଫଳବତୀ ହେଲା, ଫିରିଙ୍ଗି ହଟିଲେ। ଦେଶ ସ୍ୱାଧୀନ। ସାରା ଭାରତବର୍ଷରେ ଉତ୍ସାହ ଉଦ୍ଦୀପନା 'ବନ୍ଦେ ମାତରମ୍' ଧ୍ୱନିରେ ଗଗନ ପବନ ମୁଖରିତ। ଉଡୁଛି ସଗର୍ବେ ତ୍ରିରଙ୍ଗା ପତାକା। ତା'ରି ତଳେ ଦେଶବାସୀଙ୍କ ପଣ-ପ୍ରତିଜ୍ଞା, ସ୍ୱାଧୀନତାକୁ ଅତୁଟ ରଖିବାର ଦୃଢ଼ ସଂକଳ୍ପ। କବି ପୁଲକିତ, ବିହ୍ୱଳ ହୋଇ ଗାଇଛନ୍ତି - "ଉଡ଼ଇ ଊର୍ଦ୍ଧ୍ୱେ ବିଜୟ-କେତୁ ଅମ୍ବର ଶିର ଚୁମ୍ବି / କେଶର, ଶ୍ୱେତ, ହରିତ - ଏ ତିନି ବର୍ଣ୍ଣ ଗଗନରେ ଜୃମ୍ଭି / ଆସରେ ବୀର, ଆସରେ ଜନ୍ମଭୂମି, ଜନନୀ ଭକ୍ତ / ଏହି ତୋ ଜାତୀୟ ପତାକା ପ୍ରାନ୍ତେ ପାତି ଦେ ହୃଦୟ ରକ୍ତ / +++ / ଏହି ସେ ନିଶାଣ ଉଡ଼ାଇ ଯାହା ତୁ ଜିଣିଲୁ ନିଖିଳ ବିଶ୍ୱ / ଆଜି ସେ ଶକ୍ତି ହୋଇନାହିଁ ହୀନ, ହୋଇନାହୁଁ ଆଜି ନିଃସ୍ୱ / ସୁପ୍ତ ସିଂହ ଜାଗ୍ରତ ହୋଇ ଗର୍ଜୁ ଶିଖରୀ-ଶୃଙ୍ଗେ / ଉଦଧି ବକ୍ଷେ ଉଠୁରେ ନାଚି ମତ୍ତ ଲହରୀ ତୁଙ୍ଗେ।" ସର୍ବତ୍ର ଗର୍ଜି ଉଠୁଛି ତୂର୍ଯ୍ୟନାଦ। ଉଡୁଛି ବିଜୟ କେତ। ବଜାଅ ବଜାଅ ବିଜୟ ଶଙ୍ଖ। ଗାଅ ଭାରତର ଜୟ। ସେଇ ଜନ୍ମଭୂମି ମୁକ୍ତି ଯଜ୍ଞ, ମନ-ପ୍ରାଣ-ହୃଦୟ-ରକ୍ତ, ସବୁ ଅର୍ପଣ କରିବାକୁ ପଡ଼ିବ। ଆଜି ମା' ମସ୍ତକରେ ଗୌରବ ଟୀକା, ଭାଲରେ ମୁକ୍ତ ସ୍ୱଦେଶ କିରଣ। ଏହି ଦେଶ କବିଙ୍କ ମୁକ୍ତି ମାର୍ଗ। ଦେଶ-ମୁକ୍ତିଯଜ୍ଞ-ଅନଳେ ପ୍ରାଣବଳି ଦେବାକୁ କବି ସତତ ଚେଷ୍ଟିତ।

କାନ୍ତକବିଙ୍କର ପ୍ରଚଣ୍ଡ ଦେଶପ୍ରେମ। ଏହା ପ୍ରତିବିମ୍ବିତ ତାଙ୍କର ଦେଶାତ୍ମବୋଧକ ସଂଗୀତରେ। ପ୍ରାକ୍ ସ୍ୱାଧୀନତା କାଳ। ସର୍ବତ୍ର ସଂଗ୍ରାମ, ଜନତାଙ୍କ ଜୟ ଜୟକାର। ଏ ପରିପ୍ରେକ୍ଷୀରେ ତାଙ୍କର ଜ୍ୱାଳାମୁଖୀ, ଅଗ୍ନିବର୍ଷୀ ଜାତୀୟତାବୋଧ ସଂଗୀତ, ଜନତାଙ୍କୁ ପ୍ରଚୋଦିତ କଲା। ବିଶେଷକରି ଯୁବ ମାନସରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ ହେଲା। ବାଲେଶ୍ୱରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନ (୧୯୧୨)। 'ବନ୍ଦେ ଉତ୍କଳଜନନୀ' ଥିଲା ଆବାହନୀ ସଂଗୀତ। ଭଦ୍ରକର କୁଆଁସ ପଡ଼ିଆ, ଅନୁଷ୍ଠିତ ଏକ ରାଜନୀତିକ ସମ୍ମିଳନୀ, କବିଙ୍କର ଜାତୀୟ ସଙ୍ଗୀତ, "ଉଡ଼ାଇ ନିଶାଣ ବାଜଇ ଭେରି ଜଗାଇ ବିପୁଳ ପୁଲକ କମ୍ପି..., ଉପସ୍ଥିତ ସମସ୍ତ ଶୋତୃମଣ୍ଡଳୀ ମନ୍ତ୍ରମୁଗ୍ଧ। ସଭାପତିତ୍ୱ କରୁଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ଆବେଗରେ କାନ୍ତକବିଙ୍କୁ ଆଲିଙ୍ଗନ କଲେ। ତାଙ୍କ ଚକ୍ଷୁ ହେଲା ଲୋତକାର୍ଦ୍ର। "କୋଟି କୋଟି କଣ୍ଠେ ଆଜି, ଉଠରେ ଗମ୍ଭୀରେ ବାଜି, ଉତ୍କଳର ଜୟ ଗୀତି ଉନ୍ମାଦନା ଭରା" - ଏଇ ସଙ୍ଗୀତଟିରେ ଆତ୍ମବିଭୋର ଉତ୍କଳ ଗୌରବ ମଧୁସୂଦନ ଦାସ। ସ୍ୱତଃ ତାଙ୍କ ମୁଖନିସୃତ ବାଣୀ ଥିଲା, "ଛେଲେର ମତନ ଛେଲେ।"

ଯୋଗଜନ୍ମା ଲକ୍ଷ୍ମୀକାନ୍ତ। କାଳରେ ତାଙ୍କର ସୃଷ୍ଟି। ଅମର ରହିଲେ କାଳକାଳକୁ। ତାଙ୍କ ସାରସ୍ୱତ କୃତି ଦେଶ-କାଳ-ପାତ୍ର ଊର୍ଦ୍ଧ୍ୱରେ। ତାହା ସାର୍ବକାଳୀକ ଆବେଦନପ୍ରଦାୟୀ। ମା'-ମାଟି-ଭାଷା ପ୍ରେମ ସିକ୍ତ ଲକ୍ଷ୍ମୀକାନ୍ତ। ଜାତୀୟତାବାଦ, ଦେଶପ୍ରୀତି ତାଙ୍କ ପ୍ରାଣର କଥା, ଆତ୍ମାର ଗାଥା। ଉତ୍କଳର ପାଣି ପବନ, ପରିବେଶ ସହ ଓତପ୍ରୋତ ଭାବେ ସେ ବିଜଡ଼ିତ। ଜୀବନ ସଙ୍ଗୀତ ତାଙ୍କର ଅମ୍ଳାନ କୃତି। ଓଡ଼ିଆ ବାଣୀଭଣ୍ଡାରରେ ତା' ଦୃଶ ସୃଷ୍ଟି ବିରଳ। ଯାବତ ଚନ୍ଦ୍ରାର୍କେ ଲକ୍ଷ୍ମୀକାନ୍ତ ଚିର ସ୍ମରଣୀୟ। 'ବନ୍ଦେ ଉତ୍କଳ ଜନନୀ' ତାଙ୍କର ଅନନ୍ୟ କୃତି, ପ୍ରତିଟିରେ ଓଡ଼ିଆ ଅସ୍ମିତା ଚିର ଭାସ୍ୱର - ଏକଥା ଅନସ୍ୱୀକାର୍ଯ୍ୟ।

# ସ୍ମୃତିର ଝୁଅରେ ବାଘରାଣୀ 'ଖଇରୀ' ମୁହଁ

କପିଳାସ ଭୂୟାଁ
ଲେଖକ ଜଣେ ବରିଷ୍ଠ ସାମ୍ବାଦିକ, କଳା ସମୀକ୍ଷକ ଓ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ

ପ୍ରାୟ ପଇଁଚାଳିଶି ବର୍ଷ ପଛକୁ ଫେରି ଚାହିଁଲେ ପ୍ରଥମେ ସବୁକିଛି ଦିଶେ ଧୂମ୍ରାଭ, କୁହୁଡ଼ିଆ। ଅସ୍ପଷ୍ଟରୁ କ୍ରମେ ଯାହା ସ୍ପଷ୍ଟ ହୁଏ ତା' ଗୋଟେ ମୁହଁ, କୌଣସି ମଣିଷର ନୁହେଁ, 'ଖଇରୀ'ର – 'ବାଘରାଣୀ ଖଇରୀ' ମୁହଁ! ୧୯୭୯ ମସିହା ପ୍ରି-ଡିଗ୍ରୀ ପରୀକ୍ଷା ପରେ ଖରାଛୁଟି ହୋଇଥାଏ। ଫେଲୁ, ମନୋଜ ଓ ମୁଁ – ଆମେ ତିନି ସାଙ୍ଗ ଛୁଟି କାଟିବାକୁ କୁଆଡ଼େ ଗୋଟେ ଯିବୁ ବୋଲି ଭାବୁଥାଉ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କୁଆଡ଼େ ଯିବୁ ମୁଣ୍ଡରେ କିଛି ଢୁକୁ ନଥାଏ। ଯୋଗକୁ ଫେଲୁର ସରୋଜ ମାମୁ ଆସି ତାଙ୍କ ଘରେ ପହଞ୍ଚିଲେ। ମାଉସୀ, ମାନେ ଫେଲୁର ବୋଉ ମା' ଜ୍ଞାନଦା ପଟ୍ଟନାୟକ ଆମ ମନକଥା ଜାଣିଲାପରି କହିଲେ, ''ତୁମେମାନେ ସବୁ ସାନଭାଇ ସାଙ୍ଗେ ଶିମିଳିପାଳ ଯାଇ ବୁଲି ଆସୁନ ?''

ଆମ ଦେଶର ଅଭୟାରଣ୍ୟଗୁଡ଼ିକ ମଧ୍ୟରୁ ଶିମିଳିପାଳ ଗୋଟିଏ। ଏଠାରେ ୧୯୭୩ ମସିହାରେ ପ୍ରତିଷ୍ଠା କରାଗଲା 'ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ' ଓ ଏହାର ପ୍ରଥମ ପ୍ରକଳ୍ପ ନିର୍ଦ୍ଦେଶକ ରୂପେ ଦାୟିତ୍ୱ ନେଇଥିଲେ ଶ୍ରୀ ସରୋଜରାଜ ଚୌଧୁରୀ, ଫେଲୁର ମାମୁ। ସେ ସେଠାରେ ଗୋଟିଏ ବାଘ ଛୁଆ ପାଳିଥିଲେ। ଯାହାର ନାଁ 'ଖଇରୀ'। ମଣିଷର ସ୍ନେହ ଶ୍ରଦ୍ଧା ବାଘ ଭଳି ଜନ୍ତୁର ସହଜାତ ହିଂସ୍ରତା ବି ଉଭେଇ ଯାଇପାରେ, ଖଇରୀକୁ ପାଳି ସରୋଜ ବାବୁ ତାହା ପ୍ରମାଣିତ କରି ପାରିଥିଲେ। ତେଣୁ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ 'ପଦ୍ମଶ୍ରୀ' ଉପାଧିରେ ମଧ୍ୟ ସମ୍ମାନିତ କରାଯାଇଥିଲା। ସେତେବେଳକୁ ଖଇରୀର ଲୋକପ୍ରିୟତା ଆମ ଦେଶର ସୀମା ସରହଦ ଡେଇଁ ସାରିଥିଲା। ଦେଶବିଦେଶରୁ ଲୋକେ ଖଇରୀକୁ ଦେଖିବାକୁ ଆସୁଥିଲେ। ଏଠାରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖଇରୀ ଉପରେ ଗୋଟିଏ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇ ସାରିଥିଲା। ଫେଲୁର ବାପା, ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ବରେଣ୍ୟ କଥାକାର ଅଖିଳମୋହନ ପଟ୍ଟନାୟକ 'ବାଘରାଣୀ ଖଇରୀ' ନାଁରେ ଖଇରୀର ଜୀବନୀ 'ସମାବେଶ' ପତ୍ରିକାରେ ଧାରାବାହିକ ଭାବେ ଲେଖୁଥିଲେ। ଖଇରୀ ସମ୍ପର୍କରେ ମୋଟାମୋଟି ଧାରଣା ମୁଁ ସେଇଥିରୁ ପାଇଥିଲି। ଫେଲୁ ଅବଶ୍ୟ ପୂର୍ବରୁ ଖଇରୀକୁ ଦେଖିଥିଲା। କିନ୍ତୁ ମନୋଜ ଓ ମୋ ପାଇଁ ଖଇରୀକୁ ଦେଖିଯିବା ଏକ ମହାର୍ଘ ସୁଯୋଗ ଥିଲା।

ମାଉସୀଙ୍କ କଥା ଶୁଣି ଆମ କାହାରି ପାଦ ଆଉ ତଳେ ଲାଗିଲାନି। ସରୋଜ ବାବୁ ଦିଲ୍ଲୀ ଗସ୍ତରୁ ଶିମିଳିପାଳ ଫେରୁଥିଲେ। ଭୁବନେଶ୍ୱରରେ ତାଙ୍କର ଦି' ଦିନର କାମ ଥିଲା। ଆମେ ତିନି ଜଣ ତାଙ୍କ ସହ ଯିବୁ ବୋଲି ଜ୍ଞାନଦା ମାଉସୀ ତାଙ୍କୁ ଜଣାଇ ଦେଲେ। ଆମେ ସମସ୍ତେ ସବୁ ପ୍ରସ୍ତୁତି ସାରି ତାଙ୍କ ଫେରିବା ଦିନକୁ ଅପେକ୍ଷା କଲୁ।

ସକାଳ ପ୍ରାୟ ୯ଟା ବେଳକୁ ସରୋଜ ବାବୁଙ୍କ ଜିପ୍ ପଛରେ ବସି ଆମେ ତିନି ବନ୍ଧୁ ଭୁବନେଶ୍ୱର ଛାଡ଼ିଲୁ। ବାଟରେ ସରୋଜ ବାବୁ ତାଙ୍କ କଟକ ଘରକୁ କିଛି ସମୟ ପାଇଁ ଗଲେ। ଦିଲ୍ଲୀରେ ପଢୁଥିବା ତାଙ୍କ ପୁଅ ବାବ୍‌ଲୁ ସେତେବେଳେ ଛୁଟିରେ ଘରକୁ ଆସିଥିଲା। ଆମେ ସବୁ ଶିମିଳିପାଳ ଯାଉଛୁ ଦେଖି ସେ ବି ବାହାରିଲା। ନିରବଚ୍ଛିନ୍ନ ଭାବେ ଆମ ଜିପ୍ ଅତିକ୍ରମ କରିଚାଲିଲା କୋଠାବାଡ଼ି, ରାସ୍ତାଘାଟ, ବୃକ୍ଷଲତା। କ୍ରମେ ଜଙ୍ଗଲ ଭିତରର ପିଚୁ ରାସ୍ତାରେ ଆଗେଇଲୁ। ଆଖି ପାଇଲା ପର୍ଯ୍ୟନ୍ତ ଚାରିଆଡେ କେବଳ ଜଙ୍ଗଲ ଦିଶୁଥିଲା। କ୍ୱଚିତ୍ ରାସ୍ତାକଡ଼ରେ ଗାଁଟାଏ ଦୃଷ୍ଟିଗୋଚର ହେଉଥିଲା। ସହରୀ ବାତାବରଣରେ ଆମେ ବଢ଼ିଥିବା ପିଲାମାନେ ପୂର୍ବରୁ ଜଙ୍ଗଲ ସହ ଏପରି ଅନ୍ତରଙ୍ଗ କେବେ ହୋଇ ନ ଥିଲୁ। ତେଣୁ ସମସ୍ତେ ପ୍ରାୟ ଚୁପ୍ ଥିଲୁ। ଜଙ୍ଗଲର ଶାନ୍ତ ବାତାବରଣ ଭିତରେ ଜିପ୍‌ର ଘର୍ଘର ଶବ୍ଦ ଆନନ୍ଦକୁ ବହୁଗୁଣିତ କରୁଥିଲା।

ବାଟରେ ଦି' ଅସରା ବର୍ଷା ହୋଇଗଲା। ଅପରାହ୍ନ ପ୍ରାୟ ୪ଟା ବେଳକୁ ଯଶିପୁର ନିକଟବର୍ତ୍ତୀ ଧୋବାଡ଼ିହିଠାରେ ଥିବା ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶାଳୟର ମୁଖ୍ୟ ଫାଟକରେ ଜିପ୍ ଅଟକିଲା। ଜଗୁଆଳି ଆସି ଗେଟ୍ ଖୋଲିଲା। ଜିପ୍ ଭିତରକୁ ପଶୁ ନ ପଶୁଣୁ ପୁଣି ଅଟକିଲା – ଜିପ୍‌କୁ ଅଟକାଇ ଆଗରେ ଠିଆ ହୋଇଥିଲା ଗୋଟାଏ ଭାଲୁ।

ଜିପ୍ ରହିଲାରୁ ଆଗ ସିଟରେ ବସିଥିବା ସରୋଜ ବାବୁ ଓହ୍ଲେଇଗଲେ। ତାଙ୍କୁ ଓହ୍ଲେଇବାର ଦେଖି ଭାଲୁଟି ତା' ପଛ ଦି' ଗୋଡ଼ରେ ମଣିଷ ଚାଲିଲା ପରି ଧାଇଁଆସିଲା ଓ ତାଙ୍କୁ କୋଳ କଲା। ପ୍ରକୃତପକ୍ଷେ ସେମାନେ କୋଲାକୋଲି ହେଲେ। ଭାଲୁଟି ସରୋଜ ବାବୁଙ୍କୁ କୋଳେଇଲା ବେଳେ ତା'ର ଓଜନ ସରୋଜ ବାବୁଙ୍କୁ ପଛକୁ ଠେଲି ନେଉଥିଲା। ଭାରସାମ୍ୟ ରକ୍ଷା କରିବାକୁ ସେ ଭାଲୁକୁ ଆଗକୁ ଠେଲି ରଖୁଥିଲେ। ଭାଲୁଟି ହୁଃ ... ହୁର୍... ଶବ୍ଦ କରି ସରୋଜ ବାବୁଙ୍କ ମୁହଁକୁ ଚାଟି ପକଉଥିଲା। "ଜମ୍ବୁ! ହେଲା, ହେଲା। ଚାଲ୍, ମୁଁ ଅଛି। ଆଉ କୁଆଡେ ଯାଉନି" କହି ସରୋଜ ବାବୁ ତାକୁ ବୁଝେଇବାରେ ଲାଗିଥିଲେ।

'ଜମ୍ବୁ' ନାଁଟି ସହ ମୁଁ ପୂର୍ବରୁ ପରିଚିତ ଥିଲି। ଅଖିଳ ମୋହନ ପଟ୍ଟନାୟକଙ୍କ 'ବାଘରାଣୀ ଖଇରୀ' ଧାରାବାହିକ ଲେଖାରେ ଜମ୍ବୁ ସରୋଜ ବାବୁଙ୍କର ଅନ୍ୟତମ ପାଳିତ ଜନ୍ତୁ ବୋଲି ମୁଁ ପଢ଼ିଥିଲି। ଭାଲୁର ଜିଭରେ କଣ୍ଟା ଅଛି ବୋଲି ସାଧାରଣରେ ଯେଉଁ ଧାରଣା ରହିଛି, ଜମ୍ବୁକୁ ପାଳି ଓ ତା'ଠାରୁ ଶ୍ରଦ୍ଧାଚଟା ଖାଇ ସରୋଜ ବାବୁ ତାହାକୁ ଭୁଲ୍ ବୋଲି ପ୍ରମାଣିତ କରିଥିଲେ। ବିପଦ ଆସିଲେ, ଆତଙ୍କିତ ହେଲେ କେବଳ ଜନ୍ତୁ କାହିଁକି, ମଣିଷ କାମୁଡାରୁ ବି ବିଷ ସଞ୍ଚରିଯାଏ। ବିପଦରେ ପଡ଼ିଲେ ଭାଲୁ ଜିଭର ଗ୍ରନ୍ଥିଗୁଡ଼ିକ ଫୁଲି ଉଠି କଣ୍ଟାସଦୃଶ ହୋଇଯାଏ ଓ ସେତେବେଳେ ସେ ଚାଟିଲେ ମଣିଷ ଖଣ୍ଡିଆ ଖାବରା ହୁଏ। ସେତେବେଳେ ତା' ଲାଳର ବିଷ ଖଣ୍ଡିଆରେ ଲାଗି ଯେଉଁ ଘା' ହୁଏ ତା' ଜମା ଶୁଖେ ନାହିଁ। ତେଣୁ ସାଧାରଣରେ ଭାଲୁ ଜିଭରେ କଣ୍ଟା ଥାଏ ବୋଲି ଧାରଣା ରହିଛି।

ସରୋଜ ବାବୁଙ୍କ କଥା ମାନି ଜମ୍ବୁ ତାଙ୍କୁ ଛାଡ଼ିଦେଇ ଡେଇଁ ଡେଇଁ ଫେରିଗଲା। ଜମ୍ବୁ ଯେଉଁ କୁଣ୍ଢେଇ ଗେଲ କରୁଥିଲା, ପୂର୍ବରୁ ବର୍ଷା ହେଇଥିବା ଯୋଗୁଁ ତା' ଗୋଡ଼ରେ ଲାଗିଥିବା କାଦୁଅ ସରୋଜ ବାବୁଙ୍କ ଜାମାରେ ପୋଛି ହୋଇ ବିଲିବିଲା ଦିଶୁଥିଲା। ଅଥଚ ସରୋଜ ବାବୁ ଦିଶୁଥିଲେ ସଦ୍ୟ ସ୍ନେହାପ୍ଳୁତ। ସେଠୁ ଆମେ ଘରମୁହାଁ କିଛି ବାଟ ଆଗେଇଛୁ କି ନାହିଁ କେଉଁଠି ଥିଲା କେଜାଣି ହିଃ... ହିଃ... ହିଃ... ଶବ୍ଦ କରି ଆସି ପହଞ୍ଚିଗଲା ଖଇରୀ। ଗୋଟିଏ ବିଲେଇ ପରି ତା' ସାରା ଶରୀରକୁ ସରୋଜ ବାବୁଙ୍କ ଦେହରେ ଘଷି ଘଷି ଆଗକୁ ଗଲା ଓ ପୁଣି ବୁଲିପଡ଼ି ଘଷି ହୋଇ ହୋଇ




ଫେରିଲା। ସେତେବେଳେ ସରୋଜ ବାବୁ ତାକୁ ଆଉଁଶି ପକଉଥିଲେ। କହୁଥିଲେ, "ଦେଖ୍ ଖଇରୀ କିଏ ଆସିଛି। ବାବ୍‌ଲୁ ଭାଇକୁ ଚିହ୍ନି ପାରୁଛୁ" ଏଥର ବାବ୍‌ଲୁ ଯାଇ ଖଇରୀକୁ ଆଉଁଶିଲା ଓ ଖଇରୀ ହିଃ... ହିଃ... ହୋଇ ତାକୁ ବାରି ପାରିଛି ବୋଲି ସମ୍ମତି ଜଣେଇଲା।

ଖଇରୀର ସେଇ ଚଲାବୁଲା ଭିତରେ ଆମେ ତିନିବନ୍ଧୁ ଯେତେ ସମ୍ଭବ ତା'ର ନିକଟବର୍ତ୍ତୀ ହୋଇ ଠିଆ ହେଇଥିଲୁ। ଫେଲୁ ତା' ପିଲାବେଳୁ ଖଇରୀକୁ ଦେଖିଥିଲା। ଖଇରୀ ଛୋଟ ଥିଲା ବେଳେ ତା'କୁ ସେ କୋଳରେ ଧରି ଗେଲ କରିଥିଲା। ତେଣୁ ଏତେ ପାଖରେ ଖଇରୀ ଚଲାବୁଲା କରୁଥିଲେ ବି ଫେଲୁ ମୁହଁ ଶଙ୍କିତ ଦିଶୁନଥିଲା। କିନ୍ତୁ ମନୋଜ ଓ ମୋ ମୁହଁ ଆଶଙ୍କା ଓ ଆନନ୍ଦର ମିଶ୍ରିତ ପ୍ରଭାବରେ କିମ୍ଭୁତ ଦିଶୁଥିଲା। ଗୋଟେ ଜୀବନ୍ତ ବାଘର ଏତେ ନିକଟବର୍ତ୍ତୀ ହେବା ଥିଲା ଆମ ଦୁଇ ଜଣଙ୍କ ପାଇଁ ପ୍ରଥମ ସୌଭାଗ୍ୟ। ଏହା ପୂର୍ବରୁ ଅବଶ୍ୟ ମୁଁ ବାଘ ଦେଖିଥିଲି, ହେଲେ ସର୍କସରେ। ପିଞ୍ଜରା ଭିତରେ ରିଂ ମାଷ୍ଟର ତା' ଚାବୁକ୍ ହଲେଇ ବାଘମାନଙ୍କୁ ଖେଳଉଥିଲା ବେଳେ ଦର୍ଶକ ଗ୍ୟାଲେରୀରୁ ମୁଁ ଆଶ୍ଚର୍ଯ୍ୟ ହୋଇ ବାଘ ଦେଖିଥିଲି। କିନ୍ତୁ ଜୀବନକାଳ ଭିତରେ ମୁଁ ଯେ ନିଜେ ଗୋଟେ ଜୀବନ୍ତ ବାଘର ଏତେ ନିକଟବର୍ତ୍ତୀ ହୋଇପାରିବି, ତା' କେବେ କଳ୍ପନା କରି ନ ଥିଲି।

ସେତେବେଳେ ଖଇରୀ ଚଲାବୁଲା କରୁଥିବା ଜାଗାରୁ ମୁଁ ପ୍ରାୟ ଚାରି/ପାଞ୍ଚ ଫୁଟ ଦୂରରେ ଠିଆ ହୋଇଥିଲେ ବି ଖଇରୀ ଦେହରେ ବାଜି ଦି' ଭାଗ ହୋଇ ଯାଉଥିବା ପବନ ମତେ ବେଶ୍ ଆତଙ୍କିତ କରିଦେଉଥିଲା। ଖଇରୀର ମୁହଁ ମତେ ଅତିକ୍ରମ କରିଗଲା ପରେ ମୁଁ ଟିକେ ପାଖକୁ ଲାଗି ଆସୁଥିଲି ଓ ସେ ବୁଲି ପଡ଼ି ଫେରିଲା ବେଳକୁ ମୁଁ ପଛକୁ ଘୁଞ୍ଚି ଆସୁଥିଲି। ସେତିକିବେଳେ ଗୋଟାଏ ଥର ଖଇରୀର ପିଠିକୁ ଟିକେ ଆଉଁଶି ଦେବି ବୋଲି ହାତ ବଢ଼ୋଉଥିଲା ବେଳେ ତା' ଲାଞ୍ଜ ମୋ କାନ୍ଧରେ ବାଜିଗଲା। ପ୍ରକୃତପକ୍ଷେ ମୋ ପାଇଁ ତାହା ଏକ ଶକ୍ତ ପ୍ରହାର ଥିଲା। ସେତେବେଳକୁ ନିହାର ନଳିନୀ ଦେବୀ, ଅର୍ଥାତ୍ ସରୋଜ ବାବୁଙ୍କ ସହଯୋଗୀ ସେଠି ଆସି ପହଞ୍ଚି ସାରିଥିଲେ। ଖଇରୀ ଉଭୟ ସରୋଜ ବାବୁ ଓ ନିହାର ଦେବୀଙ୍କ ଗେହ୍ଲା ଝିଅ ଥିଲା। ସେମାନେ ଏକାଠି ଖଇରୀର ଦାୟିତ୍ୱ ନେଉଥିଲେ। ଖଇରୀ ଯୋଗୁଁ ଉଭୟଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ମଧ୍ୟ ତିଆରି ହୋଇଯାଇଥିଲା।

ପାଠ ପଢ଼ା ସାରି ନିହାର ଦେବୀ ଗାର୍ଲ୍ସ ଗାଇଡିଂର ଷ୍ଟେଟ୍ କମିଶନର ରୂପେ କାମ କରୁଥିଲେ। କିନ୍ତୁ ସେ ଜଣେ ବନ୍ୟ-ଜନ୍ତୁ-ପ୍ରେମୀ ମଣିଷ ଥିଲେ। ସେତିକିବେଳେ ସରୋଜ ବାବୁଙ୍କ ସହ ତାଙ୍କର ଦେଖା ହେଇଥିଲା। ବନ୍ୟ-ଜନ୍ତୁଙ୍କ ଜୀବନ ପ୍ରତି ଉଭୟଙ୍କ ଅନ୍ତରରେ ଥିବା ଆଗ୍ରହ ଯୋଗୁଁ ସେମାନଙ୍କ ମନ ମିଶିଯାଇଥିଲା। ନିହାର ଦେବୀଙ୍କ ସହ ସାକ୍ଷାତ ପୂର୍ବରୁ ସରୋଜ ବାବୁ ଶିକାର କରିବାକୁ ବି ଭଲ ପାଉଥିଲେ। କିନ୍ତୁ ନିହାର ଦେବୀଙ୍କ ମତ ଥିଲା ଯେ, ପ୍ରତ୍ୟେକ ଜନ୍ତୁଙ୍କୁ ଭଲ ପାଇବା କଥା। ଶିକାର କରିବା କଥା ନୁହେଁ। ଏହା ସରୋଜ ବାବୁଙ୍କୁ ଉଦ୍‌ବୁଦ୍ଧ କରିଥିଲା ଓ ନିହାର ଦେବୀଙ୍କ ସମ୍ପର୍କରେ ରହି ସରୋଜ ବାବୁଙ୍କ ଶିକାର ନିଶା ସମ୍ପୂର୍ଣ୍ଣ ଛାଡ଼ିଯାଇଥିଲା।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳଠାରେ ଯେଉଁ ବର୍ଷ 'ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ' ପ୍ରତିଷ୍ଠା କରାଗଲା ତା' ପରବର୍ଷର କଥା। ସ୍ଥାନୀୟ 'ଖଡ଼ିଆ' ସମ୍ପ୍ରଦାୟର କେତେଜଣ ଆଦିବାସୀ ଲୋକ ଗୋଟିଏ ବାଘ ଛୁଆ ଆଣି ପହଞ୍ଚିଲେ ସରୋଜ ବାବୁଙ୍କ ପାଖରେ। ଦଳ ଦଳ ହେଇ ଜଙ୍ଗଲରେ ବୁଲି ଝୁଣା, ମହୁ ଇତ୍ୟାଦି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ମେଣ୍ଟେଇବା 'ଖଡ଼ିଆ' ଆଦିବାସୀ ସମ୍ପ୍ରଦାୟର ପେଷା। ଦୁଇଦିନ ପୂର୍ବରୁ ସେମାନଙ୍କର ଏହି ଦଳଟି ଜଙ୍ଗଲ ଭିତର ଦେଇ ଗଲା ବେଳେ ବାଘ ଛୁଆଟିକୁ ପାଇଥିଲେ। ମା' ବାଘୁଣୀ ଶୋଇଥିଲା ଓ ଛୁଆଟି କ୍ଷୀର ପିଉଥିଲା। ହଠାତ୍ ଆଗରେ ବାଘ ଦେଖି 'ଖଡ଼ିଆ'ମାନେ ପାଟିତୁଣ୍ଡ କଲେ। ସାମାନ୍ୟ ସତର୍କ ଥିଲେ ମା' ବାଘୁଣୀ ସେମାନଙ୍କୁ ହୁଏତ ଆକ୍ରମଣ କରିଥାନ୍ତା। କିନ୍ତୁ ନିଦରୁ ଉଠି ସେମାନଙ୍କର ପାଟିତୁଣ୍ଡରେ ଚମକିଯାଇ ମା' ବାଘୁଣୀ ଜଙ୍ଗଲକୁ ପଳେଇଲା। ଛୁଆଟି ଯାଇ ନ ପାରି ପାଖ ପାହାଡ଼ ଖୋଲରେ ପଶିଗଲା।

'ଖଡ଼ିଆ'ମାନେ ତା'କୁ ଧରିଆଣି ତହିଁ ଆରଦିନ ଯଶିପୁରରେ ପହଞ୍ଚିଲେ ଓ ରାତିରେ ସେଠାରେ ରହି ତା' ପରଦିନ ଆସି ଧୋବାଡିହିସ୍ଥିତ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟାଳୟରେ ସରୋଜ ବାବୁଙ୍କୁ ଭେଟିଲେ। ସେଦିନ ଥିଲା ୧୯୭୪ ମସିହା ଅକ୍ଟୋବର ୪ ତାରିଖ। ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶରୂପେ ବାଘ ଛୁଆଟିକୁ କ'ଣ କରାଯିବ, ସେ ନେଇ ସରୋଜ ବାବୁ ଟିକିଏ ଚିନ୍ତିତ ହେଲେ। କିନ୍ତୁ ନିହାର ଦେବୀ ବାଘ ଛୁଆଟେ ଆସିଛି ଶୁଣି ସଙ୍ଗେ ସଙ୍ଗେ ସେଠି ପହଞ୍ଚି କହିଉଠିଲେ, "ଛୁଆଟିକୁ ଆମେ ପାଳିବା।"ବାଘ ଛୁଆଟି ତା' ପରଠୁ ରହିଲା ସେମାନଙ୍କ ସହ। ତା'କୁ ଅମୂଲ କ୍ଷୀର ପିଇବାକୁ ଦିଆଗଲା। ଏହା ପୂର୍ବରୁ ନିହାର ଦେବୀ ଚିତା ବାଘଟିଏ ରଖିଥିଲେ। କିନ୍ତୁ ତା'ର ଖାଦ୍ୟପେୟ ବାବଦରେ ଠିକ୍ ଧାରଣା ନଥିବାରୁ ତା' ପେଟରେ ଗ୍ୟାସ୍ ହେଲା ଓ ଦିନେ ସେ ମରିଗଲା। ସେଥରର ଶିକ୍ଷାରୁ ଏଥର ପ୍ରଥମରୁ ହିଁ ସତର୍କ ପଦକ୍ଷେପ ନିଆଗଲା। ଗ୍ରାଇପ୍ ୱାଟର ଦିଆଗଲା ପେଟ ନ ବାନ୍ଧିବା ପାଇଁ। ମାଈ ବାଘ ଛୁଆଟି ସ୍ଥାନୀୟ ଖଇରୀ ନଦୀ କୂଳରୁ ମିଳିଥିବାରୁ ଉଭୟେ ସରୋଜ ବାବୁ ଓ ନିହାର ଦେବୀ ସ୍ନେହରେ ତା' ନାଁ ରଖିଲେ 'ଖଇରୀ'।

କ୍ରମେ ଖଇରୀର ବିଶ୍ୱାସ ବଢ଼ିଲା। ଠିକ୍ ସମୟରେ ତା'ର ସବୁ ଆବଶ୍ୟକତା ପୂରଣ ହେଉଥିବାରୁ ହିଂସ୍ର ହେବା ଭଳି ସହଜାତ ପ୍ରବୃତ୍ତି ମଧ୍ୟ ତା'ଠାରୁ ଦୂରେଇ ରହିଲା। ସରୋଜ ବାବୁ ଓ ନିହାର ଦେବୀଙ୍କ ଜୀବଜନ୍ତୁ ପରିବାର ଭିତରେ ସେ ବି ଜଣେ ହୋଇ ସାମିଲ୍ ହେଇଗଲା।

ନିହାର ଦେବୀ ବାବ୍‌ଲୁ ଓ ଫେଲୁ ସମେତ ଆମ ସମସ୍ତଙ୍କୁ ଘର ଭିତରକୁ ନେଲେ। ଗାଧୁଆପାଧୁଆ କରି ଫ୍ରେସ୍ ହେଇଯିବାକୁ କହିଲେ। ଗୋଟିଏ ରୁମ୍‌ର ଚାବି ଖୋଲିଦେଲେ ଆମେ ରହିବା ପାଇଁ। "ସବୁ ରୁମ୍‌ରେ ଚାବି ପଡୁଛି। ନ ହେଲେ ଜମ୍ବୁ ପଶି ଆସବାବପତ୍ର ସବୁ ନଷ୍ଟ କରିଦେଉଛି। ତେଣୁ ଭିତରେ ଥିଲେ ତୁମେ ଭିତରପଟୁ କବାଟ ବନ୍ଦ କରିଦେଉଥିବ ଓ ବାହାରକୁ ଗଲା ବେଳେ ମନେକରି ଚାବି ପକାଉଥିବ", ଫେଲୁ ହାତକୁ ଚାବି ବଢ଼େଇ ନିହାର ଦେବୀ ଆମ ସମସ୍ତଙ୍କ ଉଦ୍ଦେଶ୍ୟରେ କହିଲେ। ଆମେ ଗାଧୁଆପାଧୁଆ ଆରମ୍ଭ କଲୁ। ଫେଲୁ ଓ ମୁଁ କାମ ସାରି ରୁମ୍‌ରୁ ବାହାରିଲା ବେଳକୁ ମନୋଜ ଗାଧୋଉଥିଲା। ତେଣୁ ଆମେ ବାହାରୁ ଚାବି ଦେଇ ଲନ୍‌କୁ ଗଲୁ। ଖଇରୀକୁ ଦେଖିବାକୁ ଆସିଥିବା କିଛି ବଙ୍ଗାଳି ଲୋକ ସେତେବେଳେ ସେଠି ସରୋଜ ବାବୁଙ୍କ ସହ କଥା ହେଉଥିଲେ। ଅଦୂରରେ ଖଇରୀ ବୁଲୁଥିଲା। ଆମେ ସେଠି ପହଞ୍ଚିବାର କିଛି ସମୟ ଉତ୍ତାରେ ଆମେ ରହୁଥିବା ରୁମ୍‌ର କବାଟ ବାଡ଼ିଆ ଶବ୍ଦ ଆମ କାନରେ ବାଜିଲା। ମୁଁ ଚାବି ନେଇଗଲି କବାଟ ଖୋଲିବା ପାଇଁ। ବାରଣ୍ଡାରେ ପହଞ୍ଚି ଦେଖିଲି ଅଦୂରରୁ ଜମ୍ବୁ ଡେଇଁ ଡେଇଁ ମୋ ଆଡ଼େ ଆସୁଛି। ତେଣୁ ମୁଁ ତରତରରେ କବାଟ ଖୋଲି ଭିତରକୁ ପଶିବା ପାଇଁ ଉଦ୍ୟମ କଲି। ମନୋଜ ବେଶ୍ କିଛି ସମୟ ରୁମ୍ ଭିତରେ ରହିଯାଇଥିବାରୁ କବାଟ ଖୋଲୁ ଖୋଲୁ ସେ ବାହାରି ଆସିବାକୁ ଚାହୁଁଥିଲା। ତେଣୁ ସେ ମତେ ଠେଲି ବାହାରକୁ ଆସିଲା ଓ ମୁଁ ତାକୁ ଠେଲି ଭିତରକୁ ଗଲି। ମୁଁ ଭିତରେ ପଶୁ ପଶୁ ଭିତରପଟୁ କବାଟ ବନ୍ଦ କରିଦେଲି। ସେ ବାହାରକୁ ଆସିବା ମାତ୍ରେ ଜମ୍ବୁକୁ ସାମ୍ନାରେ ଭେଟିଲା, କିନ୍ତୁ ପଛକୁ ଫେରିବା ପାଇଁ କବାଟ ମଧ୍ୟ ବନ୍ଦ ଥିଲା।

ଜମ୍ବୁ ତାକୁ ସାମ୍ନାରେ ପାଇ ଗେଲ କଲା। ସେ ଦୃଶ୍ୟ ଅବଶ୍ୟ ମୁଁ ଦେଖି ପାରିଲିନି। କିନ୍ତୁ ଭିତରେ ଥାଇ ମୁଁ ଶୁଣିଲି ମନୋଜର ଆକୁଳ ନିବେଦନ – "ନୋ! ନୋ ଜମ୍ବୁ! ଛାଡ଼, ଛାଡ଼୍ ମତେ! ଜମ୍ବୁ ଛାଡ଼.... ଛାଡ଼ିଦେ ମତେ"। କ୍ରମେ ତାର କଣ୍ଠସ୍ୱର ଅତି କରୁଣ ଶୁଭିଲା। ଏ ଭିତରେ ଦୃଶ୍ୟଟି ସରୋଜ ବାବୁଙ୍କ ଦୃଷ୍ଟିରେ ପଡ଼ିଲାରୁ ସେ ଆସି ଜମ୍ବୁ କବଳରୁ ମନୋଜକୁ ଉଦ୍ଧାର କଲେ ଓ କ୍ରମେ ସବୁ ଚୁପ୍‌ଚାପ୍ ହୋଇଗଲା। ପରେ ମୁଁ ବାହାରକୁ ବାହାରିଲି। ମତେ ଦେଖି ମନୋଜର ଆଖି ଦୁଇଟାରୁ ରାଗର ନିଆଁଝୁଲ ବାହାରୁଥିଲା। ତା'ର କୌଣସି କ୍ଷତି ହୋଇଛି ବୋଲି ନୁହେଁ, ବରଂ ଲାଜରେ ଏବଂ ସେ ଘଟଣା ପାଇଁ ସେ ମତେ ମନେ ମନେ ଦାୟୀ କରୁଥିଲା। (କ୍ରମଶଃ....)

(ସୌଜନ୍ୟ : ଓଡ଼ିଶା ଲାଇଭ)

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**



# ୩ ଶିକ୍ଷକଙ୍କୁ 'ଗଞ୍ଜାମ ରତ୍ନ' ସମ୍ମାନ ପ୍ରଦାନ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ୍ ଅର୍ନ୍ତଗତ ଦାନପୁର କ୍ଲଷ୍ଟର ଅଧୀନସ୍ଥ କରଞ୍ଜରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଦକ୍ଷ ଶିକ୍ଷକ ନାଗେଶ୍ୱର ବାରିକ, ଆଛୁଲି ଫାଶିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ଯଶୋଦା ମଲ୍ଲିକ୍, ଜି. ନୂଆ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅର୍ଜୁନ ନାହାକଙ୍କୁ ସେମାନଙ୍କ ଅଭୁତ ପୂର୍ବ ବିଶେଷ ଅବଦାନ ପାଇଁ 'ସୃଜନୀ', ବ୍ରହ୍ମପୁର ପକ୍ଷରୁ ସମ୍ମାନସୂଚକ 'ଗଂଜାମ ରତ୍ନ ସମ୍ମାନ' ଆୟୋଜନ କରାଯାଇଥିଲା।ଏକ ସ୍ୱତନ୍ତ୍ର ଉତ୍ସବରେ ଉପଲକ୍ଷ ହୋଇଥିଲା ବେଳେ ସ୍ଥପତି ତଥା ଶିକ୍ଷାବିତ୍ ବିଜୟ କୁମାର ତ୍ରିପାଠୀଙ୍କୁ କଳା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସବିଶେଷ ଅବଦାନ ସକାଶେ 'କଳା ସଂସ୍କୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିବାରୁ ଖଲ୍ଲିକୋଟ ବ୍ଲକ୍ ଶିକ୍ଷକ, ବୁଦ୍ଧିଜୀବୀ, ସର୍ବସାଧାରଣରେ ଆନନ୍ଦର ଲହରୀ ଖେଳିବା ସହିତ ଶୁଭେଚ୍ଛୁଙ୍କ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ଆୟୋଜିତ ଉତ୍ସବରେ ବ୍ରହ୍ମପୁରର ମାନ୍ୟବର ବିଧାୟକ କେ. ୧ ଅନିଲ୍ କୁମାର, ସୃଜନୀର ପ୍ରତିଷ୍ଠାତା ବନ୍ଦିତା ତ୍ରିପାଠୀ,ମହିଳା ମୋର୍ଚ୍ଚାର ସଭାନେତ୍ରୀ ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ, ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ମେୟର ସଂଘମିତ୍ରା ଦଳେଇ, ଲୋକସେବକ ମଣ୍ଡଳର ସମ୍ପାଦକ ତଥା ସମାଜର ମୁଦ୍ରାକର ରାଜେନ୍ଦ୍ର ଜେନା, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ସାହିତ୍ୟିକା ଜୟନ୍ତୀ ପଢିଆରୀ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡକ୍ଟର ଭାଗ୍ୟ ଶ୍ରୀ ମଲ୍ଲ, ସାମାଜିକ କର୍ମୀ ସୁଶାନ୍ତ ସାବତ, ଗୀତିକାର ଜୟଶ୍ରୀ ଧଳ, ସୃଜନୀ ସମ୍ପାଦକ ଈଶାଙ୍କ ସାହୁ ପ୍ରମୁଖ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହିଥିଲେ।




# ଲକ୍ଷ୍ମଣନାଥ ଷ୍ଟେସନ୍‌ର ଫୁଟ୍ ଓଭରବ୍ରିଜ୍ ନାହିଁ : ଯାତ୍ରୀ 'ହଇହଙ୍ଗା'

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ଲକ୍ଷ୍ମଣନାଥ ରେଲୱେ ଷ୍ଟେସନ୍‌ର ସମସ୍ୟା ଦୂରହେବ କେବେ। ପ୍ରକାଶ ଥାଉକି ୩ ନମ୍ବର ଫ୍ଲାଟ୍ ଫର୍ମ ଓ ୪ ନମ୍ବର ପ୍ଲାଟ୍‌ଫର୍ମକୁ ଫୁଟ୍ ଓଭରବ୍ରିଜ ନଥିବାରୁ ଷ୍ଟେସନକୁ ଯାତାୟାତ ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ବିଶେଷ କରି ଉକ୍ତ ରେଲୱେ ଷ୍ଟେସନକୁ ଓଡ଼ିଶା ଓ ପଶ୍ଚିମବଙ୍ଗର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଏହି ଦୁଇ ପ୍ଲାଟଫର୍ମକୁ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବାର ଆବଶ୍ୟକତା ରହିଛି। ତାସହିତ ଜଳେଶ୍ୱର-ପୁରୀ ମେମୁ ଟ୍ରେନ୍‌କୁ ଲକ୍ଷ୍ମଣନାଥ ଯାଏଁ ସମ୍ପ୍ରସାରଣ ହେବାର ଥିଲେ ମଧ୍ୟ ଅଦ୍ୟାବଧି ହୋଇପାରି ନାହିଁ। ଉକ୍ତ ରେଲୱେ ଷ୍ଟେସନର ଭିତ୍ତି ଭୂମି ରହିବା ସ୍ଥଳେ କ'ଣ ପାଇଁ ହୋଇ ପାରୁନାହିଁ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅବିଳମ୍ବେ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଲକ୍ଷ୍ମଣନାଥ ଉନ୍ନୟନ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଓଡ଼ିଶାର ଶେଷ ସୀମାରେ ଥିବା ଲକ୍ଷ୍ମଣନାଥ ଷ୍ଟେସନରେ ଦୈନିକ ୧୨ ଟି ପାସେଞ୍ଜର ଟ୍ରେନ୍ ଅଟକି ରହିଥାଏ। ଏହି ଷ୍ଟେସନ ଉପରେ ଓଡ଼ିଶା ଓ ଫୁଟ୍ ଓଭରବ୍ରିଜ୍ ନଥିବାରୁ ଜୀବନକୁ ଭଗବାନଙ୍କୁ ସାହା କରି ଯାତ୍ରୀ ମାନେ ୨ଟି ରେଳଧାରଣା ଉପରେ ଛିଡା ହୋଇଥିବା ଟ୍ରେନ ତଳେ ମୁଣ୍ଡ ପଶି ପାରି ହୋଇ ଟ୍ରେନରେ ଚଢୁଛନ୍ତି। ଟ୍ରେନ୍-ଜଳେଶ୍ୱର-ପୁରୀ ରୁଟ୍ ସମ୍ପ୍ରସାରଣ ପ୍ରତିଶ୍ରୁତିର ପାଣିର ଗାର ହୋଇ ରହିଛି। ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ନିଆଯାଉନି ପଦକ୍ଷେପ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳର ୧୬ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ତେବେ ଷ୍ଟେସନ ପାଇଁ ବଡ଼ ସମସ୍ୟା ହେଉଛି ୩ ନମ୍ବର ଫ୍ଲାଟ୍ ଫର୍ମ ଓ ୪ ନମ୍ବର ପ୍ଲାଟଫର୍ମକୁ ଫୁଟ୍ ଓଭରବ୍ରିଜ୍ ସଂଯୋଗ ନହେବା।ଷ୍ଟେସନର ୧ ଓ ୨ ନମ୍ବର ପ୍ଲାଟଫର୍ମକୁ ଫୁଟ୍ ଓଭରବ୍ରିଜ ରହିଛି।କିନ୍ତୁ ପୂର୍ବ ଦିଗରେ ଥିବା ୩ ଓ ୪ ନମ୍ବର ରେଳ ଲାଇନ୍ ଉପରେ ଫୁଟ୍ ଓଭରବ୍ରିଜ ନାହିଁ। ଫଳରେ ଓଡ଼ିଶାର ନଛିମପୁର, ସୁଗୋ ଓ ପଶ୍ଚିମବଙ୍ଗର ସୁନାକଣିଆ ୫ ନମ୍ବର ପଞ୍ଚାୟତ, ମାଟିବିରୁଆ ୬ ନମ୍ବର ପଞ୍ଚାୟତ, କୁସୁମୀ ୭ ନମ୍ବର ପଞ୍ଚାୟତର ଲୋକେ ଷ୍ଟେସନକୁ ବିପଦ ସଙ୍କୁଳ ଭାବେ ରେଳ ଲାଇନ୍ ପାରି ହେବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ରୋଗୀମାନେ ଦୁଇ ଦୁଇଟି ରେଳ ଲାଇନ୍ ପାରି ହୋଇ ଷ୍ଟେସନକୁ ଯିବା ବେଳକୁ ସେମାନଙ୍କ ଜୀବନ ବାଜିରେ ଲାଗୁଛି। ଏବେ ପୁଣି ତୃତୀୟ ଲାଇନ ନିର୍ମାଣଧୀନ ଥିବାରୁ ଆଗାମୀ ଦିନରେ ଆହୁରି ସମସ୍ୟା ବଢ଼ିବ ବୋଲି କୁହାଯାଇଛି। ସେହିପରି ଜଳେଶ୍ୱର-ପୁରୀ ମେମୁ ଟ୍ରେନ୍‌କୁ ଲକ୍ଷ୍ମଣନାଥ ଯାଏଁ ସମ୍ପ୍ରସାରଣ ପାଇଁ ପରିଷଦ ପକ୍ଷରୁ ୨୦୧୯ ମସିହାରୁ ଦାବି ହୋଇ ଆସୁଛି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମଧ୍ୟ ରେଳ ବିଭାଗ ନିକଟରେ ଏହି ଦାବି କରିଛନ୍ତି। ହେଲେ ପ୍ରତିଶ୍ରୁତିର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ହୋଇପାରି ନାହିଁ। ସେହିପରି ନୂଆ ଦିଲ୍ଲୀ ହାଓ୍ୱଡା ପୁରୀ ହାଇଦ୍ରାବାଦ ଓ ବେଙ୍ଗାଲୁର ଅଭିମୁଖେ ଯାଉଥିବା କେତେକ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇ ଥିଲା। ଯଦି ଏ ଦିଗରେ ସୁସ୍ଥ ଭାବେ ପଦକ୍ଷେପ ନିଆ ନଗଲେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ପରିଷଦର ସଭାପତି ସୂର୍ଯ୍ୟାନନ୍ଦ ପାଳ, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ଦାସ ଅଧିକାରୀ, ସଂପାଦକ ରବିନ୍ଦ୍ରନାଥ ଦାସ, ସହ ସଂପାଦକ ସୁଦାମ ଚରଣ ପାତ୍ର, ଉପ ସଭାପତି ତଥା ସରପଞ୍ଚ ନଛିମପୁର ପଞ୍ଚାୟତ ରାଜେଶ କୁମାର ଜେନା ତଥା ପରିଷଦର ଅନ୍ୟାନ୍ୟ ନେତୃବୃନ୍ଦ ରବିନ୍ଦ୍ର ବାରିକ, ନିଶିକାନ୍ତ ଦାସ୍, ମିଳନ କୁମାର ଦାସ୍, ବଙ୍କିମ ଚନ୍ଦ୍ର ପାଳ, ଅନନ୍ତ ଘୋଷ ଓ ଅନ୍ୟ ସଦସ୍ୟ ସଦସ୍ୟା ବୃନ୍ଦ।



# ଆବେଦନ ସତ୍ତ୍ୱେ ଧାନ ବିକ୍ରୟ ପତ୍ରରୁ ବଞ୍ଚିତ ଚାଷୀ



**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ସ୍ଥାନୀୟ ପଞ୍ଚାୟତ ମହୁରୁଣ୍ଡି ଗ୍ରାମର ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି । ଅଭିଯୋଗ ମତେ ମହୁରୁଣ୍ଡି ଗ୍ରାମର ନରେନ୍ଦ୍ର ଭୋଇ ନିଜ ଅଜା ନାମରେ ଥିବା ଚାଷ ଜମିରେ ୧୦ ଏକର ଧାନ ଚାଷ ବିଭିନ୍ନ ସୂତ୍ରରୁ ଧାର କରଜ କରି ଚାଷ କରିଥିଲେ । ଭୋଇଙ୍କ ଅଭିଯୋଗ ଅନୁଯାୟୀ ଧାନ ବିକ୍ରୟ ପାଇଁ ଖପ୍ରାଖୋଲ ସେବା ସମବାୟ ସମିତି ଓ ରାଜସ୍ୱ ବିଭାଗ ପାଖରେ ଆବଶ୍ୟକ କାଗଜ ପତ୍ର ଦେଇ ଧାନ ବିକ୍ରୟ କରିବା ପାଇଁ ଆବେଦନ କରିଥିଲେ। ହେଲେ ଆବେଦନ ପରେ ମଧ୍ୟ ଧାନ ବିକ୍ରୟ କରିବା ପାଇଁ ସରକାରୀ ସ୍ତରରେ କୌଣସି ଚାଷୀ ଧାନ ବିକ୍ରୟ ଆଦେଶ ଆସୁନଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କ ଅମଳ କରିଥିବା ଧାନକୁ କେଉଁଠୁ ବିକ୍ରୟ କରିବେ ବୋଲି ଚିନ୍ତାରେ ପଡିଯାଇଛନ୍ତି। ଏନେଇ ସେବା ସମବାୟ ସମିତି ସମ୍ପାଦକ ଶ୍ରୀପତି ଭୋଇଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀ ଚାଷୀଙ୍କ ଆବଶ୍ୟକ କାଗଜ ଦେଇ ଧାନ ବିକ୍ରୟ ପାଇଁ ଆଦେଶ ଆସି ନଥିବା ବିଷୟରେ ଅବଗତ କରାଯାଇଥିବା ପ୍ରକାଶ କରିଥିଲେ। ଆହୁରି ମଧ୍ୟ ଯେ ଖପ୍ରାଖୋଲ ଦାୟିତ୍ୱରେ ଥିବା ମଣ୍ଡି ନିରୀକ୍ଷକ ବିନୋଦ ବେହେରାଙ୍କୁ ଓ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯିବାରୁ ଉଭୟଙ୍କ କଥାର ତାଳମେଳ ରହୁନଥିବା ଦେଖିବାକୁ ମିଳିଛି। ତେବେ ମଣ୍ଡି ନିରୀକ୍ଷକ ତାଙ୍କ ଦାୟିତ୍ୱ ସାରିଦେଇଥିବା ଓ ରାଜସ୍ୱ ବିଭାଗ ମଧ୍ୟ ତାଙ୍କ ଦାୟିତ୍ୱ ସାରି ଦେଇଥିବା କହୁଥିବା ବେଳେ ପ୍ରକୃତରେ କିଏ ସତ କହୁଛି ଜଣା ପଡୁ ନାହିଁ। ତେବେ ପ୍ରଶାସନର ଏହିଭଳି ଦୋମୁହାଁ ନୀତିରେ ଚାଷୀ ପେଶି ହେବା ସହିତ ନିଜର ଉପାର୍ଜିତ ଧାନକୁ କିପରି ଓ କିଭଳି ଭାବରେ ବିକ୍ରୟ କରିବ ଓ କାହାର ଦ୍ୱାରସ୍ଥ ହେବ ଚିନ୍ତାରେ ରହିଥିବା ଦେଖିବାକୁ ମିଳୁଛି । ଏନେଇ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାନ ବିକ୍ରୟ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ମୂଷା କାଟିଦେଲା ମେସିନ୍ ତାର, ନିରାଶ ହୋଇ ଫେରିଛନ୍ତି ରୋଗୀ

# କ୍ୟାପିଟାଲ ହସ୍ପିଟାଲ-ପିଜିଆଇଏମ୍ଇଆରରେ ସିବିସି ମେସିନ୍ ଅଚଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ୟାପିଟାଲ ହସ୍ପିଟାଲ-ପିଜିଆଇଏମ୍ଇଆରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାଥୋଲ୍ୟାବ୍‌ରେ କମ୍ପ୍ଲିଟ୍ ବ୍ଲଡ୍ କାଉଣ୍ଟ (ସିବିସି) ମେସିନ୍ କିଣା ହୋଇଥିଲା। ମେସିନ୍ ଖରାପ ହେଲେ କମ୍ପାନି କର୍ତ୍ତୃପକ୍ଷ ମରାମତି ପାଇଁ ଗ୍ୟାରେଣ୍ଟି ମଧ୍ୟ ଦେଇଥିଲେ । ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ମେସିନ୍ ସୁରକ୍ଷା ଦିଗରେ ଅବହେଳା କରିଛନ୍ତି । ଫଳରେ ସିବିସି ମେସିନକୁ ମୂଷା କାଟି ଦେଇଛନ୍ତି । ମେସିନ୍ ସପ୍ତାହେ ହେଲାଣି ଅଚଳ ହୋଇ ପଡ଼ିଛି । ହସ୍ପିଟାଲ କର୍ତ୍ତୃପକ୍ଷ ମେସିନ୍ ମରାମତି କରିବା ଲାଗି ଅନୁରୋଧ କରିଥିଲେ । କିନ୍ତୁ କମ୍ପାନି କର୍ତ୍ତୃପକ୍ଷ ସିଧାସଳଖ ଚରମବାଣୀ ଶୁଣାଇଛନ୍ତି । ଆଗ ମୂଷା ଜଗ, ତା'ପରେ ମେସିନ୍ ମରାମତି କରାଯିବ । ମୂଷା ମାରିବା ପାଇଁ ଏକ କାଚ ଘର ନିର୍ମାଣ ପାଇଁ କମ୍ପାନି କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି । ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ କାଚ ଘର ନିର୍ମାଣ କରିଛନ୍ତି । ଖୁବ୍‌ଶୀଘ୍ର ମେସିନ୍ ସଜଡ଼ା ଯିବ ବୋଲି ସୂଚନା ମିଳିଛି । ହସ୍ପିଟାଲ ପାଥୋଲ୍ୟାବ୍‌ରେ ୨ଟି ସିବିସି ମେସିନ୍ ରହିଛି । ଗୋଟିଏ ମେସିନ୍ ଜରୁରିକାଳୀନ ଅସ୍ତ୍ରୋପଚାର କ୍ଷେତ୍ରରେ ନିୟୋଜିତ ହୋଇଛି । ଅନ୍ୟଟି ଓପିଡ଼ି ସେବା କ୍ଷେତ୍ରରେ ବ୍ୟବହାର କରାଯାଉଛି । ହେଲେ ଏହି ସିବିସି ମେସିନ୍ ଖରାପ ହୋଇଛି । ଯାହା ଫଳରେ ଏବେ ରୋଗୀ ନିରାଶ ହୋଇ ଫେରି ଯାଉଛନ୍ତି । ରୋଗୀ ଅନ୍ୟ ସବୁ ପରୀକ୍ଷା ଏଠାରେ କରୁଥିବା ବେଳେ ସିବିସି ପରୀକ୍ଷା ଘରୋଇ ଲ୍ୟାବ୍ରେ କରିବାକୁ ପଡୁଛି । ଫଳରେ ରୋଗୀ ହସ୍ପିଟାଲକୁ ବାରମ୍ବାର ଧାଇଁବାକୁ ପଡୁଛି । ସାଧାରଣତଃ ଏହି ମେସିନ୍ ଦ୍ୱାରା ଲୋହିତ ରକ୍ତ କଣିକା, ଶ୍ୱେତ ରକ୍ତ କଣିକା, ପ୍ଲେଟଲେଟ୍, ହିମୋଗ୍ଲୋବିନ୍, ଆନିମିଆ ଓ ରକ୍ତ ସଂକ୍ରମଣ ଆଦି ବହୁ ପରୀକ୍ଷା କରାଯାଇଥାଏ । ଏହି ସବୁ ପରୀକ୍ଷାରୁ ରୋଗୀ ବଞ୍ଚିତ ହେଉଛନ୍ତି । ଯାହାଫଳରେ ରୋଗୀଙ୍କ ସବୁ ପ୍ରକାର ରିପୋର୍ଟ ଡାକ୍ତରଙ୍କ ପାଖରେ ପହଞ୍ଚିପାରୁନି । ରୋଗୀ ଅଧା ଚିକିତ୍ସା ପାଇ କଲବଲ ହେଉଛନ୍ତି । ପିପିଲି ନରସିଂହପୁରରୁ ଆସିଥିବା ନବଘନ ମିଶ୍ର କହିଛନ୍ତି, ବାପାଙ୍କୁ ନେଇ ହସ୍ପିଟାଲ ଆସିଥିଲି। ଡାକ୍ତର ସିବିସି ପରୀକ୍ଷା ପାଇଁ ଲେଖିଛନ୍ତି । ହେଲେ ଏଠି ମେସିନ୍ ଖରାପ । ଭାବିଥିଲି ଦିନ ୩ଟା ପରେ ରିପୋର୍ଟ ନେଇ ଡାକ୍ତରଙ୍କୁ ଦେଖାଇ ଗାଁକୁ ଫେରିଯିବି । ହେଲେ ମେସିନ୍ ଖରାପ କ'ଣ କରିବୁ ବୁଦ୍ଧିବାଟ ଦେଖାଯାଉନି । ଖୋର୍ଦ୍ଧାରୁ ନଟବର ସ୍ୱାଇଁ ମଧ୍ୟ ସେହି ଏକା କଥା କହିଛନ୍ତି । ଦୂରରୁ ଆସୁଥିବା ରୋଗୀଙ୍କ ପାଇଁ ଜରୁରିକାଳୀନ ଭିତ୍ତିରେ ମେସିନରେ ପରୀକ୍ଷା ଲାଗି ଅନୁରୋଧ କରିଛନ୍ତି।

# ବୃଦ୍ଧଙ୍କୁ ହତ୍ୟା ମାମଲା ୧୪ବର୍ଷ ପରେ ପ୍ରକାଶ ପାଇଲା ରାୟ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆ ପାଟଣା ଗ୍ରାମର ବୃନ୍ଦାବନ ରାଉତ ହତ୍ୟାକାଣ୍ଡ ମାମଲାର ରାୟ ଦୀର୍ଘ ୧୪ବର୍ଷ ପରେ ପ୍ରକାଶ ପାଇଛି । ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜୁଲତା ଲେଙ୍କା ଦୁଇ ଜଣ ଅଭିଯୁକ୍ତଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡାଦେଶ ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ କୋଚିଲା ଗ୍ରାମର ମଣି ଅରିସଲ ଓ ହଳଦିଆପାଟଣା ଗ୍ରାମର ପ୍ରଫୁଲ୍ଲ ରାଉତ । ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ହଳଦିଆ ପାଟଣା ଗ୍ରାମର ମନୋଜ ରାଉତ ଏବେ ବି ଫେରାର ଅଛି। ଏହି ମାମଲାର ଶୁଣାଣି କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ୨୭ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

# ଆଦିବାସୀଙ୍କ ପ୍ରିୟ ଖାଦ୍ୟ କାଇ ପିମ୍ପୁଡ଼ି

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆଦିବାସୀ ନିର୍ଭର। ଜଙ୍ଗଲରେ ସୃଷ୍ଟି ହେଉଥିବା ନାନା ପ୍ରକାରର ଛତୁ, ଫଳମୂଳ, ପିତାଳୁ, ଶାଗ, ଗିଲିରିଫୁଲ ଆହୁରି କେତେ କ'ଣ ଖାଇ ଜୀବନ ନିର୍ବାହ କରନ୍ତି ସେମାନେ। ସେହିପରି ଆଦିବାସୀଙ୍କ ଆଉ ଏକ ପ୍ରିୟ ଖାଦ୍ୟ କାଇ ପିମ୍ପୁଡ଼ି। ଏଥିରେ ଭରି ରହିଛି ଔଷଧୀୟ ଗୁଣ। ଏହା ସ୍ୱାଦ ସାମାନ୍ୟ ଖଟା। କାଇ ପିମ୍ପୁଡ଼ି ଖାଇଲେ ଦେହରୁ ଥଣ୍ଡା, ସର୍ଦ୍ଦି କାଶ, କଫ ଭଲ ହୋଇଯାଏ। କାଇ ପିମ୍ପୁଡ଼ିକୁ ହାତରେ ମଷ୍ଟି ଶୁଙ୍ଘିଲା ପରେ ଖୁବ୍ କମ୍ ସମୟରେ ଥଣ୍ଡା ଉଭାନ ହୋଇଯାଏ। ଏହାକୁ ସଂଗ୍ରହ କରିବା ଏତେ ସହଜ ହୋଇନଥିଲେ ମଧ୍ୟ ଆଦିବାସୀ ଲୋକେ ଜଙ୍ଗଲକୁ ଯାଇ ବହୁ କଷ୍ଟରେ ସଂଗ୍ରହ କରିଥାନ୍ତି।

କାଇର ବସା ଗୁଡ଼ିକ ଅଧିକାଂଶ ଶାଳ, ଆମ୍ବ ଗଛ ପତ୍ରରେ ବାନ୍ଧିଥିବା ଦେଖିବାକୁ ମିଳିଥାଏ। ଗୁଚ୍ଛ ଗୁଚ୍ଛ ପତ୍ରରେ ପତୁଆ ପତୁଆ ହୋଇ କାଇ ବସା ବାନ୍ଧିଥାନ୍ତି। ସେହି ବସାକୁ ଭାଙ୍ଗି ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରି କାଇକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସଂଗ୍ରହ ବେଳେ କାଇ ଗୁଡିକ ଆଖି କାନରେ ପଶି କାମୁଡନ୍ତି। ତେଣୁ ସତର୍କତା ଅବଲମ୍ବନ କରି କାଇ ସଂଗ୍ରହ କରିବାକୁ ପଡୁଛି। ୨୫ରୁ ୩୦ ବସା ଭାଙ୍ଗିଲା ପରେ ଏକ କେଜି ପାଖାପାଖି କାଇ ସଂଗ୍ରହ ହେଉଛି। ଏହି କାଇକୁ ଆଦିବାସୀମାନେ ହାଟ ବଜାରରେ ଶାଳ ପତ୍ରରେ ଭାଗ ବସାନ୍ତି। ଏକ ଭାଗକୁ ୨୦ ଟଙ୍କା ଏବଂ କିଲୋ ୪୦୦ ଟଙ୍କାରେ ବିକ୍ରୟ କରନ୍ତି। କେବେ କେବେ କାଇ ବିକ୍ରି ହେଉଥିବାରୁ କାଇ କିଣିବା ପାଇଁ ଲୋକଙ୍କ ମଧ୍ୟରେ ବି ବେଶ ଆଗ୍ରହ ରହିଥାଏ।



## ପିଆଇବି ଏଡିଜିଙ୍କୁ ଭେଟିଲେ କବି, ଶିକ୍ଷାବିତ୍

# ସରକାରୀ ଯୋଜନାର ପ୍ରଚାର ପାଇଁ ସାହିତ୍ୟର ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବିଶିଷ୍ଟ କବି, ନାଗରିକ, ଶିକ୍ଷାବିତ, ପୂର୍ବତନ ବରିଷ୍ଠ ସରକାରୀ ଅଧିକାରୀଙ୍କ ଏକ ଦଳ ଭୁବନେଶ୍ୱରସ୍ଥିତ ପ୍ରେସ୍ ଇନଫୋରମେସନ୍ ବ୍ୟୁରୋ (ପିଆଇବି) କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପିଆଇବିର ଅତିରିକ୍ତ ଡିଜି ଅଖିଳ କୁମାର ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ।ଭାରତ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାହିତ୍ୟ ଏବଂ ସୃଜନଶୀଳ ଅଭିବ୍ୟକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସାହିତ୍ୟ, କବିତା ଏବଂ ଆଞ୍ଚଳିକ ଭାଷାଗୁଡ଼ିକ କିପରି ଜନସଚେତନତା ଏବଂ ସାମାଜିକ ସଂହତି ବୃଦ୍ଧି କରିବାରେ ଏକ ଶକ୍ତିଶାଳୀ ଉପକରଣ ଭାବରେ କାର୍ଯ୍ୟ କରିପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଡିଜି କ୍ଷେତ୍ର ପ୍ରାମାଣିକ ସୂଚନା ପ୍ରସାରଣରେ ପିଆଇବିର ଭୂମିକା ଉପରେ ଆଲୋକପାତ କରିଥିଲେ । ଜନସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଲେଖକ ଏବଂ ବିଦ୍ୱାନମାନଙ୍କ ସୃଜନଶୀଳ ଅବଦାନକୁ ସ୍ୱାଗତ କରିଥିଲେ।



# ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ


**ବରଗଡ, ନ୍ୟୁଜ ବ୍ୟୁରୋ**

ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା, ଆସ ବନ୍ୟପ୍ରାଣୀ ସୁରକ୍ଷା ଦେବା। ଏହି ମର୍ମରେ ହାତୀ ପରି ଜୀବର ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ପାଇଁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗଙ୍ଗେଇ ଗ୍ରାମର ଜନତା ହାଇସ୍କୁଲ ଭୁକ୍ତାର ଇକୋ କ୍ଲବ୍ ଆନୁକୂଲ୍ୟରେ ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ଆହ୍ୱାନ କ୍ରମେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟୁତ୍ ବିଭାଗ ବରଗଡ଼ର ସହ ନିରୀକ୍ଷକ ବିଶାଳ ତିର୍କୀ, ମୁଖ୍ୟ ବକ୍ତା ଭାବରେ ଉଟଲିର ସହ ବନ ସଂରକ୍ଷକ ସୁବୋଧ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବନ୍ୟପ୍ରାଣୀ ବନପାଳ ସଞ୍ଜୀବ ପଣ୍ଡା ଓ ଗୋପାଳପୁର ଆଶ୍ରମ ସ୍କୁଲର ଇକୋ କ୍ଲବ୍ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ଉଚ୍ଛବ ଭୁଏ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ପ୍ରକୃତି ପ୍ରେମୀ ଓ ଗ୍ରାମବାସୀ 'ବିଦ୍ୟୁତ ତାରକୁ ସୁରକ୍ଷିତ କରିବା, ହାତୀ ଜୀବନକୁ ରକ୍ଷା କରିବା', ଜଙ୍ଗଲ ବଞ୍ଚିଲେ ଜୀବନ ମିଳେ,ତା'ଠାରୁ ସୁନ୍ଦର ଜୀବ ବଞ୍ଚିଲେ' ଆଦି ସ୍ଲୋଗାନ ଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ। ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ହାତୀ ପରି ଜୀବର ସୁରକ୍ଷା କରିବା ସହ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ ମାଧ୍ୟମରେ କିପରି ସହାୟତା ପାଇବେ ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଥଲା।ଶିକ୍ଷକ ସୁବାସ ଚନ୍ଦ୍ର ଖମାରୀ, ପ୍ରକାଶ ପଧାନ, ବନପାଳ କମଳେଶ ବାରିକ ଓ ବନପାଳ ପର୍ଶୁରାମ ବେହେରା, ବନରକ୍ଷୀ ନଳିନୀ ଭୁଏ, ସୁପ୍ରିୟା ଭୁଏ ଓ ସଞ୍ଜୀବ ଭୁଏଙ୍କ ସମେତ ଗଙ୍ଗେଇ ଗ୍ରାମବାସୀ ସହଯୋଗ କରିଥିଲେ।ପ୍ରକୃତି ବନ୍ଧୁ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




# ଜଗବନ୍ଧୁ ବରାଳଙ୍କ ସ୍ମୃତିରେ......

## ନିମାଇଁ ଚରଣ ନାୟକ



ବର୍ଷ ତଳେ ଭଦ୍ରକ ଜିଲ୍ଲାର ଇତିହାସ ପ୍ରସିଦ୍ଧ ବୌଦ୍ଧ ପୀଠ ଷୋଳମ୍ପୁର ଗ୍ରାମପଞ୍ଚାୟତର ଆଖପାଖ ଅଞ୍ଚଳରେ ଖେଳିଗଲା ଏକ ଏକ ଶୋକର ଛାୟା। ଏହି ଅଞ୍ଚଳର ଏକ ଆଲୋକ ଦୀପିକା ନିର୍ବାପିତ ହୋଇ ଯାଇଥିଲା ସବୁଦିନ ପାଇଁ । ସେ ଦିନ ଥିଲା ୨୦୨୫ ମସିହା ଜାନୁଆରୀ ୨ ତାରିଖ । ସମୟ ପ୍ରାତଃ ୯ ଘଟିକା। ଲୋକମାନଙ୍କ ଭିଡ଼ ଜମିଥିଲା ମୂଢ଼ାପଦାଗ୍ରାମର ଜଗବନ୍ଧୁ ବରାଳଙ୍କ ଦୁଆର ମୁହଁରେ । ସମସ୍ତଙ୍କ ମୁଖରୁ ଶୁଭୁଥାଏ ଆହା ଆମକୁ ଛାଡ଼ି ଚାଲିଗଲା କେତେ ଭଲ ଲୋକ ଥିଲା। ଜଗା, ଜଗା ମୌସା, ଜଗାଭାଇ, ଜଗାଦାଦା........... । ବାସ୍ତବିକ୍ ଜଗବନ୍ଧୁ ବରାଳଙ୍କ ଦେହାନ୍ତ ସେଦିନ କେହି ସହିପାରିନଥିଲେ। ସେଥିଲେ ଜଣେ ପରୋପକାରୀ ଦରଦୀ ମଣିଷ। କାହାର ଅହିତ ଚିନ୍ତା ତାଙ୍କ ଜାତକରେ ନଥିଲା । ହସ ହସ ମୁଖ, ମିଠା ମିଠା କଥା ତଥା ନ୍ୟାୟ ନିଶାପରେ ନିରପେକ୍ଷତା ତାଙ୍କୁ କରିଦେଇଥିଲା ସମସ୍ତଙ୍କର ପ୍ରିୟପାତ୍ର। ସେ ଅତି ଉଚ୍ଚକ୍ଷମତାଶାଳୀ କିମ୍ବା ଧନୀଶ୍ରେଣୀର ବ୍ୟକ୍ତି ନଥିଲେ । ଜନ୍ମହୋଇଥିଲେ ଏକ ଦରିଦ୍ର ଖଣ୍ଡାୟତ ପରିବାରରେ। ୧୯୪୯ ମସିହା ନଭେମ୍ବର ମାସ ୧ ତାରିଖ ଥିଲା ତାଙ୍କ ଆବିର୍ଭାବ ଦିବସ। ଭଦ୍ରକ ଜିଲ୍ଲାର ମୂଢ଼ାପଦା ଥିଲା ତାଙ୍କର ଜନ୍ମସ୍ଥଳୀ ଗ୍ରାମଟି ଥିଲା ଯାଜପୁର ପୌରସଂସ୍ଥାର ଠିକ୍ ଅପର ପାର୍ଶ୍ୱରେ ବୈତରଣୀ ତୀର ଓ ଗେଙ୍ଗୁଟି କୂଳର ମଧ୍ୟଭାଗର ଏକ ଦୋଆବ୍ ଅଞ୍ଚଳରେ ଏହାଥିଲା ପ୍ରସିଦ୍ଧ କୃଷିଜୀବୀମାନଙ୍କ ନିବାସ ସ୍ଥଳୀ । ନଦୀ ଉପତ୍ୟକାର ଉର୍ବରମୃର୍ତ୍ତିକାକୁ ସୁବିନିଯୋଗକରି ସେ ପ୍ରସିଦ୍ଧି ଲାଭକରିଥିଲେ ଜଣେ କୃଷକ ଭାବରେ। କୃଷିଥିଲା ତାଙ୍କର ବେଉଶା, ଜନସେବା ଥିଲା ତାଙ୍କର ନିଶା । ସ୍ଥାନୀୟ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରି ସରପଞ୍ଚ, ବିଧାୟକଙ୍କ ତଥା ସାଂସଦମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ନିଜ ଅଞ୍ଚଳର ସର୍ବାଙ୍ଗୀଣ ଉନ୍ନତି କରିବାରେ ସେଥିଲେ ସିଦ୍ଧହସ୍ତ। ତେଣୁ ତାଙ୍କୁ ସମସ୍ତେ ଭଲପାଉଥିଲେ, ମୁରବୀ ବୋଲି ମାନୁଥିଲେ । ଯେକୌଣସି କାର୍ଯ୍ୟକ୍ରମରେ ତାଙ୍କ ଠାରୁ ସମସ୍ତେ ପରାମର୍ଶ ଲୋଡୁଥିଲେ । ଆର୍ଥିକ କଷାଘାତ ତାଙ୍କୁ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ କରିଥିଲା ସତ କିନ୍ତୁ ସେ ବାସ୍ତବିକରେ ସେଥିଲେ ଶିକ୍ଷିତ । ଶିକ୍ଷାର ବିକାଶ ତାଙ୍କର ଥିଲା ଅତୁଳନୀୟ ଦାନ, ନିଜ ଗ୍ରାମରେ ବାପାଙ୍କ ନାମରେ ଧନେଶ୍ୱର ବରାଳ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନା କରିଥିଲେ । ନିକଟସ୍ଥ ସମସ୍ତ ଶିକ୍ଷା ଅନୁଷ୍ଠାନ ଓ ବିଭିନ୍ନ ଧର୍ମାନୁଷ୍ଠାନ ସହ ତାଙ୍କର ଭଲଭାବରେ ସମ୍ପୃକ୍ତି ଥିଲା ଓ ନିଜ ପିଲାମାନଙ୍କୁ ମଧ୍ୟ ଉଚ୍ଚ ଶିକ୍ଷିତ କରିପାରିଥିଲେ । ସମସ୍ତେ ମଧ୍ୟ ସରକାରୀ ଚାକିରି ନିଯୁକ୍ତି ଲାଭ କରି ଭଲଭଲ ପଦବୀରେ ରହିପାରିଛନ୍ତି । ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜ ପରିବାରର ସମସ୍ତ ଦୁଃଖ ଦୂର କରି ଶାନ୍ତି ପ୍ରତିଷ୍ଠା କରିପାରିଛନ୍ତି । ଆର୍ଥିକ ଅନାଟନ ନାହିଁ । କିନ୍ତୁ ସୁଖଶାନ୍ତି ଭୋଗ କରିବା ବେଳକୁ ଈଶ୍ୱର ତାଙ୍କ ପ୍ରତି ନିଷ୍ଠୁର ହୋଇଗଲେ । ସମସ୍ତଙ୍କୁ ଛାଡ଼ି ଚାଲିଗଲେ ସେ ଅପରପାରିକୁ। ମଣିଷ ଆସିଥାଏ ଖାଲି ହାତରେ ଚାଲିଯାଏ ଖାଲିହାତରେ । "କିର୍ତ୍ତିଃ ଯସ୍ୟସ ଜୀବତି" ଏକଥା ସେ ଭଲରେ ବୁଝିଥିଲେ । ଜନ୍ମପରେ ମଣିଷ କାଳସହ ତାଳଦେଇ ବଡ଼ ହୁଏ । ବୁଦ୍ଧି ବିବେକ ଓ କାର୍ଯ୍ୟାବଳି ଦ୍ୱାରା ବଡ଼ ମଣିଷ ହୁଏ । କିନ୍ତୁ ଦେଖାଯାଏ ଆଗେଇ ଯାଇଥିବା ବ୍ୟକ୍ତି ପଛକୁ ଦେଖି ପାରେ ନାହିଁ। ପାରିବାରିକ ତଥା ଗ୍ରାମ୍ୟପରିବେଶରୁ ବହୁଦୂରକୁ ଚାଲିଯାଏ । ଯିଏ ନିଃସ୍ୱାର୍ଥ ପରଭାବରେ ପରାର୍ଥେ ଉତ୍ସର୍ଗୀକୃତଜୀବନ ଯାପନ କରେ ସେ ବଞ୍ଚିରହେ ସବୁଦିନ ପାଇଁ ସମସ୍ତଙ୍କ ପାଖରେ । ଜଗବନ୍ଧୁ ବାବୁଥିଲେ ଜଣେ ନିଆରା ମଣିଷ। ଗର୍ବ ତାଙ୍କୁ ସ୍ପର୍ଶ କରିନଥିଲା । ସେ ବୁଝିଥିଲେ ଧନ ମନୁଷ୍ୟର ଚଳିବା ପାଇଁ, ବିଳାସ ବ୍ୟବସନ ପାଇଁ ନୁହେଁ । ଜ୍ଞାନ ନିଜର ପରିଚାୟକ ହୋଇଥାଏ । ଅହଂକାର ପାଇଁ ନୁହେଁ। ବୁଦ୍ଧିବିବେକ ନିଜକୁ ଭଲବାଟରେ ଚଳାଇବାକୁ ସହାୟକ ଦିଏ । ଏଣୁ ସେ ବାଛି ନେଇଥିଲେ ଜନତାମାନଙ୍କ ସେବା । ମାନବ ସେବାହିଁ ମାଧବ ସେବା । ସବୁବେଳେ ଏହି କାରଣରୁ ସେ ପରୋପକାର ପାଇଁ ଚଳ ଚଞ୍ଚଳ ଥିଲେ ।ସେ ଏକାଧାରରେ ଥିଲେ ଜଣେ ଧର୍ମପ୍ରାଣ, କର୍ମନିଷ୍ଠ, ତ୍ୟାଗୀ, ପରୋପକାରୀ, ରାଜନେତା ତାଙ୍କ ଭଳି ମହନୀୟ ବ୍ୟକ୍ତି ଦୁର୍ଲଭ । ତାଙ୍କ ଅବର୍ତ୍ତମାନରେ ଶୂନ୍ୟତା ଉପଲବ୍ଧି କରନ୍ତି ଆଖପାଖ ଅଞ୍ଚଳର ସମସ୍ତ ବ୍ୟକ୍ତି। ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୋତ୍ସବରେ ଅମର ଆତ୍ମର ସଦ୍‌ଗତି ହେଉ ଏହାହିଁ ମୋର ପ୍ରାର୍ଥନା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଧନେଶ୍ୱର ବରାଳ ମଧ୍ୟ ଇଂରାଜୀ ବିଦ୍ୟାଳୟ,
ମୂଢ଼ାପଦା, ଭଦ୍ରକ

# ଅନ୍ତଃବିଶ୍ୱବିଦ୍ୟାଳୟ ଜଳ କ୍ରୀଡ଼ା ସ୍ୱର୍ଣ୍ଣ ପାଇଲେ ରିଦ୍ଧିକା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



କିଟ୍ ବିଶ୍ୱବିଦ୍ୟାଳୟର ରିଦ୍ଧିକା ଏମ୍ ଚଳିତ ସର୍ବ ଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି। ଚେନ୍ନାଇର ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଏହି ପ୍ରତିଯୋଗିତାର ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ରିଦ୍ଧିକା (୩୪.୬୮ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିବା ସହ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)କୁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍‌ର ଦିବ୍ୟଙ୍କା ପ୍ରଧାନ (୩୫.୫୩) ୫୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ଚତୁର୍ଥ, ନୀଳାବ୍‌ଜା ଘୋଷ (୧:୦୨.୩୧) ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ଅଷ୍ଟମ ଏବଂ ୪ଗୁଣା ୧୦୦ ମିଟର ମିଡ୍‌ଲେ ରିଲେ ମହିଳା ଦଳ (୪:୪୬.୨୯) ଚତୁର୍ଥରେ ରହି ପଦକ ଜିତି ନଥିଲେ ମଧ୍ୟ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

ଅନ୍ୟପକ୍ଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ପୂର୍ବାଞ୍ଚଳ ଅନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ କିଟ୍ ଦଳ ଚମତ୍କାର ପ୍ରଦର୍ଶନ କରିଛି। କିଟ୍‌ର ପୁରୁଷ ଦଳ କ୍ୱାର୍ଟରଫାଇନାଲ୍‌ରେ ମଣିପୁରକୁ ୩-୦ରେ ହରାଇ ଆଗାମୀ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ୍ ଓ ଖେଲୋ ଇଣ୍ଡିଆ ଅନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ସବୁ ସଫଳତା ଲାଗି ଖେଳାଳିମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଭାଙ୍ଗିଲା ଟିମ୍ ଇଣ୍ଡିଆର ଏସିଆ ଚାମ୍ପିଅନ ସ୍ୱପ୍ନ

# ପାକିସ୍ତାନ ଠାରୁ ୧୯୧ ରନ୍‌ରେ ହାରିଲା ଭାରତ

**ନୂଆଦିଲ୍ଲୀ**




୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ଭାରତ ପରାସ୍ତ ହୋଇଛି। ପାକିସ୍ତାନ ଠାରୁ ଶୋଚନୀୟ ଭାବେ ହାରିଯାଇଛି ଟିମ୍ ଇଣ୍ଡିଆ। ଟାଇଟଲ ମୁକାବିଲାରେ ପାକିସ୍ତାନର ବିଶାଳ ବିଜୟ। ୧୯୧ ରନରେ ବାଜି ମାରିନେଲା ପାକ୍ ଟିମ୍। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୩୪୮ ରନ୍ ଟାର୍ଗେଟ୍ ଦେଇଥିଲା। ଏହାର ଜବାବରେ ଟିମ୍ ଇଣ୍ଡିଆ ମାତ୍ର ୧୫୬ ରନରେ ଆଲଆଉଟ୍ ହୋଇଯାଇଥିଲା। ପୂରା ଏସିଆ କପ୍ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଥିବା ଭାରତ ଫାଇନାଲରେ ଫେଲ୍ ମାରିଛି। ଭାରତର ବିଜୟ ରଥରେ ବ୍ରେକ୍ ଦେଇଛି ପାକିସ୍ତାନ ଟିମ୍। ସମୀର ମିନାହସ ୧୭୨ ରନର ଜବରଦସ୍ତ ଇନିଂସ ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଛନ୍ତି।

ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ମୁକାବିଲା ଖେଳାଯାଇଥିଲା। ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଟିମ୍ ଇଣ୍ଡିଆ। ତେଣୁ ପ୍ରଥମେ ବ୍ୟାଟିଂ କରିଥିଲା ପକିସ୍ତାନ। ଟିମ୍ ଇଣ୍ଡିଆକୁ ପ୍ରାରମ୍ଭିକ ସଫଳତା ମିଳିଥିଲେ ମଧ୍ୟ କ୍ରମାଗତ ୱିକେଟ୍ ପକାଇ ପାରିନଥିଲା ଆୟୁଷ ମାହତ୍ରେଙ୍କ ଟିମ୍। ପାକିସ୍ତାନର ଓପନର ବ୍ୟାଟର ସମୀର ମିନାହସ୍ ଭାରତୀୟ ବୋଲରଙ୍କୁ ତର୍ଡ଼ି ଦେଇଥିଲେ। ସେ ଫାଇନାଲ୍ ମୁକାବିଲାରେ ଜବରଦସ୍ତ ଇନିଂସ ଖେଳିଛନ୍ତି। ୧୭୨ ରନର ଶତକୀୟ ଇନିଂସ ଖେଳି ଭାରତକୁ ବ୍ୟାକ୍ ଫୁଟକୁ ଠେଲି ଦେଇଥିଲେ। ସେହିପରି ପାକିସ୍ତାନ ପକ୍ଷରୁ ଉସ୍ମାନ ଖାନ ୩୫ରନ ଏବଂ ଅହମ୍ମଦ ହୁସେନ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଯାହା ଫଳରେ ନିର୍ଦ୍ଧାରିତ ୫୦ ଓଭରରେ ଦଳ ୩୪୭ ରନର ବିଶାଳ ସ୍କୋର ଛିଡ଼ା କରିଥିଲା।

୩୪୮ ରନର ଟାର୍ଗେଟକୁ ପିଛା କରି ପଡ଼ିଆକୁ ଓହ୍ଲାଇ ଥିଲା ଟିମ୍ ଇଣ୍ଡିଆ। ପ୍ରଥମ ଓଭରରେ ପାକିସ୍ତାନ ବୋଲରଙ୍କ ଉପରେ ବର୍ଷିଥିଲେ ବୈଭବ ସୂର୍ଯ୍ୟବଂଶୀ। ହେଲେ ସେ ଅଧିକ ସମୟ ତିଷ୍ଠି ପାରିନଥିଲେ। ବୈଭବ ମାତ୍ର ୨୬ ରନ କରି ଆଉଟ୍ ହୋଇଯାଇଥିଲେ। ଏହା ପରେ ଭାରତୀୟ ଦଳର କ୍ରମାଗତ ଭାବେ ୱିକେଟ୍ ପତନ ହୋଇଥିଲା। ଭାରତ ପକ୍ଷରୁ ଦିପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ରନ ସଂଗ୍ରହ କରିଥିଲେ। ଫଳରେ ଭାରତୀୟ ଦଳ ମାତ୍ର ୧୫୬ ରନ କରି ଅଲଆଉଟ୍ ହୋଇଯାଇଥିଲା। ଅଣ୍ଡର ୧୯ ଏସିଆ କପ୍ ଫାଇନାଲ ମୁକାବିଲାକୁ ୧୯୧ ରନରେ ଜିତି ନେଇ ପାକିସ୍ତାନ ଚାମ୍ପିଅନ ହୋଇଛି। ଏସିଆ କପରେ ସମୀର ମିନାହସ ପ୍ଲେୟାର ଅଫ ଦି ସିରିଜ୍ ଏବଂ ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ବ୍ଲକ ସ୍ଥିତ ପିଏମଶ୍ରୀ ସରକାରୀ ଝୁନଝୁନୱାଲା ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଦିନ ଉଦ୍‌ଘାଟିତ ହୋଇ ଶନିବାର ଉଦ୍‌ଯାପନୀ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଓ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଉପରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମନ୍ମଥ ପାଣି, ବିଜୟ କୁମାର ପଣ୍ଡା, ଦେବେନ୍ଦ୍ରନାଥ ସାହୁ, ମୋହନ କୁମାର ଝୁନଝୁନୱାଲା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଆରତୀ ରାଉତଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



# ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଘାଟଶିଳା ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ୨ୟ ବାର୍ଷିକ ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ୭ନଂ ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ସିଏଜି, ଘାଟଶିଳା ୩ ରନରେ ବିସିଏ, ବାରିପଦାକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଘାଟସିଳା ୨୦ ଓଭରରେ ୭ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆରାଧ ସିଂହ ୩୮ ଓ ରାହୁଲ ୩୧ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବେରା, ଅଭିଷେକ ଶର୍ମା ଓ ଆଦିତ୍ୟ ଦାସ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବାରିପଦା ୨୦ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ ସିଂ ସର୍ବାଧିକ ୫୩ କରିଥିବାବେଳେ ବିପକ୍ଷ ଦଳର ବିବେକ କୁମାର ୩ଟି ଉଇକେଟ ଅକ୍ତିଆର କରିଥିଲେ। ବିବେକ କୁମାର ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇ ପୁରସ୍କୃତ ହୋଇଥିଲେ। ଉତ୍ତମ ମହାକୁଡ଼ ଓ ସୁଜନ ମହାନ୍ତି ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ଦୀପକ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ତୁଷାର ଓ ଶ୍ରେଷ୍ଠ ବୋଲର ଭାବେ ଜଗନ ରେଡି ପୁରସ୍କୃତ ହୋଇଥିଲେ। ଚାମ୍ପିଅନ ଦଳକୁ ୧୦ ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ଓ ରନର୍ସଅପ ଦଳକୁ ୭ ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସୋମନାଥ ସିଂହ, ସାଇବା ସିଂ, ମିର ଆକବର ଅଲ୍ଲୀ, ହେମନ୍ତ ବେହେରା, ଶେଖ ନାଫିସୁଲ ଓ ସୁଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଅବସରରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଭାସ ଘଡ଼େଇ, ସୋମନାଥ ସିଂହ, ଦେବୀଦତ୍ତ ମହାନ୍ତି ସଞ୍ଜୟ ମହାନ୍ତି, ରୂପକ ମହାନ୍ତି, ରମେଶ ଅଗ୍ରୱାଲ, ରଞ୍ଜନ ଦାସ, ସମୀର ସାହୁ ବଳବନ୍ତ ତୁଙ୍ଗ, ରମଣ ଅଗ୍ରୱାଲ, ସଂଜୀବ ଦ୍ୱିବେଦୀ, ସୁଜନ ମହାନ୍ତି, ଲୋହିତ ଦାଶ, ରଣଜିତ ନାୟକ, ସତ୍ୟଜିତ ଧର ମହାପାତ୍ର, କିଶୋର ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର ପକ୍ଷରୁ ତୃଣମୂଳ ସ୍ତରରେ ହକିକୁ ଦୃଢ଼ କରିବାକୁ ଗୋଲକିପିଂ କର୍ମଶାଳା ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମସର ତୃଣମୂଳ ସ୍ତରୀୟ ବାଳକ ଓ ବାଳିକାଙ୍କ ପାଇଁ ଏକ ବିଶେଷ ହକି ଗୋଲକିପିଂ ୱାର୍କସପ୍ ସଫଳତାର ସହିତ ଆୟୋଜନ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଯୁବ ହକି ପ୍ରତିଭାମାନଙ୍କ ମଧ୍ୟରେ ଗୋଲକିପିଂ କୌଶଳର ମୂଳଦୂଆକୁ ମଜବୁତ କରିବା। ଏହି ୧୧ ଦିନିଆ ୱାର୍କସପ ୨୦୨୫ ଡିସେମ୍ବର ୮ରୁ ଆରମ୍ଭ ହୋଇଥିଲା। ଏଥିରେ ଆଧୁନିକ ଗୋଲକିପରମାନଙ୍କ ପାଇଁ ଅତ୍ୟାବଶ୍ୟକୀୟ ଦକ୍ଷତା ଯଥା ଗୋଲକିପିଂ କୌଶଳ, ମ୍ୟାଚ ସଚେତନତା, ରିଫ୍ଲେକ୍ ଟ୍ରେନିଂ, ପୋଜିସନିଂ ଏବଂ ମାନସିକ ଦୃଢ଼ତାର ବିକାଶ ଉପରେ ଧାନ ଦିଆଯାଇଥିଲା।

ଏହି ଅଧିବେଶନଗୁଡ଼ିକୁ ଓଏନଟିଏଚଏଚପିସିର ଗୋଲକିପିଂ କୋଚ୍ ଏମଡି ଇସମାଇଲଙ୍କ ନେତୃତ୍ୱରେ ଆୟୋଜନ କରାଯାଇ ଥିଲା ଏବଂ ଏଥିରେ ଓଏନଟିଏଚ-ଏଚପିସି କ୍ୟାଡେଟ ଅମିଶା କୁଲୁ, ମଙ୍ଗଳ ସାହୁ ଏବଂ ବିବେକ ଲାକ୍ରା ଯୁବ ଅଂଶଗ୍ରହଣକାରୀ ମାନଙ୍କ ସହିତ ନିଜର ଅଭିଜ୍ଞତା ବାଣ୍ଟିଥିଲେ।

ୱାର୍କସପର ସମାପନ ଉତ୍ସବରେ ଡା. ପ୍ର. ସାର୍ଥକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଡା. ପଟ୍ଟନାୟକ ଜଣେ ବିଶିଷ୍ଟ ସର୍ଜନ, ମାଷ୍ଟର ଇନ ସର୍ଜରୀ, ଅର୍ଥୋପେଡିକ୍ସ, ଫେଲୋଶିପ ଇନ ସ୍ପୋର୍ଟସ ସାଇନ୍ସ ଇନଷ୍ଟିଚ୍ୟୁଟ ଅଫ ସାଉଥ ଆଫ୍ରିକା (କେପଟାଉନ, ଏସ.ଏ.), ଫେଲୋସିପ ଇନ ଆର୍ଥୋସ୍କୋପି ଆଣ୍ଡ ସ୍ପୋର୍ଟସ ମେଡିସିନ (ଆଇଏସ-ଏକେଓଏସ), ଫେଲୋଶିପ ଇନ ହିପ ଆର୍ଥୋସ୍କୋପି (ସ୍ପେନ), ଫେଲୋଶିପ ଇନ ଶୋଲ୍ଡର ଆଣ୍ଡ ସ୍ପୋର୍ଟସ ମେଡିସିନ (ପେନସିଲ-ଭାନିଆ ସ୍ପୋର୍ଟସ ମେଡିସିନ କ୍ଲିନିକ, ୟୁଏସଏ) ଏବଂ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ (ଏସଏସିଆଇ)ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସହିତ ଏଏସିଆର ଫ୍ୟାନଜିନର ମୁଖ୍ୟ ସମ୍ପାଦକ। ସେ ଅଂଶଗ୍ରହଣକାରୀ ମାନଙ୍କୁ କ୍ରୀଡ଼ା ବିଜ୍ଞାନ, ଆଘାତ ପ୍ରତିରୋଧ ଏବଂ ଦୀର୍ଘକାଳୀନ କ୍ରୀଡ଼ାବିତ୍ ବିକାଶର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ।

# ଦେବରାୟ ନୟାପଲ୍ଲୀ ମହାବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



୧୮ ଓ ୧୯ ତାରିଖ ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧକ୍ଷା ପ୍ରଭାମରୀ ପଟ୍ଟନାୟକ। ଉଦ୍‌ଯାପନ ଉତ୍ସବରେ ଅତିଥିଭାବରେ ଯୋଗ ଦେଇ, ବିଶିଷ୍ଟ ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପ୍ ରଞ୍ଜନ ବିଶୋଇ ଏବଂ ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ କରିଥିଲେ ଏବଂ କୃତି କ୍ରୀଡ଼ାବିତ୍ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉଦ୍‌ଯାପନୀ ଉତ୍ସବର ସଭାପତିତ୍ୱ କରିଥିଲେ ଅଧକ୍ଷା ପ୍ରଭାମରୀ ପଟ୍ଟନାୟକ। ଅତିଥି ପରିଚୟ ଏବଂ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶ। କ୍ରୀଡ଼ା ପରିଚାଳନା କରିଥିଲେ, କ୍ରୀଡ଼ାଶିକ୍ଷକ – ଚତୁଃଭୂଜ ଜେନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ମୀନକେତନ ବେହେରା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ବାମଦେବ ହୋତା, ଡ. ସୁରଥ କୁମାର ଦାସ୍, ତରାନ୍ନ ମଜାହାନ, ଦିଲ୍ଲିପ୍ କୁମାର ଛୋଟରାୟ, ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅନ୍ୟ ମହାବିଦ୍ୟାଳୟରୁ ନିମନ୍ତ୍ରିତ ହୋଇଥିବା କ୍ରୀଡ଼ା ଶିକ୍ଷକମାନେ ଦକ୍ଷ ବ୍ରହ୍ମ ରାଉତରାୟ, ଶିବ କୁମାର ଜେନ, ଡ. ବେଣୁଧର ଦାସ ଏବଂ ରବିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ +୨ ବାଳକ ବିଭାଗରେ ଚାମ୍ପିଅନ ହୋଇଥିଲେ ଶିବ କୁମାର ମହାରଣା, +୨ ବାଳିକା ବିଭାଗରେ ଚାମ୍ପିଅନ ହୋଇଥିଲେ ସୁମିତ୍ରା ପାଙ୍ଗୀ, +୩ ବାଳକ ବିଭାଗରେ ଚାମ୍ପିଅନ ହୋଇଥିଲେ ପୂର୍ଣ୍ଣଚନ୍ଦ୍ର କୋଦାମସିଂ, +୩ ବାଳିକା ବିଭାଗରେ ଚାମ୍ପିଅନ ହୋଇଥିଲେ ପ୍ରୀତିମୟୀ ମହାପାତ୍ର।

## କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟିତ କଲେ ଆସିକା ଏମ୍ପି

**ହିଞ୍ଜିଳିକାଟୁ**

ହିଞ୍ଜିଳିକାଟୁ ବୃନ୍ଦାବନ ମିନି ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍ପି ଅନିତା ଶୁଭଦର୍ଶନୀ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଏଡିଏମ ଦେବବ୍ରତ ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁନିଲ କେରକେଟା, ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ସାମଲ, ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ, ଭାଜପା ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ଏମ୍ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଏ. ସୁଦର୍ଶନ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ୟାମଲାଇ ମନ୍ଦିରରୁ ମଶାଲ ଅଣାଯାଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ହୋଇଥିଲା। ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୯ତମ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ହିଞ୍ଜିଳିକାଟୁ ଅଞ୍ଚଳର ସୋନାଲି ତ୍ରିପାଠୀଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

# ବାରିପଦା ଷ୍ଟାଡିୟମ ପଡ଼ିଆ ଠାରେ ୨ଦିନିଆ ‘ସାଂସଦ ଖେଳ ମହୋତ୍ସବ’ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ରବିବାର ବାରିପଦା ସ୍ଥିତ ଷ୍ଟାଡିୟମ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଆୟୋଜିତ ‘ସାଂସଦ ଖେଳ ମହୋତ୍ସବ’ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଖେଳ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସାଂସଦମାନଙ୍କ ଦ୍ୱାରା ସଂସଦୀୟ କ୍ଷେତ୍ରରେ କ୍ରୀଡ଼ାକୁ ଆଗ୍ରାଧିକାର ଦେବା ସହିତ ଖେଳାଳିମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହାକୁ ଆୟୋଜନ କରାଯାଉଛି। ବିଶେଷ କରି ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଟ୨୦,୦୦୦/– ଓ ଦ୍ୱିତୀୟ ପୁରସ୍କାର ଟ୧୫, ୦୦୦/– ରଖାଯାଇଛି ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲାପାଳ କହିଥିଲେ ଜିଲ୍ଲାରେ ଉତ୍ତମ କ୍ରୀଡ଼ା ପରିବେଶ ସୃଷ୍ଟି କରିବାପାଇଁ ବିଭିନ୍ନ ପ୍ରକାର ଯୋଜନା ହାତକୁ ନିଆଯାଇଛି ଯାହାକି ଆଗାମୀ ସମୟରେ ଖେଳାଳିମାନଙ୍କ ପାଇଁ ବେଶ ସହାୟକ ହେବ। ବିଭିନ୍ନ ପ୍ରକାର ଖେଳକୁ ସାମିଲ କରାଯାଇ ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳିମାନଙ୍କୁ ଉପଯୁକ୍ତ ବନାଯିବ ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସହିତ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ସକ୍ଷମ ହୋଇପାରିବେ।

ଉକ୍ତ କାର୍ଯ୍ୟକ୍ରମରେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଏହି ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ସୁନୀଲ କୁମାର ମହାନ୍ତ ଓ ଗଣମାଧ୍ୟମ ସଂଯୋଜକ ଦିବ୍ୟରଞ୍ଜନ ମହାନ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରକାଶ ଥାଉକି ଉକ୍ତ ଖେଳ ପ୍ରତିଯୋଗିତାରେ ଜିଲ୍ଲାରୁ ୩୨ଟି ପୁରୁଷ ଫୁଟବଲ ଦଳ ଯୋଗ ଦେଇଥିବାବେଳେ ୧୨ଟି ବାଳିକା କବାଡ଼ି ଦଳ ଯୋଗ ଦେଇଛନ୍ତି ଏବଂ ପାଖାପାଖି ୯୦୦ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି।

# ଆଶେସ ଟାଇଟଲ ବଜାୟ ରଖିଲା ଅଷ୍ଟ୍ରେଲିଆ

**ଆଡିଲେଡ୍**

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟରେ ଇଂଲଣ୍ଡକୁ ୮୨ ରନରେ ହରାଇ ଦେଇଛି ଅଷ୍ଟ୍ରେଲିଆ। ଆଉ ଦୁଇଟି ମ୍ୟାଚ୍ ଖେଳାଯିବାକୁ ବାକି ଥିବାବେଳେ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ୩-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଏହାଛଡ଼ା ଦଳ ଆଶେସ ଟାଇଟଲ ବିଜୟ ରଖିବାରେ ସମର୍ଥ ହୋଇଛି।

ଘରୋଇ ଦଳ ଇଂଲଣ୍ଡ ପାଇଁ ୪୩୫ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ରବିବାର ଥିଲା ମ୍ୟାଚର ୫ମ ତଥା ଅନ୍ତିମ ଦିବସ। ଲକ୍ଷ୍ୟ ହାସଲ କରିପାରିଥିଲେ ଇଂଲଣ୍ଡ ଏକ ବିଶ୍ୱ ରେକର୍ଡ କରିଥାନ୍ତି। ତେବେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୦୭/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୩୫୨ରନରେ ଅଲଆଉଟ ହୋଇଯାଇଥିଲା।

ପ୍ରଥମ ଇନିଂସରେ ୧୦୬ ଏବଂ ଦ୍ୱିତୀୟ ଇନିଂସରେ ୭୨ରନ କରିଥିବା ଆଲେକ୍ସ କାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଡିସେମ୍ବର ୨୬ରୁ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

**GOVERNMENT OF ODISHA, “e”-PROCUREMENT NOTICE** B-838

**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**

**WORKS DEPARTMENT**

**Tender call Notice**

E-mail: pwdoffngd34@gmail.com

**Bid Identification No. S.E-Nayagarh (R&B) Division- Online 10/2025-26**

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.12.2025 11.00 AM to Dt.06.01.2026 Up to 5.00 pm.
6. Date of opening of Bid : Dt.07.01.2026 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Nayagarh (R&B) Division, Nayagarh

OIPR-34138/11/0028/2526

# ଇଲେକ୍ଟ୍ରୋନ୍ କୁଇଜ୍ ୨୦୨୫ର ଜାତୀୟ ଫାଇନାଲ୍ ଜିତିଲା ଆଇଆଇଟି କାନପୁର ଏନଟିପିସି

**ନୂଆଦିଲ୍ଲୀ**




ନୋଏଡାର ଏନଟିପିସି ପାୱାର ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ୍ (ପିଏମଆଇ)ରେ ଇଲେକ୍ଟ୍ରୋନ୍ କୁଇଜ୍ ୨୦୨୫ର ଜାତୀୟ ଫାଇନାଲ୍ ସଫଳତାର ସହିତ ଆୟୋଜନ କରିଥିଲା। ଫାଇନାଲରେ ଦେଶର ପ୍ରମୁଖ ଇଞ୍ଜିନିୟରିଂ ଏବଂ ପରିଚାଳନା ପ୍ରତିଷ୍ଠାନ-ଆଇଆଇଏମ କୋଲକାତା, ଆଇଆଇଏମ ନାଗପୁର, ଆଇଆଇଏମ ଲକ୍ଷ୍ନୌ, ଆଇଆଇଏମ ମାଡ୍ରାସ, ଆଇଆଇଏମ କାନପୁର ଏବଂ ଏକ୍ସଏଲଆରଆଇ ଜାମସେଦପୁର ମଧ୍ୟରେ ଏକ ରୋମାଞ୍ଚକର ପ୍ରତିଯୋଗିତା ହୋଇଥିଲା।

ଆଦିତ୍ୟ ପାଢ଼ି ଏବଂ ସ୍ୱର୍ଣ୍ଣ ପ୍ରଦୀପ ଜୈନଙ୍କୁ ନେଇ ଗଠିତ ଆଇଆଇଟି କାନପୁର ଦଳ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରି ଇଲେକ୍ଟ୍ରୋନ୍ କୁଇଜ୍ ୨୦୨୫ ଟାଇଟଲ୍ ଜିତି ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛି। ଆଇଆଇଏମ ଲକ୍ଷ୍ନୌର ପ୍ରଶାନ୍ତ ସିଂହ ଚୌହାନ ଏବଂ ନିଶ୍ଚୟ ଶୋପୁରକର ପ୍ରଥମ ରନର୍ସଅପ୍ ସ୍ଥାନ ପାଇ ୬୦,୦୦୦ ଟଙ୍କା ପୁରସ୍କାର ରାଶି ଜିତିଛନ୍ତି, ଯେତେବେଳେ ଆଇଆଇଏମ କୋଲକାତାର କୁମାର କୀର୍ତ୍ତି ଏବଂ ଶିବଦର୍ଶନ ଦ୍ୱିତୀୟ ରନର୍ସ-ଅପ୍ ପାଇଁ ୪୦,୦୦୦ ପୁରସ୍କାର ରାଶି ପାଇଛନ୍ତି।

ଏନଟିପିସିର ନିର୍ଦ୍ଦେଶକ (ମାନବ ସମ୍ବଳ) ଅନିଲ କୁମାର ଜାଡଲି ଏହି ଅବସରରେ ଉପସ୍ଥିତ ଥିଲେ। ସେ କହିଥିଲେ ଯେ ଇଲେକ୍ଟ୍ରୋନ୍ କୁଇଜ୍ ବର୍ଷ ବର୍ଷ ଧରି ଦେଶର ପ୍ରତିଭାବାନ ଯୁବ ମନରୁ ଅଂଶଗ୍ରହଣକୁ ଆକର୍ଷିତ କରିଛି। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏହି କୁଇଜ୍ ଏକ ପ୍ରତିଷ୍ଠିତ ବୌଦ୍ଧିକ ପ୍ଲାଟଫର୍ମରେ ପରିଣତ ହୋଇଛି ଯାହା ଏନଟିପିସି ଏବଂ ଭାରତର ଶିକ୍ଷାନୁଷ୍ଠାନ ମଧ୍ୟରେ ଜ୍ଞାନ, ଉତ୍କର୍ଷତା ଏବଂ ଅର୍ଥପୂର୍ଣ୍ଣ ସହଯୋଗର ସଂସ୍କୃତିକୁ ପ୍ରୋତ୍ସାହିତ କରେ।

ଇଲେକ୍ଟ୍ରୋନ୍ କୁଇଜ୍ ୨୦୨୫-୨୬ରେ ଦେଶରୁ ବ୍ୟାପକ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା, ଯାହା ଏକ ସୁସଂଗଠିତ ବହୁ-ନଗର ଫର୍ମାଟ୍ ମାଧ୍ୟମରେ ପରିଚାଳିତ ହୋଇଥିଲା। ରାଞ୍ଚି, ରାୟପୁର, ମୁମ୍ବାଇ, ଲକ୍ଷ୍ନୌ, କୋଲକାତା, ପାଟନା, ହାଇଦ୍ରାବାଦ, ଚେନ୍ନାଇ ଏବଂ ନୋଏଡା ସମେତ ପ୍ରମୁଖ ସହରଗୁଡ଼ିକରେ ନଭେମ୍ବର ୨୨ରୁ ଡିସେମ୍ବର ୧୭, ୨୦୨୫ ମଧ୍ୟରେ ଅନୁଷ୍ଠିତ ଆଞ୍ଚଳିକ ରାଉଣ୍ଡରେ ମୋଟ ୬୩୯ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ୧୮ ଡିସେମ୍ବର, ୨୦୨୫ରେ ଅନୁଷ୍ଠିତ ଜାତୀୟ ସେମିଫାଇନାଲ ସହିତ ଶେଷ ହୋଇଥିଲା ଏବଂ ତା'ପରେ ୧୯ ଡିସେମ୍ବର, ୨୦୨୫ରେ ପିଏମଆଇରେ ଅନୁଷ୍ଠିତ ଜାତୀୟ ଫାଇନାଲ୍ସ ଅନୁଷ୍ଠିତ ହୋଇଥିଲା।

ଇଲେକ୍ଟ୍ରୋନ୍ କୁଇଜ୍ ହେଉଛି ଏନଟିପିସିର ପ୍ରମୁଖ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ଯାହାର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୌଦ୍ଧିକ କୌତୂହଳ ଏବଂ ବିଶ୍ଳେଷଣାତ୍ମକ ଚିନ୍ତାଧାରା ବୃଦ୍ଧି କରିବା ଏବଂ ଶିକ୍ଷା ଜଗତ ସହିତ ସଂଗଠନର ସମ୍ପର୍କକୁ ସୁଦୃଢ଼ କରିବା।

ଏନଟିପିସି ଲିମିଟେଡ୍ ହେଉଛି ଭାରତର ସର୍ବବୃହତ ସମନ୍ୱିତ ବିଦ୍ୟୁତ୍ ଉପଯୋଗିତା କମ୍ପାନୀ, ଯାହା ଦେଶର ମୋଟ ବିଦ୍ୟୁତ୍ ଆବଶ୍ୟକତାର ପ୍ରାୟ ଏକ-ଚତୁର୍ଥାଂଶ ଯୋଗଦାନ କରେ। କମ୍ପାନୀର ସ୍ଥାପିତ କ୍ଷମତା ୮୫ ଗିଗାୱାଟରୁ ଅଧିକ। ଭାରତର ନେଟ୍ ଶୂନ୍ୟ ଲକ୍ଷ୍ୟ ସହିତ, ଏନଟିପିସି ୨୦୩୨ ସୁଦ୍ଧା ୬୦ ଗିଗାୱାଟ ନବୀକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ପ୍ରତିବଦ୍ଧ। ତାପଜ, ଜଳ, ସୌର ଏବଂ ପବନ ଶକ୍ତିକୁ ନେଇ ଏକ ବିବିଧ ଉତ୍ପାଦନ ପୋର୍ଟଫୋଲିଓ ସହିତ, ଏନଟିପିସି ଦେଶକୁ ନିର୍ଭରଯୋଗ୍ୟ, ସୁଲଭ ଏବଂ ସ୍ଥାୟୀ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବାକୁ ଉତ୍ସର୍ଗୀକୃତ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଡିସେମ୍ବର ୨୦୨୫ ସୋମବାର





# ମିଶନ ଶକ୍ତି, ଗୋଷ୍ଠୀ ଏବଂ ଅଙ୍ଗନୱାଡି ଗୃହର ଶୁଭ ଉଦ୍‌ଘାଟନ କଲେ ମେୟର

**କଟକ, ନ୍ୟୁଜ ବ୍ୟୁରୋ**

କଟକ ମେୟରଙ୍କ କରକମଳରେ କଟକ ମହାନଗର ନିଗମ ୱାର୍ଡ ନମ୍ବର ୩ ସ୍ଥିତ ଜଜପଠା ଠାରେ ଏକ ମିସନ ଶକ୍ତି ଗୋଷ୍ଠୀ ଗୃହ ଏବଂ ଧବଳେଶ୍ୱର ଗଡା ଠାରେ ଅଙ୍ଗନୱାଡି କେନ୍ଦ୍ର ଗୃହର ଉଦ୍ଘାଟନ କରି ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ଉପଲଖେ ସମର୍ପିତ କରିଥିଲେ। ଏହି ଅବସରରେ କଟକ ମେୟର ସୁବାସ ସିଂହ ଙ୍କ ସହିତ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ପ୍ରଜ୍ଞା ବେଉରା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ପ୍ରଦୀପ ଖୁଣ୍ଟିଆ, ସୁଷମା ରାଣୀ ସୁବୁଧି, ଦୁର୍ଗା ଚରଣ ସିଂ,ସୁବଳ ଚରଣ



ସୁବୁଧି, ଜଗନ୍ନାଥ ସ୍ୱାଇଁ, ସରିତା ମଞ୍ଜରୀ ଦାସ, ରାମଚନ୍ଦ୍ର ନାୟକ, ସୁରେନ୍ଦ୍ରନାଥ ମୁର୍ମୁ, ଶିବରାମ ମୁର୍ମୁ, ଚନ୍ଦୁ ହେମ୍ବ୍ରମ, ବାସନ୍ତୀ ମୁର୍ମୁ, ନୟନା ନାୟକ , ମମତା ନାୟକ, ସି.ଏମ.ସି ଯନ୍ତ୍ରୀ ଦିଲ୍ଲୀପ ସ୍ୱାଇଁ, ସି.ଏମ ସି ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠି, ମହିଳା ଏବଂ ଅଙ୍ଗନୱାଡିର କୁନି କୁନି ପିଲା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଭିନ୍ନ ପ୍ରକଳ୍ପ...

କହିଥିଲେ ଯେ ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର କୋରାପୁଟ ଜିଲ୍ଲା ପ୍ରକୃତିର ଅନନ୍ୟ ବରଦାନ ଭାବେ ସାରା ବିଶ୍ୱରେ ପରିଚିତ । କୋରାପୁଟ ମାଟି ସମାଜରେ ଶାନ୍ତି, ସରଳତା ଓ ଭଲପାଇବାର ମହକ ବାଣ୍ଟି ଥାଏ । କୋରାପୁଟ ମାଟିର ଉତ୍ପାଦିତ କଫି, କଳା ଜୀରା ଧାନ ଏବଂ କୋଟପାଡ଼ର ଶାଢୀ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶ ବିଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଶ୍ରୀ ଅନ୍ନ ଭାବେ ପରିଚିତ ମିଲେଟ ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ମଧ୍ୟ କୋରାପୁଟ ଜିଲ୍ଲାର ସୁନାମ ରହିଛି । କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ଶ୍ରୀ ଅନ୍ନ ଅଭିଯାନରେ ପ୍ରାୟ ୭୨ ହଜାର ହେକ୍ଟର ଜମିରେ ମିଲେଟ ଜାତୀୟ ଫସଲ ଚାଷ କରାଯାଉଛି । ମିଲେଟ ଜାତୀୟ ଚାଷ କ୍ଷେତ୍ରରେ ଜିଲ୍ଲାର ଅଗ୍ରଣୀ ମହିଳା ଚାଷୀ ତଥା ସଂରକ୍ଷକ ଡ଼. ରାଇମତି ଘିଉରିଆଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାରଙ୍କ ମନ୍ତ୍ର ହେଉଛି ବିକାଶ ବି ବିରାସତ ବି । କୋରାପୁଟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଜିଲ୍ଲାର ଚାଷୀ ମାନଙ୍କୁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ଗୋପାଳନ, କୁକୁଡ଼ା ଓ ବତକ ପାଳନ ପରି ଆନୁଷଙ୍ଗିକ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରବ ପାଇଁ ଏକ ସ୍ୱତନ୍ତ୍ର ଜାକେଟ ଏବଂ ଏକ ଭିଡିଓ ସଙ୍ଗ ଉନ୍ମୋଚନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ କୋରାପୁଟର ଆଦିବାସୀ ସଂସ୍କୃତି ଅତି ସମୃଦ୍ଧ । ଜିଲ୍ଲାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ଆଗେଇନେବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଆଦିବାସୀ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟରତ ଅଛନ୍ତି । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଆମ ସଂସ୍କୃତି, ଆମ ପରମ୍ପରା ଏବଂ ଆମ ଐତିହ୍ୟକୁ ନେଇ ଆମେ ସବୁବେଳେ ଗର୍ବ କରିଥାଉ । ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ପରବ ଏକ ସୁନ୍ଦର କାର୍ଯ୍ୟକ୍ରମ । ପରବ କୋରାପୁଟ ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ ବିଧାୟକ ରୁପୁ ଭତ୍ରା ଏବଂ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ପରବ ମହୋତ୍ସବ ପାଇଁ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣେଇ କହିଥିଲେ ଯେ ରାଜ୍ୟରେ ବାଲିଯାତ୍ରା ପରେ କୋରାପୁଟର ପରବ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସୁନାମ ବୃଦ୍ଧି କରିଛି । ମୁଖ୍ୟମନ୍ତ୍ରୀଙ୍କୁ ଏହି ମହୋତ୍ସବରେ ଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ଛାତ୍ରଛାତ୍ରୀଙ୍କ...

ଉଦ୍‌ଘାଟିତ ହୋଇଥିବା ଆଭ୍ୟନ୍ତରୀଣ ଜଳ ପରିବହନର ଗୁଆହାଟୀ ଗେଟୱେ ଟର୍ମିନାଲରେ ଶ୍ରୀ ମୋଦୀ ପହଞ୍ଚିଥିଲେ । ପରେ ଭାସମାନ ସେତୁ ଦେଇ ଜାହାଜକୁ ଯାଇ ଆଲୋଚନା କରିଥିଲେ। ସୁରକ୍ଷା ପାଇଁ ସକାଳୁ ଆସାମ ନଦୀ ପୋଲିସ, ଏନଡ଼ିଆରଏଫ ଏବଂ ଏସଡ଼ିଆରଏଫ କର୍ମଚାରୀମାନେ ନଦୀରେ ପାଟ୍ରୋଲିଂ କରିଥିଲେ । ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା । ଶ୍ରୀ ମୋଦୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶନିବାର ଠାରୁ ବ୍ରହ୍ମପୁତ୍ର ନଦୀରେ ଫେରି ସେବା ଦୁଇ ଦିନ ପାଇଁ ବନ୍ଦ ରଖାଯାଇଛି।

## ବିଏସ୍‌ଏଫ କନଷ୍ଟେବଲ...

ସୁଯୋଗ ପ୍ରଦାନ କରିବ। ନୂତନ ନିୟମଗୁଡ଼ିକ ଏହା ମଧ୍ୟ ସ୍ପଷ୍ଟ କରେ ଯେ ମୋଟ ଖାଲି ପଦବୀର ଏକ ନିର୍ଦ୍ଦିଷ୍ଟ ଅଂଶ ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷିତ ରହିବ, ଯାହା ଦ୍ୱାରା ପୂର୍ବରୁ ସେନାରେ ସେବା କରିଥିବା ଅଭିଜ୍ଞ ସୈନିକମାନେ ମଧ୍ୟ ପ୍ରାଥମିକତା ପାଇପାରିବେ। ଏହା ସହିତ, ଯୁଦ୍ଧାଧିଜ କନଷ୍ଟେବଲ ଟ୍ରେଡସମ୍ୟାନଙ୍କ ସିଧାସଳଖ ନିଯୁକ୍ତି ପାଇଁ ପଥ ଉନ୍ମୁକ୍ତ ହୋଇଛି, ଯାହା ସେମାନଙ୍କ କ୍ୟାରିୟର ଉନ୍ନତିର ସୁଯୋଗ ବୃଦ୍ଧି କରୁଛି। ଏହି ସରକାରୀ ନିଷ୍ପତ୍ତିକୁ ଅଗ୍ନିବୀର ଯୋଜନାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହା କେବଳ ଅଗ୍ନିବୀରଙ୍କ ଭବିଷ୍ୟତ ସମ୍ପର୍କରେ ଅନିଶ୍ଚିତତା ହ୍ରାସ କରିବ ନାହିଁ ବରଂ ବିଏସଏଫ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସଂସ୍ଥାକୁ ପ୍ରଶିକ୍ଷିତ ମାନବ ସମ୍ବଳ ମଧ୍ୟ ଯୋଗାଇବ। ନୂତନ ସଂଶୋଧିତ ନିୟମଗୁଡ଼ିକ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସ୍ପଷ୍ଟତା ଆଣିବାର ଆଶା କରାଯାଉଛି। ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ଏବଂ ସୁଯୋଗ ଏବେ ସ୍ପଷ୍ଟ ଭାବରେ ପରିଭାଷିତ ହେବ, ଯାହା ନିଯୁକ୍ତି ସମ୍ପର୍କିତ ଦ୍ୱନ୍ଦ୍ୱ ଏବଂ ବିବାଦକୁ ହ୍ରାସ କରିପାରିବ। ସାମଗ୍ରିକ ଭାବରେ, ଏହି ପରିବର୍ତ୍ତନ ସୁରକ୍ଷା ବାହିନୀ ଏବଂ ଯୁବପିଢ଼ି ଉଭୟଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ।

# ଭୁବନେଶ୍ୱରରେ ମ୍ୟୁଜିକ ସର୍କଲର "ଗୋଟିପୁଅ ସଂଗୀତ" କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କଠାରେ ପାରମ୍ପରିକ "ଗୋଟିପୁଅ ସଂଗୀତ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ବନ୍ଦ ଅଡିଟୋରିୟମ୍‌ରେ ଏହିପରି କାର୍ଯ୍ୟକ୍ରମଗୁଡିକୁ ଉପସ୍ଥାପନ କରାଯାଇଥାଏ କାରଣ ଏହା ଭାରତୀୟ ଶାସ୍ତ୍ରୀୟ ସଂଗୀତ ପରିବେଷଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିଥାଏ । ମାତ୍ର ପାରମ୍ପରିକ ସଂଗୀତ ପ୍ରତି ରୁଚି ରଖୁନଥିବା ଶ୍ରୋତାମାନେ ଏହାର ଆନନ୍ଦ ଉଠାଇ ପାରନ୍ତି ନାହିଁ । ସେମାନଙ୍କୁ ପାରମ୍ପରିକ ସଂଗୀତ ପ୍ରତି ଆକର୍ଷିତ କରିବା ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ପ୍ରତି ଶୀତ ଋତୁରେ ଦୁଇରୁ ତିନୋଟି କାର୍ଯ୍ୟକ୍ରମ ପାର୍କରେ ଆୟୋଜିତ ହୋଇଥାଏ । ଚଳିତ ଶୀତ ଋତୁରେ ମଧ୍ୟ ସର୍କଲର କାର୍ଯ୍ୟସୂଚୀ ଅନୁଯାୟୀ




୨୦ ଡିସେମ୍ବର ୨୦୨୫ ଏବଂ ୧୭ ଜାନୁଆରୀ ୨୦୨୬ ତାରିଖରେ ଦୁଇଟି କାର୍ଯ୍ୟକ୍ରମର ଆୟୋଜନ କରାଯାଉଅଛି। ଓଡିଶୀ ଶାସ୍ତ୍ରୀୟ ସଂଗୀତକୁ ଏକ ପୁରାତନ ଶାସ୍ତ୍ରୀୟ ଶୈଳୀ ସ୍ୱିକୃତୀ ମିଳିଛି ଯାହାର ଐତିହ୍ୟ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଛି। ସେଥିମଧ୍ୟରୁ ଏକ ପ୍ରମୁଖ ଶୈଳୀ ହେଉଛି ଗୋଟିପୁଅ ସଂଗୀତ। ଏହି ଶୈଳୀ ହଜାର ବର୍ଷ ପୂର୍ବରୁ ବିକଶିତ ହୋଇଥିଲା ଏବଂ ଏହା ପରମ୍ପରା ଭାବେ ଜଗନ୍ନାଥ ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିରରେ ଗାୟନ କରାଯାଉଛି। ପ୍ରାକ୍-କିଶୋର ଅବସ୍ଥାରେ ଛୋଟ ପୁଅମାନଙ୍କୁ ଗୋଟିପୁଅ କୁହାଯାଏ ଯେଉଁମାନେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରନ୍ତି ଯାହା ଓଡିଶୀ ନୃତ୍ୟର ଏକ ପ୍ରମୁଖ ରୂପରେଖା। ଗୋଟିପୁଅମାନେ ଯୁବତୀଙ୍କ ଭଳି ପୋଷାକ ପିନ୍ଧି ଆକ୍ରୋବାଟିକ ନୃତ୍ୟ ପ୍ରଦର୍ଶନ କରନ୍ତି ଯେଉଁଥିରେ ଜଟିଳ ଭଙ୍ଗୀମାନ ଦେଖାଯାଇଥାଏ। ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଇଦାଲକୁସିଆରୀ ଗାଁ ର ନିବାସୀ ଲିଙ୍ଗରାଜ ବାରିକ (ଦଳ ମୁଖ୍ୟ) ଏହି ଗୋଟିପୁଅ ସଂଗୀତ ଓ ସଂଶ୍ଳିଷ୍ଟ ନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ନିଜ ଗାଁ ରେ ରହି କାର୍ଯ୍ୟ କରିଆସୁଥିବା ପାରମ୍ପରିକ ଗାୟକଙ୍କ ମଧ୍ୟରୁ ଜଣେ। ସେ ଉତ୍କଳ ସଂଗୀତ ମହାବିଦ୍ୟାଳୟରୁ ପ୍ରଶିକ୍ଷଣପ୍ରାପ୍ତ ଏବଂ ରାଜ୍ୟର ବିଭିନ୍ନ ସଂସ୍ଥା ତରଫରୁ ଅନେକ ଥର ସମ୍ମାନିତ ହୋଇଛନ୍ତି। ସେ ଭାରତ ସହିତ ବିଦେଶରେ ମଧ୍ୟ ଗୋଟିପୁଅ ସଂଗୀତ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଦଳର ମୁଖ୍ୟ ଲିଙ୍ଗରାଜ ବାରିକ (ମୁଖ୍ୟ ଗାୟକ) ଙ୍କ ସମେତ ଆର୍ତ୍ତବନ୍ଧୁ ବାରିକ ( ସପୋଟିଂ ଗାୟକ), କୈଳାଶ ଚନ୍ଦ୍ର ବିଶ୍ୱାଳ(ମର୍ଦ୍ଦଳ), ବାବୁଲି ଭୂୟାଁ (ସପୋଟିଂ ଗାୟକ), ଶିବ ପ୍ରସାଦ ମହାପାତ୍ର (ମଞ୍ଜିରା) ଏବଂ ଜଗବନ୍ଧୁ ନାଏକ (ଭାଓଲିନ୍) ପ୍ରମୁଖ ଉପସ୍ଥିତ ଥିଲେ।

## ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

# ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗଦର୍ଶାଇବାକୁ ପରାମର୍ଶ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଦୁଇ ଦିନ ଧରି ଜିନ୍ଦଲ ନଗର ସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ 'ମିଲାଞ୍ଜ' ଓ 'ପୁନରଭାରତ' ଇଡେନ ଗାର୍ଡେନ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅତି ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ମହିଳା ସମିତିର ସଭାପତି ସୀମା ମଲହାନ ଓ ଅନିତା ମିତ୍ତଲ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲର ଉପ-ସଭାପତି ତଥା ପ୍ରଶାସନିକ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଜୀ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁଗୁଳର ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇନଚାର୍ଜ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପଙ୍କଜ ମଲହାନ, ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ଓ ଆଇରନ ଜୋନ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ଦାମୋଦର ମିତ୍ତଲ, ଜିନ୍ଦଲ




ଷ୍ଟିଲ, ଅନୁଗୁଳର ମାନବ ସମ୍ବଳ ବିଭାଗର ସଭାପତି ତଥା ସି.ଏଚ.ଆର.ଓ. ଦିଲ୍ଲୀପ କୁମାର ସିହ୍ନା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗଦର୍ଶାଇବା ସହ କଠିନ ପରିଶ୍ରମ କରି ସଫଳତା ହାସଲ ସହ ଆଗାମୀ ଦିନରେ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଶ୍ୱିନୀ କୁମାର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଥମ ସନ୍ଧ୍ୟାରେ "ମିଲାଞ୍ଜ'' ଉତ୍ସବରେ ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ ଜଣ ଛାତ୍ର ଛାତ୍ରୀ ଏବଂ ଦ୍ୱିତୀୟ ସଂଧ୍ୟାର 'ପୁନରଭାରତ' ଉତ୍ସବରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ଜଣ ଛାତ୍ରଛାତ୍ରୀ ଏବଂ ଦ୍ୱିତୀୟ ସନ୍ଧ୍ୟାରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୨୫ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ଅବସରରେ ନିଟ, ଜେଇ ମେନ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଷ୍ଟ ହାଉସ (ସିସିଏ) ସରୋଜିନୀ ହାଉସ, ବେଷ୍ଟ ହାଉସ (ଏକାଡ଼େମିକ) ଆଜାଦ ହାଉସ, ଏବଂ ବେଷ୍ଟ ହାଉସ (ସାମଗ୍ରିକ) ରାମାନୁଜନ ହାଉସକୁ ବିଜୟୀ ଏବଂ ବେଷ୍ଟ ହାଉସ (ସାମଗ୍ରିକ) ଭାବେ ସରୋଜିନୀ ହାଉସକୁ ରନର୍ସ ଅପ ଘୋଷଣା କରାଯାଇ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ଉଭୟ ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଭୟ ସନ୍ଧ୍ୟାରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡଃ ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବ୍ରଜରାଜନଗରରେ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗ ଦେଲେ ମନ୍ତ୍ରୀ ସୁରେଶ ପୂଜାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଆଜି ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରଜରାଜନଗର ପୌରାଂଚଳର ଓପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ରେ ଯୋଗଦେଇଛନ୍ତି । ଏହି ଅବସରରେ ତାଙ୍କ ସହ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଜେନା ମଧ୍ୟ ଉପସ୍ଥିତ ଥିଲେ। ମନ୍ତ୍ରୀଦ୍ୱୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ବୈଜ୍ଞାନିକ ମଡେଲ୍ ଓ ନୂତନ ଚିନ୍ତାଧାରାକୁ ନିରୀକ୍ଷଣ କରି ସେମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ମନ୍ତ୍ରୀ ସୁରେଶ ପୁଜାରୀ ଛାତ୍ରଛାତ୍ରୀଙ୍କୁ ଉଦ୍ଦେଶ୍ୟ କରି କହିଥିଲେ ଯେ ଏପରି ବୈଜ୍ଞାନିକ ପ୍ରଦର୍ଶନୀ ଛାତ୍ରମାନଙ୍କ ମଧ୍ୟରେ ନବଚିନ୍ତନ, ସୃଜନଶୀଳତା ଓ ବୈଜ୍ଞାନିକ ମନୋଭାବ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ପରିବହନ ମନ୍ତ୍ରୀ ବିଭୂତି ଜେନା ମଧ୍ୟ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ସ୍ୱାଗତ କରି ସେମାନଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ଏସ୍‌ବିଆଇ ସମ୍ପତ୍ତି ପ୍ରଦର୍ଶନୀ-୨୦୨୫

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ମୁଖ୍ୟ ଶାଖାରେ ଗୃହ ଋଣ କ୍ଷେତ୍ରରେ ବଜାର ଭାବରେ ଏସ୍‌ବିଆଇ ୨୦ ଏବଂ ୨୧ ଡିସେମ୍ବର ୨୦୨୫ରେ ଏକ ସମ୍ପତ୍ତି ପ୍ରଦର୍ଶନୀ ଆୟୋଜନ କରିଥିଲା, ଯେଉଁଠାରେ ୩୦ ଜଣ ପ୍ରତିଷ୍ଠିତ ବିଲଡର ସେମାନଙ୍କର ନୂତନ ଏବଂ ଆଗାମୀ ଗୃହ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ଏହି ଏକ୍ସପୋର ଲକ୍ଷ୍ୟ ଥିଲା ଗୋଟିଏ ଛାତ ତଳେ ପ୍ରାୟ ୧୮୦ ଟି ଏସ୍‌ବିଆଇ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ବ୍ୟକ୍ତିବିଶେଷଙ୍କ ସ୍ୱପ୍ନର ଘର ଚୟନ ଏବଂ ମାଲିକାନା ପାଇଁ ସେମାନଙ୍କର ଆକାଂକ୍ଷା ପୂରଣ କରିବା। ଏହି ଏକ୍ସପୋ ସକାଳ ୧୧ ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଏକ୍ସପୋକୁ ଏସ୍‌ବିଆଇର ସିଜିଏମ୍ ଏ.ଡି. ରନ୍ତୁ ତେଜା, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ସହିତ ଜିଏମ୍, ଏନ୍‌ଡବ୍ଲୁ-୧ ଡକ୍ଟର ବନ୍ଦନା ଅଗ୍ରୱାଲ, ଡିଜିଏମ୍ (ବିଆଣ୍ଡଓ) ପ୍ରଶାନ୍ତ କୁମାର,




ଏଓ ଭୁବନେଶ୍ୱର ସମ୍ମାନିତ ବିଲଡରମାନଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଥିଲେ। ଏହି ଏକ୍ସପୋରେ ବହୁ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ ଏବଂ ପ୍ରେସ୍ ଗଣମାଧ୍ୟମ ସହିତ ବହୁ ସଂଖ୍ୟାରେ ଜନସାଧାରଣ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଟାଟାର ଅତିରିକ୍ତ ସିକ୍ୟୁରିଟିକୁ କଂଗ୍ରେସର ବିରୋଧ

# ଡ଼ିସେମ୍ବର ୨୬ରେ ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଧାରଣା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟାଟା କମ୍ପାନୀର ଅତିରିକ୍ତ ସିକ୍ୟୁରିଟିକୁ ବିରୋଧ କରି ରାଜ୍ୟ ସରକାରଙ୍କୁ ଘେରିଛି କଂଗ୍ରେସ । ଟାଟା କମ୍ପାନୀ ଯଦି ଏହି ଅତିରିକ୍ତ ସିକ୍ୟୁରିଟି ଟାକ୍ସ ନ ହଟାଏ ତେବେ ଆଇନ ଅମାନ୍ୟ ଆନ୍ଦୋଳନ ହେବ କରିବ ବୋଲି ଚେତାବନୀ ଦେଇଛି କଂଗ୍ରେସ । ଆଜି ସାମ୍ବାଦିକ ସମ୍ମିଳନୀ କରି ସରକାରକୁ କଡା ଚେତାବନୀ ଦେଇ ଦଳ ପକ୍ଷରୁ କୁହାଯାଇଛି, ଟାଟା ପାୱାର ବିଦା ନ ହେବା ଯାଏଁ ଆନ୍ଦୋଳନ ହେବ । ଡିସେମ୍ବର ୨୯ରେ ସମସ୍ତ ବିଜୁଳି ଅଫିସ ଘେରାଓ କରାଯିବ । ଟାଟା ପାୱାର ଜନବିରୋଧୀ କାମ କରୁଛି । ଉପଭୋକ୍ତାଙ୍କୁ ଶୋଷଣ କରୁଛି । ଟାଟା ଯଦି ଅତିରିକ୍ତ ସିକ୍ୟୁରିଟି ବନ୍ଦ ନ କରେ ତେବେ ଡ଼ିସେମ୍ବର ୨୬ରେ ସମସ୍ତ ଜିଲ୍ଲା ହେଡ଼କ୍ୱାଟରରେ ଧାରଣା ଦିଆଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ। ପିସିସି ସଭାପତି ଭକ୍ତ ଦାସ କହିଛନ୍ତି, ଟାଟା ପାୱାର ବିଦା ନ ହେବା ଯାଏଁ ଆନ୍ଦୋଳନ ହେବ । ଟାଟା ପାୱାର ଜନବିରୋଧୀ କାମ କରୁଛି । ଉପଭୋକ୍ତାଙ୍କୁ ଶୋଷଣ କରୁଛି । ଟାଟା ଲୋକଙ୍କୁ ବୋନସ ଦେବା କଥା। ହେଲେ ଟାଟାର ବେଆଇନ କାମକୁ ଆଉ ବରଦାସ୍ତ କରି ହେବନି। ଏହାସହ ଅତିରିକ୍ତ ସୁରକ୍ଷା ଜମା ଟାଟାକୁ ନ ଦେବାକୁ ପିସିସି ସଭାପତି ଓଡିଶାବାସୀଙ୍କୁ ନିବେଦନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ






ଧାନ କିଣା ଦୁର୍ନୀତି ପ୍ରସଙ୍ଗ ଉଠାଇ ପିସିସି ସଭାପତି କହିଥିଲେ, ଗତ ବର୍ଷ ଧାନ କିଣାରେ ଦୁଇ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ଏ ବର୍ଷ ମଧ୍ୟ ଚାଷୀଙ୍କୁ ଟୋକନ ଦିଆଯାଉ ନାହିଁ । ଖୁଲମ ଖୁଲା କଟନୀ ଛଟନୀ ଚାଲିଛି। ୮୦୦ ଟଙ୍କା ବୋନସ ଦେଇ ପାରୁନାହାନ୍ତି ସରକାର। ଡିଷ୍ଟ୍ରେସ ସେଲ ଯେମିତି ହବ ସେମିତି ପରିସ୍ଥିତି ସୃଷ୍ଟି କରୁଛନ୍ତି ସରକାର । ତେଣୁ ଧାନ ସଂଗ୍ରହରେ ପଶ୍ଚିମ ଓଡିଶାରୁ ଦକ୍ଷିଣ ଓଡିଶା ସବୁଆଡେ ଆନ୍ଦୋଳନ କରିବ କଂଗ୍ରେସ । ବିଜୁଳି ଓ ଧାନ ସଂଗ୍ରହରେ ଦୁର୍ନୀତି, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖକୁ ବିକୃତ କରିବା ବିରୋଧରେ ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ଡିସେମ୍ବର ୨୨ ଅର୍ଥାତ ସୋମବାର ଦିନ କଂଗ୍ରେସ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିବ । ଜିଲ୍ଲା କଂଗ୍ରେସ ସଭାପତି ଦଳର ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ । ସେହିପରି, ଡିସେମ୍ବର ୨୩ ମଙ୍ଗଳବାର ଦିନ ସବୁ ଜିଲ୍ଲା ମୁଖ୍ୟାଳୟରେ, ଜିଲ୍ଲାପାଳ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତି ସାଙ୍ଗଠନିକ ଜିଲ୍ଲାର ନେତା ଓ କର୍ମୀମାନେ ଧାରଣା ଦେବେ। ଡିସେମ୍ବର ୨୪ ବୁଧବାର ଦିନ ଧାନସଂଗ୍ରହରେ ସରକାରୀ ଚଞ୍ଚକତା ଓ ଅରାଜକତା ବିରୋଧରେ ଡିସିସି ପକ୍ଷରୁ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଶୋଭାଯାତ୍ରା କରାଯିବ। କେଉଁଠାରୁ କେଉଁଯାଏ ଶୋଭାଯାତ୍ରାରେ ଯିବେ ସଂପୃକ୍ତ ଜିଲ୍ଲା ସଭାପତିମାନେ ତାହା ନିର୍ଣ୍ଣୟ କରିବେ । ଡିସେମ୍ବର ୨୬ ଶୁକ୍ରବାର ଦିନ ଟାଟା ପାୱାରର ମନମୁଖୀ କାର୍ଯ୍ୟ ବିରୋଧରେ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ରହିଛି । ଡିସିସି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯିବ । ନେତାମାନେ ଶେଷରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଜନଜାଗରଣ ସୃଷ୍ଟି କରିବେ । ଡିସେମ୍ବର ୨୮ ରବିବାର ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ। ଏହି ଅବସରରେ ଏ ଥର ରାଜ୍ୟ, ଜିଲ୍ଲା, ବ୍ଲକ୍ ଏପରିକି ପଂଚାୟତ ଓ ଗ୍ରାମାଂଚଳ ସ୍ତରରେ ବ୍ୟାପକ ଭାବେ ପାଳନ କରିବାକୁ ଏଆଇସିସି ନିଷ୍ପତି ନେଇଛି । ଶେଷରେ ଡିସେମ୍ବର ୨୯ ସୋମବାର ଦିନ ଏଏସ୍ଡି ପ୍ରତ୍ୟାହାର ଦାବିରେ ପ୍ରତି ଜିଲ୍ଲା ମୁଖ୍ୟାଳୟର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ କରିବ ଦଳ । ଏ ନେଇ ପିସିସି ସଭାପତି ଭକ୍ତ ଦାସ କହିଛନ୍ତି, ଟାଟା କମ୍ପାନୀ ଏପରି ଅତିରିକ୍ତ ଶୁଳ୍କ ଲୋକଙ୍କଠାରୁ ନେଇ ପାରିବ ନାହିଁ । ଏପରି ଅତିରିକ୍ତ ଶୁଳ୍କ ନେବାର ଅଧିକାର ନାହିଁ । ଟାଟା ଉପଭୋକ୍ତାଙ୍କୁ ଶୋଷଣ କରୁଛି । ତେଣୁ ଟାଟା ହଟିବା ଦରକାର । ଲୋକେ ଏହି ଶୁଳ୍କ ଦିଅନ୍ତୁ ନାହିଁ ବୋଲି ପିସିସି ସଭାପତି ନିବେଦନ କରିଛନ୍ତି । ଏହାର ଜବାବରେ ବିଜେପି ବିଧାୟକ ବାବୁ ସିଂ କହିଛନ୍ତି, କଂଗ୍ରେସ ଆଗ ସ୍ଥିର କରୁ କାହା ସହିତ ଆନ୍ଦୋଳନ କରିବ। ଭକ୍ତ ଦାସ ମୋକିମଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ଦଳ ଭିତରେ ଆନ୍ଦୋଳନ ଚାଲିଛି । ସାରା ଦେଶରେ କଂଗ୍ରେସ ବିଲୀନ ହେଲାଣି। ବୁଡି ଯାଉଥିବା ଲୋକ ଓ ବୁଡି ଯାଇଥିବା ଡ଼ଙ୍ଗା କୁଟା ପାଇଲେ ଭାବେ ସ୍ଥଳ ଭାଗକୁ ଚଢି ଯିବ । ପାଗଳର ପ୍ରଳାପ କରୁଛି କଂଗ୍ରେସ। ଲୋକେ କଂଗ୍ରେସକୁ ଗୁରୁତର ସହ ନ ନେବାକୁ ଅନୁରୋଧ କରିଛନ୍ତି ବିଜେପି ବିଧାୟକ ବାବୁ ସିଂ ।

# ଅଚ୍ୟୁତାନନ୍ଦ ପୀଠର ଉନ୍ନୟନ କାର୍ଯ୍ୟ ଗଡି ଗଡି ଯାଉଛି



**ନେମାଳ, ନ୍ୟୁଜ ବ୍ୟୁରୋ**

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ଓ ଏହାର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ୨୦୨୩ ମାର୍ଚ୍ଚ ୧୧ ତାରିଖରେ ପୂର୍ବ ସରକାର ପ୍ରଥମ ପର୍ଯ୍ୟାୟରେ ୨୪ କୋଟି ୯୭ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ଦୁଇବର୍ଷ ପରେ ବି ସରିନି ୨୦ ପ୍ରତିଶତ କାମ ଦୁଇଥର ବଦଳିଲାଣି ମାଷ୍ଟରପ୍ଲାନ ମନ୍ଦିରକୁ ଲାଗି ରୋଷଘର ନିର୍ମାଣ ନେଇ ଅସନ୍ତୋଷ କରିଥିଲେ। ଇତିମଧ୍ୟରେ ୨ବର୍ଷ ବିତିଯାଇଥିବା ବେଳେ ମନ୍ଦିର ନିର୍ମାଣ କାର୍ଯ୍ୟ ପ୍ରାୟ ୨୦ ପ୍ରତିଶତ ସରିନାହିଁ । ନିର୍ମାଣ ହେଉଥିବା ରୋଷ ଓ ପ୍ରସାଦ ଗୃହ ପାଇଁ ଜନ ଅସନ୍ତୋଷ ଦେଖାଦେଇଛି। ଗୋପୀନାଥଜୀଉଙ୍କ ନୂତନ ମନ୍ଦିର ନିର୍ମାଣ ଚାଲୁରହିଥିବା ବେଳେ ମନ୍ଦିରର ଦକ୍ଷିଣ ପାର୍ଶ୍ୱ ମାତ୍ର ୧୦ରୁ୧୫ ଫୁଟ ବ୍ୟବଧାନରେ ରୋଷ ଘର ନିର୍ମାଣ କରାଯାଉଛି। ଭବିଷ୍ୟତରେ ଏହା ଅସୁବିଧା ସୃଷ୍ଟି କରିବାର ଆଶଙ୍କା ଥିବାରୁ ରୋଷଘର ଅନ୍ୟତ୍ର ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି। ପ୍ରଥମେ ପୀଠରେ ଉନ୍ନତିକରଣ ପାଇଁ ଯେଉଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା ସେହି ମୁତାବକ କରାଯାଉନାହିଁ। ଉକ୍ତ ମାଷ୍ଟରପ୍ଲାନକୁ ବଦଳାଯାଇ କାର୍ଯ୍ୟ କରାଯାଉଛି। ଠିକାଦାରଙ୍କୁ ପଚାରିଲେ ମନ୍ଦିର ନିର୍ମାଣ କମିଟି ନୂତନ ପ୍ଲାନକୁ ଅନୁମତି ଦେଇଥିବା କହୁଛନ୍ତି। ତେବେ ନିର୍ମାଣ କମିଟି କେଉଁ ମାନଙ୍କୁ ନେଇ ଗଠନ କରାଯାଇଛି ତାହା ସ୍ଥାନୀୟ ଅଞ୍ଚଳବାସୀ ଜାଣିନଥିବା କହିଛନ୍ତି। ୨୦୨୨ ଏପ୍ରିଲ ୨୮ ତାରିଖରେ ତତ୍କାଳୀନ ୫-ଟି ସଚିବ ଭି.କେ. ପାଣ୍ଡିଆନ ପୀଠ ପରିଦର୍ଶନ କରି ଏହାର ଉନ୍ନତିକରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇଥିଲେ। ମନ୍ଦିରର ଉନ୍ନତିକରଣ କାମ ଆରମ୍ଭ କରିବା ପାଇଁ ଏହାକୁ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଅଫ ହେରିଟେଜ ଆଣ୍ଡ ମନୁମେଣ୍ଟ ଆଣ୍ଡ ଟୁରିଜିମ ଡେଷ୍ଟିନେସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଅଟକଳ ଉପସ୍ଥାପନ କରାଯାଇଥିଲା। ୨୦୨୨ ଅକ୍ଟୋବର ମାସରେ ପ୍ରଥମ ପର୍ଯ୍ୟାୟରେ ୨୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରାଯିବା ସହ ୧୮ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଅର୍ଥରେ ପ୍ରଥମ ପର୍ଯ୍ୟାୟରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମୁଖ୍ୟ ମନ୍ଦିର ନିର୍ମାଣ, ଗୋପୀନାଥଜୀଉଙ୍କ ନୂତନ ମନ୍ଦିର ନିର୍ମାଣ, ରୋଷ ଓ ପ୍ରସାଦ ଗୃହ ନିର୍ମାଣ, ଆନନ୍ଦ ବଜାର, ଭକ୍ତ ନିବାସ, ଟ୍ରଷ୍ଟ କାର୍ଯ୍ୟାଳୟ ଶୌଚାଳୟ ଓ ଭଣ୍ଡାର ଗୃହ ସହିତ ସୌନ୍ଦର୍ଯ୍ୟକରଣ ଆଦି କରାଯିବା କଥା। ଦୁଇବର୍ଷ ପରେ ୨୦ ପ୍ରତିଶତ କାମ ସରିନାହିଁ। ସରକାର ବଦଳିବା ପରେ ପୁନର୍ବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ପୁନଃ ଶିଳାନ୍ୟାସ କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ଟେଣ୍ଡର କରାଯାଇ ଓବିସିସି (ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକ୍‌ସନ କର୍ପୋରେସନ)କୁ କାମ ଦିଆଯାଇଥିଲା। ଓବିସିସି ମଧ୍ୟ ଅନ୍ୟ ଠିକାଦାରଙ୍କୁ କାମ ଦେଇଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ନଥିବାରୁ କାର୍ଯ୍ୟ ସମ୍ପର୍କରେ ଜନସାଧାରଣ ଜାଣି ପାରୁନାହାନ୍ତି। ଠିକ୍ ଢଙ୍ଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ମାହାଙ୍ଗା, କଟକ ସଦର ବିଧାୟକ ଏବଂ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଭୁବନେଶ୍ୱର
୨୨ ଡିସେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଏଥର ରବିବାର ଉପସ୍ଥାପନ ହୋଇପାରେ ବଜେଟ

# ୮ଥର ବଜେଟ୍ ଉପସ୍ଥାପନ କରିବାରେ ସୀତାରମଣ ପ୍ରଥମ ଅର୍ଥମନ୍ତ୍ରୀ



**ନୂଆଦିଲ୍ଲୀ,୨୧/୧୨**

ବଜେଟ ୨୦୨୬ ଏଥର ରବିବାରରେ ଉପସ୍ଥାପନ ହୋଇପାରେ। ୨୦୨୬ ଫେବ୍ରୁୟାରୀ ପହିଲା ଏଥର ରବିବାର ପଡୁଛି। ଏହି ଦିନ ଗୁରୁ ରବିଦାସଙ୍କ ଜୟନ୍ତୀ ମଧ୍ୟ ପଡୁଛି। ୨୦୨୫ରେ ଗୁରୁ ରବିଦାସ ଜୟନ୍ତୀ ୧୨ ଫେବ୍ରୁୟାରୀ ବୁଧବାର ଦିନ ପଡିଥିଲା । ସଂସଦର ବଜେଟ୍ ଅଧିବେଶନ ମଧ୍ୟରେ ଏହା ପଡ଼ିଥିଲା। ଏହି କାରଣ ଯୋଗୁ ସଂସଦର ଉଭୟ ଗୃହରେ କୌଣସି ବୈଠକ ହୋଇ ନ ଥିଲା। ଏହା ପୂର୍ବରୁ ୧୮ ଫେବ୍ରୁୟାରୀ ୧୯୮୧ରେ ଗୁରୁ ରବିଦାସ ଜୟନ୍ତୀରେ ସଂସଦର କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଥିଲା । ଫେବ୍ରୁୟାରୀ ୧ରେ ବଜେଟ୍ ଉପସ୍ଥାପନ ହେଲେ ୨୦୧୭ରେ ବଜେଟ୍ ତାରିଖ ପରିବର୍ତ୍ତନ ପରେ ପ୍ରଥମ ଥର ରବିବାର ବଜେଟ୍ ଆସିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଏହା ୮ମ ବଜେଟ୍ ଏବଂ ମୋଦୀ ସରକାରଙ୍କ ତୃତୀୟ ପାଳିର ଦ୍ୱିତୀୟ ପୂର୍ଣ୍ଣ ବଜେଟ ହେବ। ଲଗାତର ୮ଟି ବଜେଟ ଉପସ୍ଥାପନା କରିଥିବା ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ ସୀତାରମଣ।

## ନିଟ୍‌ରେ କମ୍ ନମ୍ବର ରଖିଥିବା ଛାତ୍ରଙ୍କ ନାମଲେଖା

# ୧୦ ଡେଣ୍ଟାଲ କଲେଜକୁ ୧୦ କୋଟିର ଜରିମାନା

**ନୂଆଦିଲ୍ଲୀ,୨୧/୧୨**

ମେଡିକାଲ ଓ ଡେଣ୍ଟାଲ ଶିକ୍ଷାରେ ନିୟମର ଉଲ୍ଲଂଘନକୁ ନେଇ ସୁପ୍ରିମକୋର୍ଟ କଡା ଆଭିମୁଖ୍ୟ ପୋଷଣ କରିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି । ସର୍ବୋଚ୍ଚ ଅଦାଲତ ରାଜସ୍ଥାନର ୧୦ଟି ଘରୋଇ ଡେଣ୍ଟାଲ କଲେଜକୁ ୧୦ କୋଟି ଟଙ୍କା ଲେଖାଏ ଜରିମାନା ଲଗାଇଛନ୍ତି। ଏହି କଲେଜଗୁଡିକ ନିଟ୍ ୨୦୧୬- ୧୭ରେ ଧାର୍ଯ୍ୟ କଟ-ଅପ୍ ମାର୍କ ଠାରୁ କମ୍ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ନାମ ଲେଖାଇଥିଲେ । ଏହା ନିୟମର ସ୍ପଷ୍ଟ ଉଲ୍ଲଂଘନ ଏବଂ ଶିକ୍ଷା ବ୍ୟବସ୍ଥା ସହ ଖେଳ ବୋଲି କୋର୍ଟ କହିଛନ୍ତି । ନିଟ୍ ପରୀକ୍ଷା ହେଉଛି ଦେଶବ୍ୟାପୀ



ମେଡିକାଲ ଓ ଡେଣ୍ଟାଲ କଲେଜରେ ନାମଲେଖା ପାଇଁ ଏକମାତ୍ର ଆଧାର । କିନ୍ତୁ ଏହାକୁ ଅଣଦେଖା କରି ରାଜସ୍ଥାନର ଘରୋଇ ଡେଣ୍ଟାଲ କଲେଜଗୁଡିକ ଛାତ୍ରଛାତ୍ରୀଙ୍କୁ ବିଡିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ଏହି ମାମଲାର ବିଚାର ଦୀର୍ଘ ସମୟ ଧରି ଅଦାଲତରେ ଚାଲିଥିଲା। ଯାହା ଉଭୟ କଲେଜ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବିଚାରପତି ଜି.କେ ମାହେଶ୍ୱରୀ ଓ ବିଚାରପତି ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ କଲେଜ ଜାଣିଶୁଣି ନିୟମର ଉଲ୍ଲଂଘନ କରିଛନ୍ତି। ସେଥିପାଇଁ ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଏସବୁ କଲେଜ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିକଟରେ ୧୦ କୋଟି ଲେଖାଏ ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜସ୍ଥାନ ସରକାରଙ୍କ ଭୂମିକା ଉପରେ କୋର୍ଟ ପ୍ରଶ୍ନ ଉଠାଇବା ସହ ୧୦ ଲକ୍ଷ ଟଙ୍କା ଜମା କରିବାକୁ କହିଛନ୍ତି । ଡେଣ୍ଟାଲ କଲେଜରୁ ମିଳିବାକୁ ଥିବା ୧୦୦ କୋଟି ଟଙ୍କାକୁ ସ୍ଥାୟୀ ଜମା ଭାବେ ରଖାଯିବ। ଏଥିରୁ ମିଳିବାକୁ ଥିବା ସୁଧ ରାଜସ୍ଥାନରେ ୱାନ ଷ୍ଟପ ସେଣ୍ଟର, ନାରୀ ନିକେତନ, ବୃଦ୍ଧାଶ୍ରମ ଓ ଅନାଥାଶ୍ରମର ଦେଖାରଖା ତଥା ବିକାଶ ଦିଗରେ ଖର୍ଚ୍ଚ କରାଯିବ । କୋର୍ଟ ସମ୍ବିଧାନର ଧାରା ୧୪୨ରେ ମିଳିଥିବା ସ୍ୱତନ୍ତ୍ର କ୍ଷମତା ବଳରେ କମ୍ ନମ୍ବର ରଖି ନାମ ଲେଖାଇଥିବା ଉକ୍ତ ଛାତ୍ରଛାତ୍ରୀଙ୍କ ଡିଗ୍ରୀକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ତେବେ ସେମାନଙ୍କ ଲାଗି ସର୍ବୋଚ୍ଚ ଅଦାଲତ ସର୍ତ୍ତ ମଧ୍ୟ ରଖିଛନ୍ତି । କହିଛନ୍ତି ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଓ ଅନ୍ୟାନ୍ୟ ଜରୁରି ପରିସ୍ଥିତି ସମୟରେ ସେମାନେ ରାଜ୍ୟ ସରକାରଙ୍କୁ ମାଗଣା ସେବା ଯୋଗାଇଦେବେ ବୋଲି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ହେବ।

## ରାଜଧାନୀର ସହିଦନଗର ଗଣଦୁଷ୍କର୍ମ ହେଲା "ରେଡ୍ ଫ୍ଲାଗ୍"

# କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବ ତଦନ୍ତ

**ଭୁବନେଶ୍ୱର,୨୧/୧୨**
**ନ୍ୟୁଜ ବ୍ୟୁରୋ**

ରାଜଧାନୀ ସହିଦନଗରର ଗଣଦୁଷ୍କର୍ମ ହେଲା 'ରେଡ୍ ଫ୍ଲାଗ୍' । ଗଣ ଦୁଷ୍କର୍ମ ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ହେବ ତଦନ୍ତ। ଏହି କେସରେ କମିଶନରେଟ୍ ପୁଲିସକୁ ସହଯୋଗ କରିବ କ୍ରାଇମବ୍ରାଞ୍ଚ। ଚାକିରି ଦେବାକୁ କହି ଜଣେ ଆଶାୟୀ ନାବାଳିକାକୁ ଭଡ଼ା ଘରକୁ ଡାକିଥିଲେ ଦୁଇ ଅଭିଯୁକ୍ତ। ସେଠାରେ ଉଭୟ ଗଣଦୁଷ୍କର୍ମ କରିବା ପରେ ନାବାଳିକାଙ୍କୁ ଅଚାର୍ଯ୍ୟ ବିହାର ଛକରେ ଛାଡ଼ି ଦେଇଥିଲେ । ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅକ୍ଷୟ ଦାସ ଓ ସାହିଲ୍ ଖାନ୍ । ପୂର୍ବରୁ ଧଉଳି ଗଣଦୁଷ୍କର୍ମ ମାମଲାକୁ ରେଡ୍ ଫ୍ଲାଗ୍ ଘୋଷଣା କରିଥିଲେ ସରକାର। ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଅକ୍ଷୟ ଗତ କିଛି ଦିନ ତଳେ ସୋସିଆଲ ମିଡ଼ିଆରେ ଏକ ବିଜ୍ଞାପନ ଦେଇଥିଲା । ସେଥିରେ ସେ ଉଲ୍ଲେଖ କରିଥିଲା, ଡାଟା ଏଣ୍ଟ୍ରି ଅପରେଟର ପାଇଁ ପିଲା ଆବଶ୍ୟକ। ଦରମା ୧୦ରୁ ୧୨ ହଜାର ମିଳିବ। ଏହା ଦେଖି ନାବାଳିକା ଜଣଙ୍କ ତାଙ୍କୁ ଫୋନ୍ କରିଥିଲେ । ଅଭିଯୁକ୍ତ ଅକ୍ଷୟ ତାଙ୍କୁ ଏକ ଠିକଣା ଦେଇଥିଲା। ଗତ ୧୮ ତାରିଖ ଦିନ ପ୍ରାୟ ୨ଟା ବେଳେ ନାବାଳିକା ସେଠାରେ ପହଞ୍ଚି ଯାଇଥିଲେ। ନାବାଳିକା ଦେଖିଥିଲେ ରୁମ୍‌ରେ ୩ଜଣ ଯୁବକ ଅଛନ୍ତି । ନାବାଳିକା ଜଣଙ୍କ ରୁମ୍‌କୁ ଯିବା ମାତ୍ରେ ଜଣେ ଯୁବକ ବାହାରକୁ ପଳାଇ ଆସି ରୁମ୍ ବାହାର ପଟୁ ବନ୍ଦ କରି ଦେଇଥିଲା। ଅକ୍ଷୟ ଓ ସାହିଲ୍ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ଖାଲି ସେତିକି ନୁହେଁ ଏହି ଅମାନବୀୟ କାଣ୍ଡର ଭିଡିଓ କରିଥିଲେ । ସ୍ଥିତି ଏମିତି ହୋଇଥିଲା ଯେ ନାବାଳିକା ଜଣଙ୍କ ଚେତା ହରାଇଥିଲେ। ଚେତା ଫେରିବା ପରେ ଅକ୍ଷୟ ଓ ସାହିଲ୍ ନାବାଳିକାଙ୍କୁ ନେଇ ବିଳମ୍ବିତ ରାତିରେ ଆଚାର୍ଯ୍ୟବିହାର ଛକରେ ଛାଡ଼ି ଦେଇଥିଲେ । ନାବାଳିକା ଜଣକ ଘରକୁ ଯାଇ ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ୧୯ ତାରିଖ ଦିନ ପରିବାର ଲୋକେ ସହିଦ ନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ମାମଲା (୬୧୦/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୧୯ ତାରିଖ ଦିନ ପୁଲିସ୍ ନାବାଳିକାର ଡାକ୍ତରୀ ପରୀକ୍ଷା କରିବା ସହ ବୟାନ ରେକର୍ଡ କରିଥିଲା। ତା'ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ପୁଲିସ୍ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳ ଯାଞ୍ଚ କରିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୭୦(ଗଣ ଦୁଷ୍କର୍ମ) ଓ ୬ ପୋକ୍ସୋ ଆକ୍ଟ ଲାଗିଛି । ତେବେ ଏହି ଜଘନ୍ୟ ଘଟଣାକୁ ସରକାର ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛନ୍ତି।

### ମହିଳାଙ୍କ ପାଇଁ ଅସୁରକ୍ଷିତ ହେଉଛି ଭୁବନେଶ୍ୱର : ନବୀନ

**ଭୁବନେଶ୍ୱର ୨୧।୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସହିଦ ନଗର ଗଣଦୁଷ୍କର୍ମ ମାମଲା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। 'ଏକ୍ସ' ପୋଷ୍ଟରେ ନବୀନ ଲେଖିଛନ୍ତି, 'ମହିଳାଙ୍କ ପାଇଁ ଅସୁରକ୍ଷିତ ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର, ପୁଣି କଳଙ୍କ ମୁଣ୍ଡାଇଛି ଓଡ଼ିଶା। କେବେ ଆଉ ଚେତିବ ବିଜେପି ସରକାର ? ଦିନ ଦ୍ୱିପ୍ରହରରେ ପୁଣି ଜଣେ ନାବାଳିକା ଭୁବନେଶ୍ୱରରେ ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ । କୁଆଡ଼େ ଯାଇଛି ଆଇନଶୃଙ୍ଖଳା ? 'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ? ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି । ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କଲେଣି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ୨୦୩୬ସୁଦ୍ଧା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବିଶ୍ୱସ୍ତରୀୟ ରୋଗ ନିର୍ଣ୍ଣୟ କେନ୍ଦ୍ର ସ୍ଥାପନ ହେବ

**ଭୁବନେଶ୍ୱର, ୨୧/୧୨**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ହାତକୁ ନେଉଛନ୍ତି । ଭିଜନ୍ ଓଡ଼ିଶା ୨୦୩୬ ନିମନ୍ତେ ରାଜ୍ୟ ସରକାର ମହତ୍ୱାକାଂକ୍ଷୀ ଯୋଜନା ପ୍ରସ୍ତୁତ କରୁଥିବାବେଳେ ୨୦୩୬ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିଶ୍ୱସ୍ତରୀୟ ରୋଗ ନିର୍ଣ୍ଣୟ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରିବାର ଲକ୍ଷ୍ୟ ରଖିଛନ୍ତି। ରବିବାର ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସମ୍ ଅଲ୍ଟିମେଟ ମେଡ଼ିକେୟାର ଆନୁକୂଲ୍ୟରେ ଆୟୋଜିତ ୨-ଦିନିଆ 'ସମ୍ ଅଲ୍ଟିମେଟ ମେଡିକେୟାର ମିଟ୍ ଅନ୍ ଇମେଜିଂ ଆଣ୍ଡ ଇଣ୍ଟରଭେନ୍ସନାଲ୍ ଥେରାପି' ସମ୍ମିଟ -୨୦୨୫ର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଏହା ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଶିକ୍ଷା ଓ ଅନୁସନ୍ଧାନର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସ୍ୱାଗତ କରିଥିଲେ। ଏଥି ସହିତ ପ୍ରତ୍ୟେକ ଜିଲ୍ଲାରେ ଟେଲିମେଡିସିନ୍, ଟେଲିଟେକ୍ନୋଲଜି ଭଳି ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ସ୍ଥାପନ ସହ ଡାକ୍ତରୀ ଶିକ୍ଷା ଏବଂ ଗବେଷଣା କାର୍ଯ୍ୟକୁ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ଶ୍ରୀମତୀ



ପରିଡ଼ା କହିଥିଲେ। ଓଡ଼ିଶାକୁ ଅତ୍ୟାଧୁନିକ, ସୁଲଭ ଏବଂ ଅନୁକମ୍ପାମୂଳକ ସ୍ୱାସ୍ଥ୍ୟସେବାର ଆଞ୍ଚଳିକ ହବ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଯେଉଁ ସବୁ ପ୍ରସ୍ତାବ ପାରିତ ହେବ ତାକୁ କାର୍ଯ୍ୟରେ ପରିଣତ କରିବା ଦିଗରେ ସରକାର ଯତ୍ନବାନ ହେବେ ବୋଲି କହିବା ସହ ସାଧାରଣ ବ୍ୟକ୍ତି ଏପରିକି ଡାକ୍ତରମାନଙ୍କର ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ ଅଲ୍ଟିମେଟ ମେଡିକେୟାରର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରି ପର୍ଯ୍ୟଟନ ବିଭାଗର ଦାୟିତ୍ୱରେ ଥିବା ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମେଡିକାଲ୍ ଟୁରିଜିମ କ୍ଷେତ୍ରରେ ସମ୍ମ ଅଗ୍ରଣୀ ଭୂମିକା କରିଛି । ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଂଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ବିହାର ପ୍ରଭୃତି ରାଜ୍ୟରୁ ରୋଗୀମାନେ ଚିକିତ୍ସା ପାଇଁ ସମ୍ମକୁ ହିଁ ଚୟନ କରୁଛନ୍ତି ବୋଲି ସେ କହିଥିଲେ।' ଆଡଭାନ୍ସ ପେସେଣ୍ଟ କେୟାର ୱିଥ୍ ଇଣ୍ଟରଭେନ୍ସନାଲ ରେଡିଓଲୋଜି ଆଣ୍ଡ କାର୍ଡିଆକ୍ ଇମେଜିଂ ହ୍ୱେନ୍ ଇମେଜିଂ ଲିଡ୍ସ, ଇଣ୍ଟରଭେନ୍ସ ହିଲ୍ସ' ପ୍ରସଙ୍ଗକୁ ନେଇ ଆୟୋଜିତ ଏହି ସମ୍ମିଳନୀର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ସମ୍ମର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ପ୍ରଦାନ, ଗବେଷଣା ଏବଂ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ କାର୍ଯ୍ୟ ହାତକୁ ନେଇଛି। ମାତ୍ର ୫ବର୍ଷର ଏହି ହସ୍ପିଟାଲର ଶଯ୍ୟା ସଂଖ୍ୟା ବର୍ତ୍ତମାନ ୫୭୫ରେ ପହଞ୍ଚିଥିବାବେଳେ ଏଠାରେ ରୋଗୀ ସେବା କ୍ଷେତ୍ରରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବା ଡକ୍ଟର ଦାଶ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମିଟ-୨୦୨୫ର ଅର୍ଗାନାଇଜିଂ ଚେୟାରମ୍ୟାନ ତଥା ସମ୍ ଅଲ୍ଟିମେଟ ମେଡ଼ିକେୟାରର ରେଡ଼ିଓଲୋଜି ବିଭାଗର ସିନିୟର କନ୍ସଲଟାଣ୍ଟ ଡାକ୍ତର ସୁଦୀପ ଆଚାର୍ଯ୍ୟ, ଇଣ୍ଡିଆନ୍ ସୋସାଇଟି ଅଫ୍ ଭାସ୍କୁଲାର ଆଣ୍ଡ ଇଣ୍ଟରଭେନ୍ସନାଲ ରେଡିଓଲୋଜି (ଆଇଏସଭିଆଇଆର)ର ପ୍ରେସିଡେଣ୍ଟ ଇଲେକ୍ଟ ଡାକ୍ତର ଅମର ମୁକୁନ୍ଦ, ଓଡ଼ିଶା ରେଡ଼ିଓଲୋଜି ଆଣ୍ଡ ଇମେଜିଂ ଆସୋସିଏସନ୍ (ଓରିଆ)ର ପ୍ରେସିଡେଣ୍ଟ ତଥା ଏସସିବି ମେଡିକାଲ କଲେଜର କନ୍ସଲଟାଣ୍ଟ ରେଡିଓଲୋଜିଷ୍ଟସ ଡାକ୍ତରର ପ୍ରଫୁଲ୍ଲ କୁମାର ଦାସ, ଓରିଆର ସେକ୍ରେଟାରୀ ତଥା ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲର ରେଡ଼ିଓ-ଡାଏଗ୍ନୋସିଷ୍ଟ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସତ୍ୟସୁନ୍ଦର ଗଜେନ୍ଦ୍ର ମହାପାତ୍ର ଏବଂ ସମ୍ମିଟ-୨୦୨୫ର ଅର୍ଗାନାଇଜିଂ ଭାଇସ-ଚେୟାରମ୍ୟାନ ତଥା ସମ୍ମର ରେଡିଓଲୋଜି ବିଭାଗର କନ୍ସଲଟାଣ୍ଟ ଡାକ୍ତର ଗୋଲକ ନାଥ ପାସା ଅତ୍ୟାଧୁନିକ କାର୍ଡିଆକ୍ ଇମେଜିଂ ଏବଂ ଇଣ୍ଟରଭେନ୍ସନାଲ୍ ରେଡିଓଲୋଜି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସମ୍ମର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର ଡାକ୍ତର ବିରାଜ ମୋହନ ମିଶ୍ର ଏବଂ ବରିଷ୍ଠ କର୍ମକର୍ତ୍ତା ଓ ଡାକ୍ତରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ମିଟ-୨୦୨୫ର ଅର୍ଗାନାଇଜିଂ ସେକ୍ରେଟାରୀ ତଥା ସମ୍ମର ଇଣ୍ଟରଭେନ୍ସନାଲ୍ ରେଡ଼ିଓଲୋଜି ବିଭାଗର କନ୍ସଲଟାଣ୍ଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘନ କୁହୁଡ଼ି ପାଇଁ ରାଜ୍ୟ ପରିବହନ ବିଭାଗର ସତର୍କତା ପରାମର୍ଶ

# ସଚେତନତା ଓ ଚେକିଂ କଡ଼ା କଡ଼ି କରିବାକୁ ୬ ଜିଲ୍ଲାର ଆରଟିଓଙ୍କୁ ନିର୍ଦ୍ଦେଶ


**କଟକ/ଭୁବନେଶ୍ୱର, ୨୧/୧୨**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗର କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ସତର୍କତାମୂଳକ ପଦକ୍ଷେପ ନେଇଛି। ବିଭାଗ ଘନ କୁହୁଡ଼ି ପାଇଁ ରାଜ୍ୟର ୬ ଜିଲ୍ଲାର ଆରଟିଓଙ୍କୁ ମାର୍ଗଦର୍ଶିକା ଜାରି କରିଛି। ଏହି ୬ ଜିଲ୍ଲା ହେଉଛି ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁର। ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଜାରି ମାର୍ଗଦର୍ଶିକା ଅନୁସାରେ, ଘନ କୁହୁଡ଼ି ପାଇଁ ଏହି ୬ ଜିଲ୍ଲାର ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥାତ୍ ଏହି ୬ ଜିଲ୍ଲାରେ ସଚେତନତା ଓ ଚେକିଂ କଡ଼ା କଡ଼ି କରାଯିବ। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆରଟିଓ ମାନଙ୍କ ସହ ଏକ ଭର୍ଚ୍ୟୁଆଲ ବୈଠକ ଅନୁଷ୍ଠିତ ହୋଇଛି। ସୂଚନା ଅନୁସାରେ, ସୁରକ୍ଷିତ ଯାତ୍ରା ପାଇଁ ମଧ୍ୟ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ଯେଉଁଥିରେ ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ହାଇ ବିମ୍ ବ୍ୟବହାର କରନ୍ତୁ ନାହିଁ, କୁହୁଡ଼ିରେ ଓଭରଟେକ୍ କରନ୍ତୁ ନାହିଁ, ହଠାତ୍ ବ୍ରେକ୍ ମାରନ୍ତୁ ନାହିଁ, ମଦ୍ୟପାନ କିମ୍ବା କ୍ଲାନ୍ତ ଅବସ୍ଥାରେ ଗାଡ଼ି ଚାଳନା କରନ୍ତୁ ନାହିଁ, ରାସ୍ତା ମଝିରେ ଯାନ ରଖନ୍ତୁ ନାହିଁ ବୋଲି ମଧ୍ୟ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ବାଣିଜ୍ୟିକ ଯାନରେ ହେଡ୍ ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ, ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରନ୍ତୁ ବୋଲି ମଧ୍ୟ ମାର୍ଗଦର୍ଶିକାରେ କୁହାଯାଇଛି। ଘନ କୁହୁଡିରେ ନିହାତି ଦରକାର ନ ଥିଲେ ଯାତ୍ରା କରନ୍ତୁ ନାହିଁ। ଏହାର ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓମାନଙ୍କୁ ନେଇ ଏକ ଭର୍ଚ୍ୟୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ମର୍କତ ନଗର ଥାନାରେ ଏତଲା ଦେଲେ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ମାଆ ଶେଫାଳୀ ସୁନା

**କଟକ, ୨୧/୧୨ ନ୍ୟୁଜ ବ୍ୟୁରୋ**

ଥାନାରେ ଏତଲା ଦେଲେ ହ୍ୟୁମାନ ସାଗରଙ୍କ ମାଆ। କଟକ ମର୍କତ ନଗର ଥାନାରେ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ମାଆ ଶେଫାଳୀ ସୁନା ଦ୍ୱାରସ୍ଥ ହୋଇଛନ୍ତି । ହ୍ୟୁମାନଙ୍କର ମୃତ୍ୟୁ ହୋଇନାହିଁ ବରଂ ତାଙ୍କୁ ଜାଣିଶୁଣି ମାରି ଦିଆଯାଇଛି ବୋଲି ଅଭିଯୋଗ ଆଣିଛନ୍ତି ସେ। ସୂଚନା ମୁତାବକ, ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଦେହାନ୍ତ ହୋଇଥିଲା। ଯାହାପରେ ଅନେକ ଦିନ ଧରି ବିବାଦ ଲାଗିରହିଥିଲା । ଏପିରିକି ହ୍ୟୁମାନଙ୍କ ମ୍ୟାନେଜର ନାଁରେ ଅଭିଯୋଗ ଆଣିଥିଲେ ତାଙ୍କ ମାଆ । ପରେ ମାମଲାରେ ଅନେକ ସାଥୀ କଳାକାରଙ୍କ ନାଁ ମଧ୍ୟ ଆସିଥିଲା। ଇତିମଧ୍ୟରେ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ଏକ ମାସ ପୂରିଥିବାବେଳେ ଏବେ ପୁଣି ଥରେ ଏହି ମାମଲା ଚର୍ଚ୍ଚାକୁ ଆସିଛି । ଶନିବାର ବିଳମ୍ବିତ ରାତିରେ ହ୍ୟୁମାନ ସାଗରଙ୍କ ମାଆ ଶେଫାଳୀ ସୁନା କଟକ ମର୍କତ ନଗର ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପୁଅ ହ୍ୟୁମାନଙ୍କୁ ଜାଣିଶୁଣି ମାରି ଦିଆଯାଇଛି। ତା'ର ମୃତ୍ୟୁ ହୋଇନାହିଁ। ତେଣୁ ଏହି ଘଟଣାର ପୁରା ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ହ୍ୟୁମାନଙ୍କ ଫୋନ୍ ଡିଟେଲ୍, କଟକ ସ୍ଥିତ ବାସଭବନର ସିସିଟିଭି ସବୁକୁ ଯାଞ୍ଚ କରିବାକୁ କହିଛନ୍ତି। ଏହାସହିତ ହ୍ୟୁମାନଙ୍କ ସହ ଜଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କ ନାଁରେ ମଧ୍ୟ ଏତଲା ଦେଇଥିବା ସୂଚନା ମିଳିଛି।



# ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ନିଷ୍ପତ୍ତିକୁ ବିରୋଧ, ହାଇକୋର୍ଟରେ ଦାଖଲ ହେଲା ଜନସ୍ୱାର୍ଥ ମାମଲା



**କଟକ, ୨୧/୧୨**
**ନ୍ୟୁଜ ବ୍ୟୁରୋ**

ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଂଗ ହାଇକୋର୍ଟରେ ପହଞ୍ଚିଛି। ଏ ସଂପର୍କିତ ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ହାଇକୋର୍ଟର ଆଇନଜୀବୀ କବିତା ପାତ୍ରଙ୍କ ତରଫରୁ ଦାୟର ଆବେଦନରେ ଏପରି ନିଷ୍ପତ୍ତି ଜନବିରୋଧୀ ଓ ଏହା ପ୍ରତ୍ୟାହାର ହେବା ଉଚିତ ବୋଲି ଦର୍ଶାଯାଇଛି। ଏକାଥରକେ ଅଢେଇ ଗୁଣରୁ ଅଧିକ ବଢାଯାଇଛି। ଅନ୍ୟ ରାଜ୍ୟ ଗୁଡ଼ିକର ଯଦି ତୁଳନାତ୍ମକ ସ୍ଥିତି ଦେଖାଯିବ ତେବେ ଏହି କ୍ଷେତ୍ରରେ ଓଡ଼ିଶା ଏବେ ପ୍ରଥମ ସ୍ଥାନ ଅଧିକାର କରିଛି। ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ଦ୍ୱାରା ରାଜ୍ୟ ରାଜକୋଶରୁ ପ୍ରତିମାସରେ ୫କୋଟି ଟଙ୍କାରୁ ଅଧିକ ଯିବ। ବିନା କୌଣସି ଆଧାରରେ ବିଧାୟକଙ୍କ ଦରମା ଓ ଭତ୍ତା ଏତେ ପାରିମାଣ ବୃଦ୍ଧି କରାଯାଇଛି । କେଉଁ କାରଣରୁ ବିଧାୟକଙ୍କ ଦରମା ଏତେ ପରିମାଣରେ ବୃଦ୍ଧି କରାଯାଇଛି ତାହା ବୁଝା ପଡୁ ନାହିଁ। କେତେକ ବିଧାୟକ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ସାଧାରଣଲୋକ ମଧ୍ୟ ଏପରି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଲୋକଙ୍କ ମତକୁ ସମ୍ମାନ ଦେଇ କେତେକ ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମଧ୍ୟ ଏପରି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଡିସେମ୍ବର ୯ରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଇଥିଲା। ଏକାଥରକେ ଅଢ଼େଇ ଗୁଣରୁ ଅଧିକ ବୃଦ୍ଧି କରାଯାଇଥିଲା। ପୂର୍ବତନ ବିଧାୟକଙ୍କ ପେନ୍‌ସନରେ ବି ବୃଦ୍ଧି କରାଯାଇଥିଲା। ଏ ସଂକ୍ରାନ୍ତୀୟ ତିନିଟି ପୃଥକ୍ ବିଲ୍ ବିଧାନସଭାରେ ପାରିତ ହୋଇଥିଲା। ୨୦୨୪ ଜୁନ୍ ମାସରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ। ଏଣିକି ପ୍ରତି ପାଞ୍ଚ ବର୍ଷରେ ବିଧାୟକଙ୍କ ଦରମା ସ୍ୱାଭାବିକ ଭାବେ ବୃଦ୍ଧି ହେବ। ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡ଼ିବ ନାହିଁ ବୋଲି ଜଣା ପଡ଼ିଥିଲା। ଶେଷ ଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ୨୦୧୭ ମସିହା ସଂଶୋଧନ ପରେ ବିଧାୟକମାନେ ମୂଳଦରମା ବାବଦକୁ ମାସିକ ୩୫ ହଜାର ଟଙ୍କା ପାଉଥିଲେ। ତେବେ ଭତ୍ତା ମିଶାଇଲେ ତାହା ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ହେଉଥିଲା। ଏବେ ସଂଶୋଧନ କରାଯାଇ ମୂଳ ଦରମାକୁ ମାସିକ ୯୦ ହଜାର ଟଙ୍କା କରାଯାଇଛି। ଅନ୍ୟାନ୍ୟ ଭତ୍ତା ମିଶାଇଲେ ମାସିକ ମୋଟ୍ ୩.୪୫ ଲକ୍ଷ ଟଙ୍କା ମିଳିବ ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା।



**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ତ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସର୍ଦ୍ଦାରଙ୍କ କାନ୍ଧରେ ମାଲ୍‌ଗୋଦାମର ବୋଝ : ହ୍ରାସ ପାଇଛି ସର୍ଦ୍ଦାରଙ୍କ ସଂଖ୍ୟା ଓ ପାରିଶ୍ରମିକ

**କଟକ,୨୧/୧୨ ନ୍ୟୁଜ ବ୍ୟୁରୋ**

ଗୋଦାମ୍ ସାମ୍ନାରେ ଲାଗିଥିବ ଟ୍ରକ୍। ଟ୍ରକ୍ ଡାଲାରୁ ସରୁ ପଟାଟିଏ ଲମ୍ବି ଆସିଥିବ ତଳକୁ, ରାସ୍ତାକୁ । ସେ ଖସଡ଼ା ପଟା ଉପରେ ଚଢ଼ି ଟ୍ରକ୍‌ରୁ ଖଲାସ୍ କରାଯାଉଥିବ ବସ୍ତା ପରେ ବସ୍ତା ମାଲ୍ । ଟ୍ରକ୍ ଡାଲାର ଧାରରେ ପିଠି ଲଗାଇ ବସ୍ତାସବୁ ଗୋଦାମ୍ ଭିତରକୁ ବୋହି ନେଉଥିବେ ଶ୍ରମିକମାନେ । ପୁଣି ବଡ଼ ଗାଡ଼ିରୁ ଛୋଟ ଗାଡ଼ିକୁ ଚାଲିଥିବ ମାଲ୍ ପାରଉତାର୍ । ଆଉ ଏତେ ପରିଶ୍ରମ ପାଇଁ କେବେ ସର୍ଦ୍ଦାର ବଢ଼ାଇ ଦେଉଥିଲା ୧୨ ଟଙ୍କା, ଏବେ ଦେଉଛି ୩ ଟଙ୍କା। ଏହା ହେଲା କଟକ ମାଲଗୋଦାମର ଅକୁହା ଚିତ୍ର। ଖାଲି କଟକ କାହିଁକି, ଓଡ଼ିଶାର ସର୍ବବୃହତ୍ ବ୍ୟବସାୟିକ ମଣ୍ଡି ମାଲ୍‌ଗେଦାମ୍ ଉପରେ ସାରା ରାଇଜଟାର ଲୋକେ ଯେବେ ନିର୍ଭରଶୀଳ ଥିଲେ, ସେବେ ଆଖିରେ ପଡୁଥିଲା ଏମିତିକା ଦୃଶ୍ୟ। ସକାଳୁ ଆରମ୍ଭ ହୋଇଯାଉଥିଲା ଗହଳିଚହଳି। ବିଳମ୍ବିତ ରାତିରେ ବି ପହଞ୍ଚି ଯାଉଥିଲା ଅନ୍ୟ ରାଜ୍ୟରୁ, ଦୂର ଅଞ୍ଚଳରୁ ଖାଦ୍ୟ ସାମଗ୍ରୀ ଧରି ଆସିଥିବା ଗୁଡ଼ାଏ ଟ୍ରକ୍। ଚାଲୁଥିଲା ବୋଝେଇ ଓ ଖଲାସି କାରବାର । ଏହାରି ଭିତରେ ହେଉଥିଲା ମୂଲ୍‌ଚାଲ୍, ବିକ୍ରିବଟା ଏବଂ ଏ ବୋଝେଇ ଖଲାସ୍-ମୂଲ୍‌ଚାଲ୍ ପ୍ରକ୍ରିୟାର ମୁଖ୍ୟ ମାର୍ଫତ୍‌ଦାର୍ ସାଜୁଥିଲେ ସର୍ଦ୍ଦାରମାନେ। ରାଜ୍ୟର ସର୍ବବୃହତ ବ୍ୟବସାୟିକ ପେଣ୍ଠ ମାଲ୍‌ଗୋଦାମର ଏହି ସର୍ଦ୍ଦାର୍ ପରମ୍ପରାର ଆୟୁଷ ୧୦୦ ବର୍ଷରୁ ଅଧିକ ହେବ। ଯାହା ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ଏବେ ବି ମାଲ୍‌ଗୋଦାରେ ପ୍ରତି ଦିନ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଛି। ଏଣୁ ପୂରା ପ୍ରକ୍ରିୟା ଓ କାରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ସର୍ଦ୍ଦାରମାନେ। କଟକ ମାଲ୍‌ଗୋଦାମ୍ ଭିତରେ ରହିଛି ୩ ଶହରୁ ଅଧିକ ବଡ଼ ଗୋଦାମ୍ ଓ ଆଉ ୪ ଶହରୁ ଅଧିକ ସାନ ଗୋଦାମ୍। ଏସବୁ ଗୋଦାମ୍‌ର ନିତିଦିନିଆ କାରବାରର ବୋଝ ଲଦା ହୋଇଛି ସର୍ଦ୍ଦାର୍ ଓ ତାଙ୍କ ଶ୍ରମିକ ଟିମ୍‌ଙ୍କ କାନ୍ଧରେ । କଟକ ସହର ଆଖପାଖ ବାରଙ୍ଗ, ଜଇପୁର, ବେଲଗଛିଆ, ଗୋଠପୁର, ନୂଆସାହି, ମର୍ଦ୍ଦିଆ, ଝିଙ୍କରଡିଅ, ପ୍ରତାପନଗରୀ, ନୂଆଗଡ଼ ଓ ବାଣପୁର ଆଦି ଅଞ୍ଚଳରୁ ଦୁଇ ହଜାରରୁ ଅଧିକ ଶ୍ରମିକ ପ୍ରତ୍ୟେକ ଦିନ ମାଲଗୋଦାମ୍‌କୁ ଆସି ଏହି ବୋଝ ଖଲାସି କାର୍ଯ୍ୟରେ ଲାଗିଥାନ୍ତି । ସେହିପରି ୬୦ରୁ ଅଧିକ ସର୍ଦ୍ଦାର୍ ବା ଶ୍ରମିକ ମୁଖିଆ ଅଛନ୍ତି । ଏମାନଙ୍କ ଯୋଗୁଁ ମାଲ୍‌ଗୋଦାମ୍ ସଦା ଚଳଚଞ୍ଚଳ ଥାଏ। ଶ୍ରମିକମାନେ ସକାଳୁ ଆସି କାମରେ ଲାଗିପଡ଼ନ୍ତି। କାମ ସରିଲେ ସର୍ଦ୍ଦାରଙ୍କଠାରୁ ପାଉଣା ନେଇ ଘରକୁ ଫେରିଥାନ୍ତି। ମାଲ୍‌ଗୋଦାମ୍‌କୁ ଆସୁଥିବା ସବୁ ଶ୍ରମିକ ଜଣେ ଜଣେ ସର୍ଦ୍ଦାରଙ୍କ ଅଧୀନରେ କାମ କରନ୍ତି । ଜଣେ ସର୍ଦ୍ଦାରଙ୍କ ଅଧୀନରେ ୨୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଯଦି କୌଣସି ଶ୍ରମିକ, ସର୍ଦ୍ଦାର୍ ବଦଳାଇ ଅନ୍ୟ ସର୍ଦ୍ଦାରଙ୍କ ପାଖରେ କାମ କରିବାକୁ ଚାହାନ୍ତି ତେବେ ସର୍ଦ୍ଦାର କମିଟିକୁ ଜଣାଇବାକୁ ପଡ଼ିଥାଏ । କମିଟିର ନିଷ୍ପତ୍ତି କ୍ରମେ ତାଙ୍କୁ ଅନ୍ୟତ୍ର କାମ କରିବାକୁ ସୁଯୋଗ ମିଳେ । ନିୟମ ରହିଛି କି ମନମୁଖି ଭାବେ ଶ୍ରମିକମାନେ ସର୍ଦ୍ଦାର ବଦଳାଇ ପାରିବେ ନାହିଁ । ସେହିପରି ଦିନମାନର ରୋଜଗାରରୁ ସର୍ଦ୍ଦାର୍ ନିଜ ଅଧୀନରେ ଥିବା ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ପରେ ନିଜ ଭାଗ କିଛି ରଖିଥାନ୍ତି। ଏବେ କିନ୍ତୁ ଧିରେ ଧିରେ ସ୍ଥିତି ବଦଳିଲାଣି । ମାଲ୍‌ଗେଦାମ୍‌ରେ ସର୍ଦ୍ଦାରମାନଙ୍କର ଆଉ ପୂର୍ବଭଳି ଆୟ ହେଉନାହିଁ। କାରଣ ଆଗରୁ ଅଧିକ ସଂଖ୍ୟକ ଛୋଟ ମାଲ୍‌ବୁହା ଗାଡ଼ି ନ ଥିଲା। ଯାହା ଥିଲା କେବଳ ବଡ଼ ଟ୍ରକ୍। ସେଥିରେ ମାଲ୍ ବୋଝେଇ ଓ ଖଲାସ୍ କରିବାକୁ ଅଧିକ ଶ୍ରମିକ ଦରକାର ପଡୁଥିଲେ। ସେଥିପାଇଁ ଜଣେ ଜଣେ ସର୍ଦ୍ଦାର ଏକାଧିକ ଗୋଦାମ୍ ମାଲିକଙ୍କୁ ଶ୍ରମିକ ଯୋଗାଉଥିଲେ। କିନ୍ତୁ ଏବେ ଛୋଟ ମାଲ୍‌ବୁହା ଗାଡ଼ିଗୁଡ଼ିକର ବହୁଳ ବ୍ୟବହାର ହେବା ଯୋଗୁଁ ଆଉ ବେଶି ଶ୍ରମିକ ଲୋଡା ପଡୁ ନାହାନ୍ତି । ତଥାପି ମାଲଗୋଦାମ୍‌ରେ ଏବେ ବି ସର୍ଦ୍ଦାର୍ ପରମ୍ପରା ବଞ୍ଚି ରହିଛି । ପରମ୍ପରା ବଞ୍ଚିଛି ସତ, ସର୍ଦ୍ଦାରମାନଙ୍କ ରୋଜଗାର କିନ୍ତୁ କମିଯାଇଛି । ଏ ସଂପର୍କରେ ଶ୍ରମିକ ସଂଘର ସଂପାଦକ ସର୍ଦ୍ଦାର ନରେନ୍ଦ୍ର ଜେନା କହିଛନ୍ତି, ୧୯୮୧ ମସିହାରୁ ମୁଁ ଏଠାରେ ସର୍ଦ୍ଦାର ଭାବେ କାମ କରୁଛି । ଆଗରୁ ମାଲ୍‌ଗୋଦାମ୍ ରାସ୍ତା ଏତେ ଭଲ ନ ଥିଲା । ବର୍ଷା ସମୟରେ କାଦୁଅ ଓ ପଙ୍କ ଭରା ରାସ୍ତାରେ ପିଠିରେ ଶହେ କିଲୋ ଓଜନର ବସ୍ତା ବୋହିଛୁ ଆମେ। ସେ ସମୟରେ ଗାଡ଼ିରୁ ୧୦୦ କିଲୋ ଓଜନର ବସ୍ତା ଖଲାସ୍ କଲେ ୧୨ ଟଙ୍କା ମିଳୁଥିଲା । କିନ୍ତୁ ଏବେ କୁଇଣ୍ଟାଲ୍ ବଦଳରେ ୫୦ କେଜିଆ ଛୋଟ ବସ୍ତାରେ ମାଲ୍ ଆସୁଛି। ଗୋଟିଏ ବସ୍ତା ଖଲାସ୍ କଲେ ୩ ଟଙ୍କା ମିଳୁଛି । ସର୍ଦ୍ଦାର ସୁଶାନ୍ତ କୁମାର ନାୟକଙ୍କ କହିବା କଥା, ମାଲ୍‌ଗୋଦାମ୍‌ରେ ସର୍ଦ୍ଦାରମାନଙ୍କର ଆଉ ପୂର୍ବଭଳି ଆୟ ହେଉନାହିଁ । ଗୋଦାମ ମାଲିକମାନେ ଛୋଟ ଗାଡ଼ି ଯୋଗେ ମାଲ୍ ନେଇ ହୋଲ୍‌ସେଲ୍ ଓ ବଡ଼ ବଡ଼ ରିଟେଲରଙ୍କୁ ଦେଇ ଆସୁଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗୋଦାମ୍ ଖୋଲିଲାଣି। ତେଣୁ ସର୍ଦ୍ଦାରମାନେ ପୂର୍ବପରି ରୋଜଗାର ପାଇବା କଷ୍ଟକର ହେଉଛି। ତଥାପି ଏଠାରେ କାମ କରୁଥିବା ଶ୍ରମିକମାନେ ଦିନକୁ ୩୦୦ ଟଙ୍କାରୁ ଅଧିକ କମାଇଥାନ୍ତି। ମାତ୍ର ଦିନେ ଦିନେ ତାହା ମଧ୍ୟ ମିଳିନଥାଏ। ଅନ୍ୟପକ୍ଷରେ ଶ୍ରମିକ ବ୍ରଜ କିଶୋର ଜେନା କହିଛନ୍ତି, ମୋ ବାପା ସ୍ୱର୍ଗତ ବିଶ୍ୱନାଥ ଜେନା ମାଲ୍‌ଗୋଦାମ୍‌ରେ ସର୍ଦ୍ଦାର କାମ କରୁଥିଲେ । ବାପା ୪୦ ବର୍ଷ ଧରି ଏଠାରେ ସର୍ଦ୍ଦାର ଥିଲେ । ତାଙ୍କ ଅଧୀନରେ ୩୦ରୁ ଅଧିକ ଶ୍ରମିକ କାମ କରୁଥିଲେ । ୫ ବର୍ଷ ହେଲା ସର୍ଦ୍ଦାରଙ୍କ ସଂଖ୍ୟା କମିଯାଇଛି। ଏବେ ଦୋକାନୀମାନେ ସ୍ଥାୟୀ ଶ୍ରମିକ ରଖି ନିଜ କାମ କରାଉଛନ୍ତି। ଫଳରେ ସର୍ଦ୍ଦାର ଓ ତାଙ୍କ ଅଧୀନରେ କାମ କରୁଥିବା ଶ୍ରମିକ କମିଛନ୍ତି। ଏମିତିକା ସ୍ଥିତିରେ ମାଲଗୋଦାମର ସର୍ଦ୍ଦାର୍ ପରମ୍ପରା ଆଉ କେତେ ଦିନ ବଞ୍ଚିରହୁଛି ଦେଖିବାକୁ ବାକି ରହିଛି।